# ଧରିତ୍ରୀ
DHARITRI


ଢେଙ୍କାନାଳ, ରବିବାର, ୩୧ ମାର୍ଚ୍ଚ, ୨୦୧୯ | ( ୧୬ ପୃଷ୍ଠା + ଛୁଟିଦିନ) | Dhenkanal, Sunday, 31 March, 2019 | ★★★★★

୧୫ଶ ଭାଗ ୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



ଫିନୋଲେକ୍ସ
ପାଇପ୍ସ

## THE TURN OF A WRIST




One turn.
With one turn,
Millions of houses,
Big and small,
Crowded and sparse,
Lively and quiet,
Are getting their water.
Some of you are doing it right now.
Witnessing engineering's biggest performance.
But the real action is happening beyond that tap.
Where an army of architects, builders, and plumbers
Are establishing the foundation. Setting the building blocks.
Creating a network of uncompromisable pipes,
Delivering the promise of unmatched quality.
It's an adventure. But it's also a responsibility.
Because on a hot day like today,
When you think about water
There's only one thing to do,
Look at that tap.
And turn that wrist.

Scan to know more

finolexpipes.com | 1800 200 3466

**OUR PARTNER DEALERS**

**Angul**: Manoranjan Sahoo, Ph: 9437040545; Odisha Sanitary Private Limited, Ph: 9437040567; S K Borewell, Ph: 9937602255; Vijaya Sanitations, Ph: 9438254892; **Balasore**: International Polymer, Ph: 9437016385; **Bargarh**: Deepak Enterprises, Ph: 9437051389; Kumar Electric & Mill Store, Ph: 9438820000; **Berhampur**: Konark Sales Corporation, Ph: 9861018777; Narayani Steel & Sanitary, Ph: 9437223069; Vijaya Sales Corporation, Ph: 8249103431; **Bhadrak**: Utkal Building Materials Pvt Ltd, Ph: 9437060364; **Bhubaneshwar**: Arise Marketing, Ph: 9556393210; Express Micro Irrigation & Services, Ph: 9439048008; Gupta General Stores, Ph: 9437072210; Hindustan Hardware & Paints, Ph: 9237125525; M R Enterprisers, Ph: 9437019869; Meera Sanitary & Electricals, Ph: 9861423277; Roys Micro Irrigation Enterprise, Ph: 9338232473; S. K. Sanitary, Ph: 8328876788; Shree Ganesh Sanitation, Ph: 9437010928; Siddheshwar Enterprise, Ph: 8249326592; Vasundhara Micro Irrigation & Services, Ph: 7752018970; **Bolangir**: Jain Traders, Ph: 9437070135; Kiran Sanitary & Machineries, Ph: 9437093206; Laxmi Sanitary, Ph: 9437146175; Manoharlal Debi Prasad, Ph: 9437224986; Shivshakti Trading Co., Ph: 9437038464; Shree Gayatri Hardware, Ph: 9437329980; **Cuttack**: Sidhi Vinayak Sanitary, Ph: 9861003064; **Dhenkanal**: Gobinda Enterprises, Ph: 9658333320; Shanti Steel & Sanitary, Ph: 9439349886; **Jagatsingpur**: Bharat Machinery & Sanitary, Ph: 9337711870; M/S Friends Enterprises, Ph: 9015655724; **Jajpur**: Chandikhole Sanitary & Hardware, Ph: 7008194722; R. D. Marble & Sanitaryware, Ph: 9437021099; **Jharsugda**: Inmo Fertilizers & Chemicals Pvt. Ltd., Ph: 9861423344; Mamta Marbles (Orissa), Ph: 9437072091; Mishra Pipes 'N' Tiles, Ph: 9938221388; **Kalahandi**: Kamani Hardware & Electricals, Ph: 9437074208; **Kendrapada**: Prasanta Traders, Ph: 9939272927; **Keonjhar**: Jagannath Enterprises, Ph: 9437395281; **Koraput**: Happy Home, Ph: 9583842610; **Mayurbhanj**: Balaji Enterprises, Ph: 9778597151; Basanti Enterprises, Ph: 9776764049; Sidhi Vinayak Traders, Ph: 8895703457; **Puri**: Marketing Division, Ph: 9040840185; Trishakti Sanitary Store, Ph: 9040541662; **Rayagada**: Royal Sanitation, Ph: 8895170022; **Rourkela**: Hariram Amit Kumar, Ph: 9937003580; Mayankraj, Ph: 9437043486; Sivani Enterprises, Ph: 9437002000; **Sambalpur**: Parida Sanitary, Ph: 9861337720; Vasista Sanitary And Machinary, Ph: 9853290857.

## କଟକରେ ଛିଡୁନି କଂଗ୍ରେସ ଅଙ୍କ

# ‘ଏମ୍‌ପି ପ୍ରାର୍ଥୀଙ୍କୁ ନେଇ ଦଳରେ ବଡ଼ ଖେଳ’

**ନିର୍ମଳ ପଣ୍ଡା**
**କଟକ ଅଫିସ,୩୦।୩**

କଟକରେ କଂଗ୍ରେସ ଅଙ୍କ ଛିଡୁନି। ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୩ଦିନ ତଳୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଦଳର କଟକ ଏମ୍‌ପି ପ୍ରାର୍ଥୀଙ୍କ ନାମ ଅଦ୍ୟାବଧି ଘୋଷଣା ହୋଇନାହିଁ। ଦଳ ପକ୍ଷରୁ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କୁ ପ୍ରାର୍ଥୀ କରାଯିବ ବୋଲି ଏକପ୍ରକାର ଚୂଡାନ୍ତ ହୋଇଥିଲା। ମାତ୍ର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏମ୍‌ପି ପ୍ରାର୍ଥୀଙ୍କ ନାମ ଘୋଷଣା ଝୁଲେଇ ରଖିବା ନେଇ ଏବେ ରାଜନୀତି ମହଲରେ ନାନା ପ୍ରକାର ଆଲୋଚନା ହେଉଛି। କାରଣ ବିଜେଡି ମଧ୍ୟ କଟକ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। ଏଭଳି ସ୍ଥିତି ଉପୁଜିବା ପଛରେ କଂଗ୍ରେସର ତଳ ସ୍ତରର ନେତାମାନେ ଦଳର ଉଚ୍ଚସ୍ତରର ନେତାମାନଙ୍କୁ ସିଧା ସମାଲୋଚନା କରିଛନ୍ତି। ପିସିସି ଏସ୍‌ସି ସେଲର ସହଅଧ୍ୟକ୍ଷ ବାଙ୍କନିଧି ବେହେରା କଟକ ଏମ୍‌ପି ପ୍ରାର୍ଥୀ ଚୂଡାନ୍ତ ନ ହେବା ପଛରେ ଦଳ ଭିତରେ ବଡ଼ ଖେଳ ଚାଲିଥିବା କହିଛନ୍ତି। ବାଙ୍କନିଧି କହିଛନ୍ତି ଯେ, କଂଗ୍ରେସର ରାଜ୍ୟ ସ୍ତରର ଜଣେ ଶୀର୍ଷ ସ୍ତରର ନେତାଙ୍କ ଭାଇ କିମ୍ବା ଶତ୍ରୁ କଟକ ଆସନରୁ ବିଜେଡି ଏମ୍‌ପି ପ୍ରାର୍ଥୀ ହେବାର ସମ୍ଭାବନା ରହିଛି। ତେଣୁ ଦଳ ଜିଲାର ପ୍ରତ୍ୟେକ ବିଧାନସଭା ଆସନରେ ଜାଣିଶୁଣି ଦୁର୍ବଳ ପ୍ରାର୍ଥୀ ଦେଉଥିବାବେଳେ ଏମ୍‌ପି ପ୍ରାର୍ଥୀ ନାମ ଘୋଷଣାକୁ ମଧ୍ୟ ଝୁଲେଇ ରଖିଛି। ପଞ୍ଚାନନଙ୍କୁ ତାଙ୍କ ପ୍ରାର୍ଥୀତ୍ୱ ସମ୍ପର୍କରେ ପଚାରିବାରୁ ସେ କହିଥିଲେ, ଦଳ କାହିଁକି ତାଙ୍କ ନାମ ଘୋଷଣା କରୁନାହିଁ ସେ କଥା ଦଳର ହାଇକମାଣ୍ଡ ହିଁ କହିପାରିବେ।

ଅନ୍ୟପକ୍ଷରେ ଚୌଦ୍ୱାର-କଟକ, ସାଲେପୁର ଓ ବଡ଼ମ୍ବା ଆସନ ପାଇଁ ମଧ୍ୟ କଂଗ୍ରେସ ପ୍ରାର୍ଥୀଙ୍କ ନାମ ଚୂଡାନ୍ତ ହୋଇପାରିନାହିଁ। ସାଲେପୁରରେ ଦଳର ବିଧାୟକ ପ୍ରକାଶ ବେହେରା ଭାଜପାରେ ଯୋଗଦେଇଥିବା ବେଳେ ଦଳ ସେଠାରେ ପ୍ରକାଶଙ୍କ ବିକଳ୍ପ ସନ୍ଧାନରେ ରହିଛି। ଜିଲା କଂଗ୍ରେସ ସଭାପତି ଗୁରୁପଦ ନନ୍ଦ, ପୂର୍ବତନ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରବୀନ୍ଦ୍ର କରଙ୍କ ନାମ ଟିକେଟ ପାଇବା ଚର୍ଚ୍ଚାରେ ରହିଛି। ଚୌଦ୍ୱାର-କଟକରେ ରାଜସ୍ଥାନର ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଗଦୀଶ ଚନ୍ଦ୍ର ମହାନ୍ତିଙ୍କ ନାମ ଚର୍ଚ୍ଚା ହେଉଥିବା ବେଳେ ଯୁବନେତା ମାନସ ଚୌଧୁରୀ ମଧ୍ୟ ଟିକେଟ ଦୌଡ଼ରେ ରହିଛନ୍ତି। ସେହିପରି ବଡମ୍ବାରେ ବବି ମହାନ୍ତି, ସଞ୍ଜୟ ସାହୁ, ଶିଶିର ମିଶ୍ର, ଅମୁ ପଟ୍ଟନାୟକ ଓ ମନୋରଞ୍ଜନ ନାୟକ ଟିକେଟ ଦୌଡରେ ରହିଥିବାବେଳେ ଦଳ କାହା ନାମ ଚୂଡାନ୍ତ କରୁଛି ତାହା ଉପରେ ରାଜନୈତିକ ସମୀକ୍ଷକମାନେ ନଜର ରଖିଛନ୍ତି। ଜିଲା ସଭାପତି ନନ୍ଦ କୁହନ୍ତି, ଆଗାମୀ ଦିନେ ଦୁଇଦିନ ମଧ୍ୟରେ ସମସ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ।

### ବଦଳିପାରନ୍ତି ସଦର ଆସନ ପ୍ରାର୍ଥୀ

ଅପରପକ୍ଷରେ କଟକ ସଦର ଆସନରୁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହୋଇଥିବା ରତ୍ନାକର ବେହେରାଙ୍କ ଅସୁସ୍ଥତା କାରଣରୁ ତାଙ୍କ ପରିବର୍ତ୍ତେ ଦଳର ସୋସିଆଲ ମିଡିଆ ଅଧ୍ୟକ୍ଷ ଅଭିଷେକ ମହାନନ୍ଦଙ୍କୁ ପ୍ରାର୍ଥୀ କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଦଳର ଜିଲା ସଭାପତି ଗୁରୁପଦ ନନ୍ଦଙ୍କୁ ସଦର ଆସନ ପ୍ରାର୍ଥୀ ପରିବର୍ତ୍ତନ ସମ୍ପର୍କରେ ପଚାରିବାରୁ ସେ ମଧ୍ୟ ଏହାକୁ ସ୍ୱୀକାର କରିଥିଲେ। କିନ୍ତୁ ରତ୍ନାକରଙ୍କ ବଦଳରେ ଦଳ କାହାକୁ ପ୍ରାର୍ଥୀ କରିବ ସେ ସମ୍ପର୍କରେ କିଛି ଚୂଡାନ୍ତ ନିଷ୍ପତ୍ତି ହୋଇ ନ ଥିବା ସେ କହିଥିଲେ। ଅଭିଷେକଙ୍କୁ ତାଙ୍କ ପ୍ରାର୍ଥୀତ୍ୱ ସମ୍ପର୍କରେ ପଚାରିବାରୁ ତାଙ୍କୁ ଦଳ ପକ୍ଷରୁ କୌଣସି ନିର୍ଦ୍ଦେଶ ମିଳିନାହିଁ। ଯଦି ଦଳ ତାଙ୍କୁ ପ୍ରାର୍ଥୀ କରେ ତେବେ ସେ ନିଶ୍ଚିତ ଲଢିବେ ବୋଲି କହିଛନ୍ତି। ସୂଚନାଥାଉକି, ଅଭିଷେକ ହେଉଛନ୍ତି ରାଜ୍ୟ ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ଅସୀମା ମହାନନ୍ଦଙ୍କ ପୁଅ। ଅସୀମା ୨୦୦୯ରେ କଟକ ସଦର ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କଠାରୁ ପରାସ୍ତ ହୋଇଥିଲେ। କାଳିନ୍ଦୀ ୭୧ହଜାର ୬୩୧ ଖଣ୍ଡ ଭୋଟ ପାଇଥିବା ବେଳେ ଅସୀମା ୨୨ହଜାର ୨୮୭ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହି ନିର୍ବାଚନରେ ଭାଜପା ପ୍ରାର୍ଥୀ ଦିଲୀପ ମଲିକ ୧୫ହଜାର ୪୦୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୨୦୧୯ରେ ସଦର ଆସନରୁ ବିଜେଡି ପକ୍ଷରୁ କାଳିନ୍ଦୀଙ୍କ ପୁଅ ତଥା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଦ୍ୱିତୀୟଥର ପାଇଁ ଦଳୀୟ ପ୍ରାର୍ଥୀ ହୋଇଥିବା ବେଳେ ଭାଜପା ପକ୍ଷରୁ ଦଳର ରାଜ୍ୟ ସମ୍ପାଦକ ଦିଲୀପ ମଲିକ ମଧ୍ୟ ଏଠାରୁ ତୃତୀୟ ଥର ପାଇଁ ପ୍ରାର୍ଥୀ ହୋଇଛନ୍ତି। ଯଦି ଅଭିଷେକଙ୍କୁ କଂଗ୍ରେସ ପ୍ରାର୍ଥୀ କରେ ତେବେ ସେ ସମ୍ପୂର୍ଣ୍ଣ ନୂଆ ମୁହଁଭାବେ ଆବିର୍ଭାବ ହେବେ।

## ପଶ୍ଚିମ ଓଡ଼ିଶାରୁ ୧୭ ଲକ୍ଷ ଟଙ୍କା ଜବତ

**ପାଟଣାଗଡ଼(ଡି.ଏନ.ଏ.)/ସୋନପୁର/ବଣାଇ,୩୦।୩(ନି.ପ୍ର./ସ୍ୱ.ପ୍ର.)**

ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶୁକ୍ରବାର ଓ ଶନିବାର ୧୭ଲକ୍ଷ ୭୦ହଜାର ଟଙ୍କା ଜବତ କରାଯାଇଛି। ଉକ୍ତ ଟଙ୍କା ନିର୍ବାଚନରେ ଖର୍ଚ୍ଚ କରାଯିବା ପାଇଁ ନିଆଯାଉଥିବା ସନ୍ଦେହ କରାଯାଉଛି। ଜବତ ଟଙ୍କାକୁ ସ୍କ୍ୱାଡ୍ ନିଜ ହେପାଜତକୁ ନେଇଛି।

ବଲାଙ୍ଗୀର ଜିଲା ପାଟଣାଗଡ ବଥର୍ଲା ଛକରେ ଶନିବାର ଏକ ମାରୁତି ବ୍ରିଜା ଗାଡି (ନଂ. ଓଡି.୦୩.ଏମ. ୪୯୯୫) ଯାଞ୍ଚ ବେଳେ ୮ ଲକ୍ଷ ଟଙ୍କା ଜବତ କରାଯାଇଛି। ଗାଡିରେ ଥିବା ଖପ୍ରାଖୋଲ ବ୍ଲକ ଓଡିଆପାଲି ଗ୍ରାମର ଚୂଡାମଣି କଟାଙ୍କ ପାଖରୁ ଉକ୍ତ ଟଙ୍କା ଜବତ କରାଯାଇଥିଲା। ମାଜିଷ୍ଟ୍ରେଟ



ଦାୟିତ୍ୱରେ ଥିବା ପାଟଣାଗଡ ଏଆରସିଏସ୍ ପ୍ରମୋଦ ବରିହା ଉକ୍ତ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଏହା କୌଣସି ରାଜନୈତିକ ଦଳର ଟଙ୍କା ନୁହେଁ, ତାଙ୍କ ନିଜ ଟଙ୍କା ବୋଲି ଚୂଡାମଣି କହିଛନ୍ତି। ତାଙ୍କର କପା ମିଲ ଅଛି। ସେ ଚାଷୀଙ୍କୁ ପଇଠ କରିବା ପାଇଁ ଉକ୍ତ ଟଙ୍କା ନେଉଥିବା କହିଛନ୍ତି।

ସେହିପରି ଶନିବାର ସୋନପୁରର ଅତିରିକ୍ତ ତହସିଲଦାର ତ୍ରିପୁରା ମହାନନ୍ଦଙ୍କ ନେତୃତ୍ୱରେ ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍ ଏକ କାରରୁ ନଗଦ ୩ ଲକ୍ଷ ଟଙ୍କା ଜବତ କରିଛି। ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ଖମ୍ବେଶ୍ୱରୀପାଲି ନିକଟରେ ଯାନବାହାନ ତନଖି ଚାଲିଥିବା ବେଳେ ତରଭା ଥାନା ବାଗବାହାଲି ଗ୍ରାମର ପ୍ରଭୁଦତ୍ତ ମିଶ୍ରଙ୍କ ସ୍ୱିଫ୍ଟ ଡିଜାୟାର କାର (ନଂ-ଓଡି୩୧ବି-୦୦୨୧)ରୁ ଏହି ଟଙ୍କା ମିଳିଥିଲା। ବ୍ୟବସାୟ କାମରେ ଲାଗିବା ପାଇଁ ଏହି ଟଙ୍କା ନେଉଥିବା ପ୍ରଭୁଦତ୍ତ କହିଛନ୍ତି। ଏ ନେଇ ସୋନପୁର ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ କାର୍‌କୁ ଛଡାଯିବା ସହ ଜବତ ଟଙ୍କା ଜିଲା କୋଷାଗାର ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି।

ଶୁକ୍ରବାର ବିଳମ୍ବିତ ରାତିରେ କୋଇଡା ନିକଟରୁ ଫ୍ଲାଇଂ ସ୍କ୍ୱାର୍ଡ ୬ଲକ୍ଷ ୭୦ହଜାର ଟଙ୍କା ଜବତ କରିଛି। ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କ ନେତୃତ୍ୱରେ ସ୍କ୍ୱାଡ୍ ଏକ ବୋଲେରୋ (ନଂ.ଓଆର୍ ୧୪ କ୍ୟୁ- ୭୭୦୮)କୁ ଯାଞ୍ଚ କରିଥିଲା। ଡ୍ରାଇଭର ପ୍ରଦୀପ କୁମାର ଅଗ୍ରୱାଲ ସେହି ଟଙ୍କା ନେଇ ଯାଉଥିବା ବେଳେ ଧରାପଡିଥିଲେ। ଜବତ ଟଙ୍କା ରଶ୍ମି ଟ୍ରାନ୍ସପୋର୍ଟର ବୋଲି ପ୍ରଦୀପ କହିଛନ୍ତି। ସେ ଉକ୍ତ ଟ୍ରାନ୍ସପୋର୍ଟ କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ତେବେ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ଶନିବାର ଉକ୍ତ ଟଙ୍କା ବଣାଇ ଟ୍ରେଜେରିରେ ଦାଖଲ କରାଯିବା ସହ ତଦନ୍ତ ଜାରି ରହିଛି। ପ୍ରଦୀପଙ୍କ ରାଜନୈତିକ ସମ୍ପର୍କ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି।

## ୬ରେ ସୁବର୍ଣ୍ଣପୁର ଆସିବେ ମୋଦି

**ସୋନପୁର,୩୦।୩(ନି.ପ୍ର.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ପାଇଁ ଏପ୍ରିଲ ୬ ରେ ସୁବର୍ଣ୍ଣପୁର ଆସିବେ। ସହରର ରାମେଶ୍ୱର ନିକଟସ୍ଥ ଷ୍ଟାଡିୟମରେ ଆୟୋଜିତ ଜନସମାବେଶକୁ ସେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଶନିବାର ଅପରାହ୍ନରେ ପାଟଣାଗଡ ବିଧାୟକ ତଥା ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ ସୋନପୁର ଆସି ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଷ୍ଟାଡିୟମ ବୁଲି ଦେଖିବା ସହିତ ସ୍ଥାନୀୟ ଦଳୀୟ ନେତୃବୃନ୍ଦଙ୍କ ସହିତ ଆଲୋଚନା କରିଥିଲେ। ପରେ ଦଳୀୟ ନେତୃବୃନ୍ଦ ଏସ୍‌ପି ଦେବୀପ୍ରସାଦ ଦାଶଙ୍କ ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିବା ନେଇ ଜଣାପଡିଛି। ଦଳ ପକ୍ଷରୁ ନିର୍ବାଚନୀ ସଭା ପାଇଁ ଅନୁମତି ମଧ୍ୟ ମଗାଯାଇଛି। ଶନିବାର ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିବାରୁ ଜିଲା ଭାଜପା ଶିବିର ବେଶ୍ ଉତ୍ସାହିତ ହୋଇ ପଡିଛି। କନକ ବର୍ଦ୍ଧନଙ୍କ ସହିତ ସୋନପୁର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ପୂଜାରୀ, ବରିଷ୍ଠ ନେତା ପ୍ରମୋଦ ମହାପାତ୍ର, ଦିଲୀପ ପୁରୋହିତ ଓ ଗଣେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ନେତାମାନେ ସଭାସ୍ଥଳ ଅନୁଧ୍ୟାନ କରୁଛନ୍ତି।

# ବିଜେଡିର ୩ ବିଧାନସଭା ଆସନକୁ ନେଇ ଉତ୍କଣ୍ଠା

**ହେମନ୍ତ ନାୟକ**
**ପୁରୀ ଅଫିସ,୩୦।୩**



ପ୍ରଦୀପ ମହାରଥୀ



ସୁରେନ୍ଦ୍ର ସେଠୀ



ସମୀର ରଞ୍ଜନ ଦାଶ

ତୃତୀୟ ଏବଂ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୧୮ଟି ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଛନ୍ତି। ଏଥିରେ କେବଳ ପୁରୀ ନିର୍ବାଚନମଣ୍ଡଳୀରୁ ମହେଶ୍ୱର ମହାନ୍ତିଙ୍କ ନାମ ଘୋଷଣା କରାଯାଇଛି। ଏବେ ବି ୩ଟି ବିଧାନସଭା ଆସନରେ କିଏ ବିଜେଡି ପ୍ରାର୍ଥୀ ହେବେ ସେନେଇ ଅନେକଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ଜିଲାର ମୋଟ ୬ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ସତ୍ୟବାଦୀ, ବ୍ରହ୍ମଗିରି ଓ ପୁରୀରୁ ବିଜେଡି ପ୍ରାର୍ଥୀ ଘୋଷଣା ହୋଇଥିବାବେଳେ ପିପିଲି, ନିମାପଡ଼ା ଓ କାକଟପୁର ଆସନ ପାଇଁ ନିଷ୍ପତ୍ତି ଝୁଲି ରହିଛି।

ପିପିଲି କଥା ଦେଖିଲେ ୨୦୦୦ ମସିହାରୁ ଲଗାତର ୪ଥର ଜିତିଛନ୍ତି ବିଜେଡିର ପ୍ରଦୀପ ମହାରଥୀ। ଏକାଧିକ ଥର ମନ୍ତ୍ରୀ ହୋଇଥିବା ମହାରଥୀ ମଝିରେ ମଝିରେ ବିବାଦୀୟ ମନ୍ତବ୍ୟ ପାଇଁ ମନ୍ତ୍ରୀ ପଦରୁ ହଟିଛନ୍ତି। ଅନେକ ସମୟରେ ତାଙ୍କ ପାଇଁ ବିଜେଡିକୁ ଘେରିଛନ୍ତି ବିରୋଧୀ। ତେଣୁ ଏଥର ମହାରଥୀଙ୍କୁ ଦଳ ପ୍ରାର୍ଥୀ କରିବ ନା ନୂଆ ମୁହଁକୁ ସୁଯୋଗ ଦେବ ତାକୁ ନେଇ ଦ୍ୱନ୍ଦ୍ୱ ରହିଛି। ଅନ୍ୟପକ୍ଷେ ଜଣେ ମହିଳା ପ୍ରାର୍ଥୀଙ୍କୁ ଏଠାରେ ସୁଯୋଗ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ଏମିତି ସମୀକରଣକୁ ନେଇ ଅଡୁଆରେ ପଡିଥିବା ବିଜେଡି ଏଠାରୁ କାହାକୁ ପ୍ରାର୍ଥୀ କରିବ ତାହାକୁ ନେଇ ଭୋଟରଙ୍କ ମଧ୍ୟରେ ନାନା କଳ୍ପନାଜଳ୍ପନା ଲାଗିରହିଛି। ଏଠାରୁ ଭାଜପା ପ୍ରାର୍ଥୀ ଘୋଷଣା କରିସାରିଥିବାବେଳେ କଂଗ୍ରେସ ବି କାହାକୁ

### ପୁରୀ ଜିଲା

ପ୍ରାର୍ଥୀ କରିବ କିଛି ସ୍ପଷ୍ଟ କରିନାହିଁ। କିଏ ଆଗ ପ୍ରାର୍ଥୀ ଘୋଷଣା କରିବ ତାକୁ ନେଇ ବିଜେଡି ଓ କଂଗ୍ରେସ ମଧ୍ୟରେ ଛକାପଞ୍ଝା ଚାଲିଥିବା ଶୁଣିବାକୁ ମିଳୁଛି। ୨୦୦୦ ନିର୍ବାଚନ ପରଠାରୁ ଦେଖିଲେ ଏଠାରେ ମୁଖ୍ୟତଃ ବିଜେଡି ଓ କଂଗ୍ରେସ ମଧ୍ୟରେ ମୁକାବିଲା ହୋଇଆସୁଛି। ତେଣୁ କଂଗ୍ରେସ ଯଦି ପିପିଲିରୁ ନୂଆ ମୁହଁ ଦିଏ ତେବେ ବିଜେଡି ବି ମଇଦାନକୁ ନୂଆ ପ୍ରାର୍ଥୀ ଛିଡ଼ା କରିପାରେ ବୋଲି ଚର୍ଚ୍ଚା ଚାଲିଛି।

ନିମାପଡ଼ାରେ ସମୀର ରଞ୍ଜନ ଦାଶଙ୍କୁ ଦଳ ପ୍ରାର୍ଥୀ କରିପାରେ ବୋଲି ଦଳୀୟ କର୍ମୀଙ୍କ ମହଲରେ ଆଲୋଚନା ହେଉଛି। ତେବେ ଗତ ଦୁଇଟି ନିର୍ବାଚନରେ ବିଜୟୀ ହୋଇଥିବା ସମୀରଙ୍କୁ ପ୍ରାର୍ଥୀ କରିବାରେ ଯଦି କିଛି ଦ୍ୱନ୍ଦ୍ୱ ନାହିଁ ତେବେ ଦଳ କାହିଁକି ସମୟ ଗଡ଼ାଉଛି ବୋଲି ରାଜନୈତିକ ସମୀକ୍ଷକଙ୍କ ମନରେ ପ୍ରଶ୍ନ ଉଠୁଛି। ପିପିଲି ପରି ଏଠାରେ ମଧ୍ୟ କଂଗ୍ରେସ କାହାକୁ ପ୍ରାର୍ଥୀ ଘୋଷଣା କରି ନ ଥିବାବେଳେ ଭାଜପାରୁ ପ୍ରଭାତୀ ପରିଡ଼ା ପ୍ରାର୍ଥୀ ହୋଇ ପ୍ରଚାର ଅଭିଯାନ ଆରମ୍ଭ କରିଦେଲେଣି।

ସମାନ ସ୍ଥିତି କାକଟପୁର ନିର୍ବାଚନମଣ୍ଡଳୀ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏଠାରେ ଦଳୀୟ କନ୍ଦଳ ଯୋଗୁ ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା କରିପାରି ନ ଥିବା ଚର୍ଚ୍ଚା ହେଉଛି। କାହାକୁ ପ୍ରାର୍ଥୀ କଲେ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ନ ବଢିବ ତାହା ଉପରେ ବିଚାର ବିମର୍ଶ କରୁଛି ଦଳ। ଏଠାରେ ଗତଥର ଜିତିଥିବା ସୁରେନ୍ଦ୍ର ସେଠୀଙ୍କୁ ବିଜେଡି ଟିକେଟ ଦେଇପାରେ ବୋଲି ତାଙ୍କ ସମର୍ଥକମାନେ ନିଶ୍ଚିତ ଥିବାବେଳେ ପୂର୍ବତନ ବିଧାୟକ ସୁରେନ୍ଦ୍ର ନାୟକଙ୍କୁ ସମର୍ଥକ ଗୋଷ୍ଠୀ ମଧ୍ୟ ଟିକେଟ ପାଇଁ ଆଶାବାଦୀ ଅଛନ୍ତି। ଏଠାରେ ଆଶାୟୀଙ୍କ ତାଲିକା ବେଶ୍ ଲମ୍ବା। ଭାଜପା ଏଠାରେ ତୁଷାରକାନ୍ତି ବେହେରାଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାବେଳେ କଂଗ୍ରେସର ବିଶ୍ୱଭୂଷଣ ଦାସ ପ୍ରାର୍ଥୀ ହୋଇଛନ୍ତି। ତେବେ ଉପରୋକ୍ତ ୩ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ସ୍ପଷ୍ଟ ନ ହେବା ନେଇ ଦଳୀୟ କର୍ମୀମାନେ ସନ୍ଦେହରେ ରହିଛନ୍ତି। ଦଳ କାହାକୁ ପ୍ରାର୍ଥୀ କରିବ, ସେମାନଙ୍କ ନେତୃତ୍ୱଙ୍କୁ ଦଳୀୟ ଟିକେଟ ମିଳିବ କି ନାହିଁ ଏସବୁ ନେଇ କର୍ମୀମାନେ ଆଶଙ୍କା ଭିତରେ ରହିଛନ୍ତି। ଏ ସମ୍ପର୍କରେ ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି, ଚତୁର୍ଥ ପର୍ଯ୍ୟାୟରେ ଆମର ନିର୍ବାଚନ ହେବ। ଏପ୍ରିଲ ୨ରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ। ତେଣୁ ସେମିତି କିଛି ବିଳମ୍ବ ହୋଇନି। ଖୁବ୍‌ଶୀଘ୍ର ନିମାପଡ଼ା ନିର୍ବାଚନମଣ୍ଡଳୀ ଚିତ୍ର ସ୍ପଷ୍ଟ ହୋଇଯିବ। ସେହିପରି ବିଧାୟକ ସୁରେନ୍ଦ୍ର ସେଠୀ କହିଛନ୍ତି, ସେମିତି କିଛି ଦଳୀୟ ବିବାଦ ନାହିଁ, ଯାହା କିଛି ମତାନ୍ତର ଓ ମନାନ୍ତର ଅଛି ତାହା କ୍ଷଣିକ। ପରସ୍ପର ବସିଗଲେ ସବୁ ସମାଧାନ ହୋଇଯିବ। କାକଟପୁର ନିର୍ବାଚନମଣ୍ଡଳୀର ବହୁ କର୍ମୀ ଚାହିଁ ରହିଛନ୍ତି। ତାଙ୍କୁ ଟିକେଟ ମିଳିବ ବୋଲି ସେ ଦୃଢ଼ ଆଶା ରଖିଛନ୍ତି।

## ନବୀନ ନିବାସରେ ଭିଡ଼













ଶନିବାର ନବୀନ ନିବାସ ଆସିଥିବା ଆଶାୟୀ ଓ ବିଜେଡି ଟିକେଟ ପାଇଥିବା ନେତାମାନେ।

## ସପକ୍ଷ-ବିପକ୍ଷରେ ଦାବି




ଯାଜପୁର ଜିଲା ବରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟ ନାୟକଙ୍କୁ ବିଜେଡି ଟିକେଟ ଦେବା ଦାବିରେ ନବୀନ ନିବାସ ସମ୍ମୁଖରେ ଶନିବାର ସମର୍ଥକଙ୍କ ଭିଡ଼।



ଯାଜପୁର ଜିଲା ବରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ଦେବାଶିଷ ନାୟକଙ୍କୁ ବିଜେଡି ଟିକେଟ ଦେବା ଦାବିରେ ନବୀନ ନିବାସ ସମ୍ମୁଖରେ ଶନିବାର ସମର୍ଥକଙ୍କ ଭିଡ଼।



ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ଅମରେନ୍ଦ୍ର ଦାସଙ୍କୁ ବିଜେଡି ଟିକେଟ ଦେବା ଦାବିରେ ଶନିବାର ନବୀନ ନିବାସ ଆସିଥିବା ସମର୍ଥକ।



ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ସମ୍ବିତ୍ ରାଉତରାୟଙ୍କ ବିଜେଡି ଟିକେଟକୁ ବାତିଲ କରି ସନ୍ତୋଷ ପଟ୍ଟନାୟକଙ୍କୁ ଦିଆଯିବା ଦାବିରେ ସମର୍ଥକଙ୍କ ଭିଡ଼।



କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ବିରୋଧ କରି ଶନିବାର ନବୀନ ନିବାସ ଆସିଥିବା ସ୍ଥାନୀୟ ଅଞ୍ଚଳର କର୍ମୀମାନେ।

ଧରିତ୍ରୀ
DHARITRI

ଢେଙ୍କାନାଳ, ରବିବାର, ୩୧ ମାର୍ଚ୍ଚ, ୨୦୧୯ | Dhenkanal, Sunday, 31 March, 2019 | ପୃଷ୍ଠା-୧




**ବାପାଙ୍କୁ ସମ୍ମାନ ଦେଇନାହିଁ ଭାଜପା: ସୋନାକ୍ଷୀ**

ଅଭିନେତାରୁ ରାଜନେତା ପାଲଟିଥିବା ଶତ୍ରୁଘ୍ନ ସିହ୍ନାଙ୍କୁ ଭାଜପା ଯଥାର୍ଥ ସମ୍ମାନ ଦେଇନାହିଁ ବୋଲି ତାଙ୍କ କନ୍ୟା ସୋନାକ୍ଷୀ ସିହ୍ନା ପ୍ରକାଶ କରିଛନ୍ତି।

୦୮

୧୨

**ଛକାରେ ଗେଲ୍‌ଙ୍କ ରେକର୍ଡ**

କିଙ୍ଗ୍ସ ଇଲେଭେନ ପଞ୍ଜାବ ଓପନର କ୍ରିସ ଗେଲ୍ ଆଇପିଏଲ୍ ଇତିହାସରେ ପ୍ରଥମ ଖେଳାଳି ଭାବେ ୩୦୦ ଛକା ମାରିବା ଗୌରବ ଅର୍ଜନ କରିଛନ୍ତି।








# ଯିଏ ଆସିଲେ ଟିକେଟ

## ଆଗରେ ଭାଜପା

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ବାତାବରଣ ସେତିକି ସରଗରମ ହେବାରେ ଲାଗିଛି। ରାଜ୍ୟରେ ୩ଟି ପର୍ଯ୍ୟାୟରେ ନିର୍ବାଚନ ପାଇଁ ବିଜ୍ଞପ୍ତି ଘୋଷଣା ହୋଇସାରିଛି। ଏହି ପର୍ଯ୍ୟାୟଗୁଡିକରେ ଭୋଟ ହେବାକୁ ଥିବା ୧୫ ଲୋକ ସଭା ଏବଂ ୧୦୫ଟି ବିଧାନସଭା ଆସନ ପାଇଁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପା କାଁ ଭାଁ କେତୋଟି ସିଟ୍‌କୁ ବାଦ୍ ଦେଲେ ପ୍ରାୟତଃ ସମସ୍ତ ଆସନରେ ଟିକେଟ ବଣ୍ଟନ କରିସାରିଛନ୍ତି। ଦଳବଦଳକାରୀ ନେତାଙ୍କ ଯୋଗୁ ସଂଗଠନରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା ଯୁବନେତାମାନଙ୍କୁ ନିରାଶ ହେବାକୁ ପଡୁଛି। ଦଳ ବଦଳାଇଥିବା ବିଧାୟକ ଓ ନେତାମାନେ ନିଜ ରାଜନୈତିକ କ୍ୟାରିୟର ପାଇଁ ଭରପୁର ଫାଇଦା ଉଠାଉଛନ୍ତି। ୩ ପ୍ରମୁଖ ରାଜନୈତିକ ଦଳର ଟିକେଟ ବଣ୍ଟନକୁ ଅନୁଶୀଳନ କଲେ ଏହା ଜଳଜଳ ହୋଇ ଦେଖାଯାଉଛି।

ବିଜେଡିରୁ ଇସ୍ତଫା ଦେଇ ଯେଉଁମାନେ ଭାଜପାରେ ସାମିଲ ହେଉଛନ୍ତି ସେମାନଙ୍କୁ ତୁରନ୍ତ ଟିକେଟ ମିଳିଯାଉଛି। ୨୦୧୪ରେ ସୁନ୍ଦରଗଡ଼ ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ହୋଇଥିବା କୁସୁମ ଟେଟେଙ୍କୁ ବିଜେଡି ଟିକେଟ ନ ଦେବାରୁ ସେ ନିଜ ସମର୍ଥକଙ୍କ ସହ ଆସି ଭାଜପାରେ ସାମିଲ ହେଲେ। ତାଙ୍କୁ ଦଳ ସୁନ୍ଦରଗଡରୁ ପ୍ରାର୍ଥୀ ଘୋଷଣା କରିଛି। ପାରାଦୀପ ବିଧାୟକ ଦାମୋଦର ରାଉତ ବିଜେଡିରୁ ନିଲମ୍ବନ ହେବା ପରେ ଭାଜପାରେ ଯୋଗଦେଇଛନ୍ତି। ଦଳ ତାଙ୍କୁ ଏରସମା-ବାଲିକୁଦାରୁ ପ୍ରାର୍ଥୀ କରିଛି। କଂଗ୍ରେସ ବିଧାୟକ ପ୍ରକାଶ ବେହେରା ଭାଜପାରେ ସାମିଲ ହେବା ପରେ ତାଙ୍କୁ ସାଲେପୁର ବିଧାନସଭା ଆସନରୁ ଟିକେଟ ମିଳିଯାଇଛି। ବିଜେଡିରୁ ନିଲମ୍ବିତ ହୋଇଥିବା ବାବୁ ସିଂଙ୍କୁ ଭାଜପା ଏକାମ୍ର ଭୁବନେଶ୍ୱରରୁ ପ୍ରାର୍ଥୀ କରିଛି। ସେହିପରି କଂଗ୍ରେସରୁ ଆସି ଭାଜପାରେ ଯୋଗଦେଇଥିବା କେ. ନାରାୟଣ ରାଓ, ବିଜେଡି ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଦଶପଲ୍ଲା ଓ ଦେବରାଜ ମହାନ୍ତିଙ୍କୁ ଆସିକା ବିଧାନସଭା ପାଇଁ ଭାଜପା ଟିକେଟ ଦେଇଛି। ବିଜେଡିରୁ ଛାଡ଼ି ଭାଜପାରେ ଯୋଗଦେଇଥିବା ପୂର୍ବତନ ବିଧାୟକ ଭାଗିରଥୀ ସେଠୀଙ୍କୁ ଟିକେଟ ମିଳିଥିଲେ ମଧ୍ୟ ସେ ପୁଣି ବିଜେଡିକୁ ଫେରିଯାଇଛନ୍ତି। ସେହିପରି ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝିଙ୍କୁ ବିଜେଡି ଟିକେଟ ନ ଦେବାରୁ ସେ ନିକଟରେ ଭାଜପାରେ ଯୋଗଦେଇଥିଲେ । ଯୋଗଦେବା ମାତ୍ରେ ଭାଜପା ତାଙ୍କୁ ନବରଙ୍ଗପୁର ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି। ଉତ୍କଳ ଭାରତ ସଭାପତି ତଥା ପୂର୍ବତନ ଏମ୍‌ପି ଐର ଖାରବେଳ ସ୍ୱାଇଁଙ୍କ ଭାଜପାରେ ଯୋଗଦେବାର ୨୪ ଘଣ୍ଟା ନ ପୁରୁଣୁ କନ୍ଧମାଳ ଲୋକ ସଭା ପାଇଁ ଭାଜପା ତାଙ୍କୁ ଟିକେଟ ଦେଇଛି। ସେହିପରି ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ର ଭାଜପାରେ ଯୋଗଦେବା ପରେ ତାଙ୍କୁ କଟକ ଲୋକ ସଭାରୁ ପ୍ରାର୍ଥୀ କରାଯାଇଛି। ଆହୁରି ଅନେକ ଆସନ ଫାଙ୍କା ରହିଥିବାରୁ ଶନିବାର ଦଳରେ ଯୋଗଦେଇଥିବା ଅର୍ଜୁନ ଚରଣ ସେଠୀ ଓ ମୋହନ ଜେନାଙ୍କୁ ଦଳ ଭଦ୍ରକ ଓ ଯାଜପୁର ଲୋକ ସଭାରୁ ଟିକେଟ ଦେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ବିଜେଡି ମଧ୍ୟ ଏହି ରେସ୍‌ରୁ ପଛରେ ନାହିଁ। ୩ଟି ପର୍ଯ୍ୟାୟରେ ବିଜେଡି ସମସ୍ତ ☞ପୃଷ୍ଠା-୨

■ ଓଡ଼ିଶା, ଛତିଶଗଡ଼କୁ ଟ୍ରିବ୍ୟୁନାଲଙ୍କ ପରାମର୍ଶ

# ଆଉ ଥରେ ଆଲୋଚନା କର

ଭୁବନେଶ୍ୱର, ୩୦।୩(ବ୍ୟୁରୋ)

ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା ଏବଂ ଛତିଶଗଡ଼ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଅନେକ ଥର ଆଲୋଚନା ହୋଇଥିଲେ ମଧ୍ୟ ଏହି ବିବାଦର ସମାଧାନ ହୋଇ ପାରୁନାହିଁ। ମାମଲାର ଶୁଣାଣି କରୁଥିବା ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ(ଏମ୍‌ଡବ୍ଲ୍ୟୁଡିଟି) ରାୟ ପ୍ରକାଶ କରିବା ପୂର୍ବରୁ ପୁଣି ଥରେ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ ଉଭୟ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କୁ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଏ.ଏମ୍. ଖାନୱିଲକର, ରବି ରଞ୍ଜନ ଏବଂ ଇନ୍ଦରମିତ୍ କୌରଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣିକୁ ମେ ୧୧ ତାରିଖ ଯାଏ ଘୁଞ୍ଚାଇ ଦେଇଛନ୍ତି। ଅଣମୌସୁମୀ ମାସ ପୂର୍ବରୁ କିଛି ବ୍ୟବସ୍ଥା କରିବା ପାଇଁ ୩ ଜଣିଆ ଖଣ୍ଡପୀଠ ଲକ୍ଷ୍ୟ ରଖିଛନ୍ତି। ☞ପୃଷ୍ଠା-୨

**ମହାନଦୀ ଜଳ ବିବାଦ**

■ ମେ ୧୧ରେ ପରବର୍ତ୍ତୀ ଶୁଣାଣି








**ଆଜିର ସମ୍ପାଦକୀୟ**

ବେସରକାରୀ ଅନୁଷ୍ଠାନ

# ସାଂଘାଇରେ ୫ଜି ସେବା ପ୍ରଦାନରେ ବିଶ୍ୱର ପ୍ରଥମ ସହର

ବେଜିଂ,୩୦।୩

ଚାଇନାର ସାଂଘାଇ ୫ଜି କଭରେଜ ଓ ଗିଗାବାଇଟ ବ୍ରଡବ୍ୟାଣ୍ଡ ନେଟ୍‌ୱର୍କ କ୍ଷେତ୍ରରେ ବିଶ୍ୱର ପ୍ରଥମ ସହର ହୋଇଛି ବୋଲି ଶନିବାର ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଖବରକାଗଜ 'ଚାଇନା ଡେଲି'ରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ, ୫ଜି ପରବର୍ତ୍ତୀ ଜେନେରେଶନର ନୂଆ ଟେକ୍ନୋଲୋଜି ହୋଇଥିବାବେଳେ ଏହା ୪ଜି ତୁଳନାରେ ୧୦ରୁ ୧୦୦ ଗୁଣ ଅଧିକ ଡାଉନଲୋଡ ସ୍ପିଡ୍ ଦେଇଥାଏ। ୫ଜି ସେବା ପ୍ରଦାନରେ ଆମେରିକାକୁ ପଛରେ ପକାଇବା ଲାଗି ଚାଇନା ☞ପୃଷ୍ଠା-୨

# ଶଙ୍ଖ ଛାଡ଼ି ପଦ୍ମ ଧରିଲେ ଅର୍ଜୁନ

■ ମୋହନ ଜେନା ବି ଭାଜପାରେ ସାମିଲ

■ ଅଭିମନ୍ୟୁ ହୋଇପାରନ୍ତି ଭଦ୍ରକରୁ ଭାଜପା ଲୋକ ସଭା ପ୍ରାର୍ଥୀ



ଭାଜପାରେ ଯୋଗଦେବା ପରେ ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ।

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ଭଦ୍ରକ ଲୋକ ସଭା ଆସନରୁ ୮ ଥର ଏମ୍‌ପି ହୋଇଥିବା ଅର୍ଜୁନ ଚରଣ ସେଠୀ ବିଜେଡିରୁ ଶନିବାର ଇସ୍ତଫା ଦେଇଛନ୍ତି। ଏହାର କେଇ ଘଣ୍ଟା ପରେ ନିଜ ପୁତ୍ର ଅଭିମନ୍ୟୁ ସେଠୀ ଏବଂ କେତେଜଣ ସମର୍ଥକଙ୍କ ସହ ସେ ଭାଜପାରେ ସାମିଲ ହୋଇଛନ୍ତି। ବରିଷ୍ଠ ନେତା ଅର୍ଜୁନଙ୍କ ଏପରି ନିଷ୍ପତ୍ତିକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ଦୁଇଦିନ ତଳେ କେତେକ ବିଧାନସଭା ଆସନ ସମେତ ଭଦ୍ରକ ଲୋକ ସଭା ଆସନ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ନ ଫେରିଲେ ଦେଶ ପାଇଁ ବିପଜ୍ଜନକ ହେବ।

-ହେମାମାଳିନୀ, ଭାଜପା ଏମ୍‌ପି

**କିଛି ତଥ୍ୟ**

୨୦୧୮ ଏପ୍ରିଲରୁ ୨୦୧୯ ଜାନୁୟାରୀ ସମୟ ମଧ୍ୟରେ ଦେଶରୁ ଚମଡା ପ୍ରସ୍ତୁତ ସାମଗ୍ରୀ ରପ୍ତାନିରେ ୭.୨୪% ଅଭିବୃଦ୍ଧି ଘଟିଛି।

- କାଉନସିଲ ଫର୍ ଲେଦର ଏକ୍ସପୋର୍ଟ


NECC NATIONAL EGG CO-ORDINATION COMMITTEE 30.03.2019 Venc*bb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |


*Conditions Apply

Eggs Retail Price- 40/-Dozen
Issued in the Interest of Consumers







## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଦ୍ୟାଶା
ପରିବାରବର୍ଗ


ପ୍ରିୟଦର୍ଶିନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସଡ଼କ ଦୁର୍ଘଟଣା: ତହସିଲଦାରଙ୍କ ମୃତ୍ୟୁ

**ନୂଆଗାଁ,୩୦।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ସୋରଡା ନିକଟରେ ଶନିବାର ଭୋର ୫ଟାରେ ଏକ ସଡକ ଦୁର୍ଘଟଣା ଘଟିଛି। ଏଥିରେ ନୂଆପଡା ଜିଲା କୋମନା ତହସିଲଦାର ସୁରେନ୍ଦ୍ର ନାଥ ନନ୍ଦ (୪୧)ଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ ତହସିଲଦାର ନନ୍ଦ ନିର୍ବାଚନ କାମରେ ଏକ ଟାଭେରା କାର (ଓଡି୨୬ଏ-୯୭୦୦)ରେ କୋମନାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଦ୍ରୁତ ଗତିରେ ଆସୁଥିବା କାରଟି ସୋରଡା ନିକଟ ଜାତୀୟ ରାଜପଥ କଡରେ ଠିଆହୋଇଥିବା ଏକ ଟ୍ରକ ପଛରେ ପିଟିହୋଇ ଯାଇଥିଲା। ଫଳରେ କାରର ବାମପାର୍ଶ୍ୱ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ସେଥିରେ ବସିଥିବା ତହସିଲଦାର ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନ୍ୟ ଏକ ଗାଡିରେ ଦଶପଲ୍ଲା ଡାକ୍ତଖାନାକୁ ପଠାଇ ଦେଇଥିଲେ। ହେଲେ


ଦୁର୍ଘଟଣାରେ ଭାଙ୍ଗିରୁଜି ଯାଇଥିବା ଗାଡ଼ି।

ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୂଆଗାଁ ଥାନା ଆଇଆଇସି ମନୋରମା ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଦଶପଲ୍ଲା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ଶଙ୍ଖ ଛାଡ଼ି...

ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିଥିଲା। ଏହି ତାଲିକାରେ ଭଦ୍ରକ ପାଇଁ ମଞ୍ଜୁଲତା ମଣ୍ଡଳଙ୍କ ନାଁ ରହିଥିଲା। ଦଳର ଏହି ନିଷ୍ପତ୍ତିକୁ ଅର୍ଜୁନ ସହଜରେ ଗ୍ରହଣ କରିପାରି ନ ଥିଲେ। ଏ ସମ୍ପର୍କରେ ସେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣାଇବା ପାଇଁ ଚାହିଁଥିଲେ। ହେଲେ ତାହା ସମ୍ଭବ ହୋଇ ନ ଥିଲା।

ଅର୍ଜୁନ ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଜନତା ଦଳ ଏବଂ ବିଜୁ ଜନତା ଦଳ ଆଦର୍ଶରେ ଦୀର୍ଘ ୪୦ ବର୍ଷ ଧରି କାର୍ଯ୍ୟ କରିଆସିଛି। ଭଦ୍ରକ ଜିଲାରେ ଦଳର କଳେବର ବୃଦ୍ଧି ନେଇ କାର୍ଯ୍ୟ କରିଛି। ବିଜୁ ବାବୁଙ୍କ ସମୟରୁ ହିଁ ଶୃଙ୍ଖଳିତ ସଭ୍ୟ ଭାବେ ଦଳୀୟ ନିଷ୍ପତ୍ତିକୁ ସମ୍ମାନ ଦେଇ ଆସିଛି। କିଛି ଦିନ ତଳେ ତାଙ୍କ ପୁଅ ଅଭିମନ୍ୟୁଙ୍କୁ ଭଦ୍ରକ ଲୋକ ସଭା ଆସନରୁ ପ୍ରାର୍ଥୀ କରିବା ପାଇଁ ସେ ଅନୁରୋଧ କରିଥିବା କହିଛନ୍ତି। ସେହିପରି ଅର୍ଜୁନ ବିଜେଡି ସଭାପତିଙ୍କୁ ନବୀନ ନିବାସରେ ଭେଟିବା ପାଇଁ ଚାହିଁଥିଲେ। ହେଲେ ମୁଖ୍ୟମନ୍ତ୍ରୀଙ୍କ ଚାରିପାଖରେ ଥିବା କ୍ଷମତା କେନ୍ଦ୍ର ତାଙ୍କୁ ଭେଟାଇ ଦେଇ ନ ଥିବା ସେ ଅଭିଯୋଗ କରିଛନ୍ତି। ବିଜୁ ଜନତା ଦଳ ନିଜ ପୂର୍ବ ଆଦର୍ଶ ଭୁଲିଛି, ଏହି ଦଳରେ ତାଙ୍କର କୌଣସି ଆବଶ୍ୟକତା ନାହିଁ। ତେଣୁ ସେ ଦଳ ଛାଡିଥିବା ଅର୍ଜୁନ ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ


ଭାଜପାରେ ପୂର୍ବତନ ଏମ୍‌ପି ମୋହନ ଜେନା।

ଶନିବାର ଅପରାହ୍ନରେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ମଧ ଅର୍ଜୁନ ବିଜେଡିକୁ ଟାର୍ଗେଟ କରିବାକୁ ଭୁଲି ନ ଥିଲେ। ଭାଜପା ପକ୍ଷରୁ ଏଯାବତ୍ ଭଦ୍ରକ ଲୋକ ସଭା ଆସନ ପାଇଁ କୌଣସି ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ତେଣୁ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁ ଏହି ଟିକେଟ ହାତେଇପାରନ୍ତି ବୋଲି ଚର୍ଚ୍ଚା ହୋଉଛି। ସେଠୀ ବାପ-ପୁଅଙ୍କ ବ୍ୟତୀତ ଯାଜପୁର ପୂର୍ବତନ ଏମ୍‌ପି ମୋହନ ଜେନା ମଧ ଭାଜପାରେ ସାମିଲ ହୋଇଛନ୍ତି। ଯାଜପୁର ଲୋକ ସଭା ଆସନ ପାଇଁ ଭାଜପା ମଧ ପ୍ରାର୍ଥୀ ଘୋଷଣା କରିନାହିଁ। ତେଣୁ ମୋହନଙ୍କୁ ଏହି ଆସନରୁ ଭାଜପା ପ୍ରାର୍ଥୀ କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

## ଆଉ ଥରେ...

ଶୁଣାଣି ବେଳେ ଓଡିଶା ତରଫରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଜେନେରାଲ ସୂର୍ଯ୍ୟ ପ୍ରସାଦ ମିଶ୍ର ଲିଖିତ ଆକାରରେ ଜଣାଇଥିଲେ ଯେ, ରାଜ୍ୟ ସରକାର ଛତିଶଗଡ ସରକାରଙ୍କ ସହ ଅନେକ ଥର ବୈଠକ କରିଛନ୍ତି। ହୀରାକୁଦ ଜଳଭଣ୍ଡାରକୁ ନିୟମିତ ୧.୨୫ ନିୟୁତ ଏକର ଫୁଟ ଜଳପ୍ରବାହ କରିବା ପାଇଁ ଦାବି କରାଯାଇଛି। ଏ ନେଇ ଛତିଶଗଡ ସରକାରଙ୍କ ପକ୍ଷରୁ କୌଣସି ଦୃଢ ପ୍ରସ୍ତାବ ଦିଆଯାଇନାହିଁ। ଇତିମଧ୍ୟରେ ଛତିଶଗଡ ସରକାରଙ୍କ ଓକିଲ ଓଡିଶା ସରକାରଙ୍କ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ଆମନ୍ତ୍ରଣ କରିବା ପାଇଁ ପ୍ରସ୍ତାବ ଦେବା ସହ ସମସ୍ୟାର ସମାଧାନ ଲାଗି ଆଲୋଚନା କରିବାକୁ ଟ୍ରିବ୍ୟୁନାଲଙ୍କୁ ଜଣାଇଛନ୍ତି। ଏହି ପ୍ରସ୍ତାବ ଦେବା ପରେ ଟ୍ରିବ୍ୟୁନାଲ ପରାମର୍ଶ ଦେଇଛନ୍ତି ଯେ, ଓଡିଶା ସରକାରଙ୍କ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ସମସ୍ୟାର ସମାଧାନ ପାଇଁ ଆଲୋଚନା କରିବା ଉଚିତ। ଓଡିଶା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ମୋହନ କାର୍ତ୍ତିକ କହିଛନ୍ତି ଯେ, ଛତିଶଗଡ ପ୍ରସ୍ତାବ ଉପରେ ରାଜ୍ୟ ସରକାରଙ୍କ ଇଞ୍ଜିନିୟରମାନଙ୍କ ସହ ଆଲୋଚନା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

ସୂଚନାଯୋଗ୍ୟ ଯେ, ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନ, ୧୯୫୪ ଧାରା-୩ ଅନୁଯାୟୀ ଛତିଶଗଡ ସରକାର ମହାନଦୀ ପ୍ରବାହିତ ରାଜ୍ୟଗୁଡିକୁ ସମାନୁପାତରେ ଜଳ ଆବଣ୍ଟନ କରିବା ନେଇ ନିକଟରେ ଆଉ ଏକ ପିଟିଶନ ଦାଖଲ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଖଣ୍ଡପୀଠ ଓଡିଶା ସମେତ ଅନ୍ୟ ରାଜ୍ୟଗୁଡିକୁ ଆସନ୍ତା ୪ ସପ୍ତାହ ମଧ୍ୟରେ ପକ୍ଷ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଓଡିଶା ସମେତ ଛତିଶଗଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଝାଡଖଣ୍ଡ ନିଜ ଦାବି ସମ୍ପର୍କରେ ମୂଳ ପିଟିଶନ ସହିତ ସତ୍ୟପାଠ ଆକାରରେ ଦାଖଲ କରିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ଗତ ଫେବୃୟାରୀ ୯ରେ ଓଡିଶା ସରକାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅନ୍ତରୀଣ ଆବେଦନର ଶୁଣାଣି ମହାନଦୀ ଜଳ ବିବାଦକୁ ନେଇ ଆପୋଷ ସମାଧାନ କରିବାକୁ ଟ୍ରିବ୍ୟୁନାଲ ପରାମର୍ଶ ଦେଇଥିଲେ। ଯଦି ଏହା ନ ହୁଏ ତେବେ ମାର୍ଚ୍ଚ ୯ରେ ନିଷ୍ପତ୍ତି ଶୁଣାଇ ଦିଆଯିବ ବୋଲି ଟ୍ରିବ୍ୟୁନାଲ କହିଥିଲେ। ଏହାସହ ମାର୍ଚ୍ଚ ୩୦ ପୂର୍ବରୁ ଦୁଇ ରାଜ୍ୟର ଆଡଭୋକେଟ୍ ଜେନେରାଲ (ଏ.ଜି.) ପରସ୍ପର ମଧ୍ୟରେ ଆଲୋଚନା କରି ଏହାର ନିର୍ଯାସ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଟ୍ରିବ୍ୟୁନାଲ ଚୂଡାନ୍ତ ରାୟ ନ ଶୁଣାଇ ପୁଣି ଉଭୟ ରାଜ୍ୟକୁ ଆଲୋଚନା କରିବାକୁ ପରାମର୍ଶ ଦେବା ସହ ପରବର୍ତ୍ତୀ ଶୁଣାଣି ମେ ୧୧ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି।

ପ୍ରକାଶ ଯେ, ମହାନଦୀ ଉପରେ ଛତିଶଗଡ ବ୍ୟାରେଜ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବା ସହ ଅଣମୌସୁମୀ ସମୟରେ ଅର୍ଥାତ ନଭେମ୍ବରରୁ ମେ' ମାସ ମଧ୍ୟରେ ଦୈନିକ ୧.୭୪ ନିୟୁତ ଏକର ଫିଟ (ଏମ୍‌ଏଏଫ୍) ପାଣି ଛାଡିବାକୁ ନିର୍ଦ୍ଦେଶ ଦେବା ପାଇଁ ରାଜ୍ୟ ସରକାରଙ୍କ ଆବେଦନରେ ଅନୁରୋଧ କରାଯାଇଥିଲା। ଶୁଣାଣି ପରେ ଉଭୟ ରାଜ୍ୟର ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନଙ୍କୁ ନେଇ ସମସ୍ୟାର ସମାଧାନ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଥିଲେ। ଯଦି ଉଭୟ ରାଜ୍ୟ ଏଥିରେ ସହମତି ନ ହେବେ ତେବେ ଟ୍ରିବ୍ୟୁନାଲ ରାୟ ଶୁଣାଇବେ ବୋଲି ଖଣ୍ଡ ପୀଠ କହିଛନ୍ତି।

## ସାଂଘାଇରେ...

କ୍ରମାଗତ ପ୍ରୟାସ ଜାରି ରଖିଛି। ଦେଶର ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଚାଇନା ମୋବାଇଲ ପକ୍ଷରୁ ଏହି ୫ଜି ସେବା ଯୋଗାଣକୁ ସମର୍ଥନ ଦିଆଯାଇଛି। ୫ଜିର ଆନୁଷ୍ଠାନିକ ପରିଚାଳନା ସାଂଘାଇର ହଙ୍ଗକୌଓରେ ଶନିବାର ଆରମ୍ଭ କରାଯାଇଛି। ସମ୍ପୂର୍ଣ୍ଣ କଭରେଜ ସୁନିଶ୍ଚିତ କରିବା ଲାଗି ସେଠାରେ ଗତ ୩ ମାସ ହେବ ୫ଜି ବେସ୍ ଷ୍ଟେସନ ସ୍ଥାପନ କରାଯାଉଛି। 'ଚାଇନା ଡେଲି' ପକ୍ଷରୁ କୁହାଯାଇଛି ଯେ, ସାଂଘାଇର ଭାଇସ ମେୟର ବୁ କ୍ୱିଙ୍ଗ ପ୍ରଥମେ ୫ଜି ଫୋଲ୍ଡେବଲ ଫୋନ ହୁଆଇ ମ୍ୟାଟ୍ ଏକ୍ସରୁ ୫ଜିରେ ପ୍ରଥମ ଭିଡିଓ କଲ୍ କରିଥିଲେ। ଏହି ସେବା ସମ୍ପୂର୍ଣ୍ଣ ଭାବେ ଆରମ୍ଭ ହେବା ପରେ ଉପଭୋକ୍ତା ସିମ୍ କାର୍ଡ ନ ବଦଳାଇ ୫ଜି ସେବାର ଲାଭ ଉଠାଇପାରିବେ।

## ଯିଏ ଆସିଲେ...

ହେବିୱେଟ ମନ୍ତ୍ରୀ, ବିଧାୟକ ଏବଂ ଅନ୍ୟ ଦଳରୁ ଆସି ଯୋଗଦେଇଥିବା ବିଧାୟକମାନଙ୍କୁ ଭୟରେ ଟିକେଟ ଦେଇଥିବାବେଳେ ଦଳରେ ପ୍ରଭାବ ନ ଥିବା କିମ୍ବା ଜୋରଦାର ଲବି କରି ପାରୁ ନ ଥିବା କେତେକ ଏମ୍‌ପି ଏବଂ ବିଧାୟକଙ୍କ ଟିକେଟ କାଟି ଦିଆଯାଇଛି। କଂଗ୍ରେସ ବିଧାୟକ ନବକିଶୋର ଦାସଙ୍କୁ ବିଜେଡି ଝାରସୁଗୁଡାରୁ ପ୍ରାର୍ଥୀ କରିଥିବାବେଳେ ଯୋଗେଶ ସିଂଙ୍କୁ ସୁନ୍ଦରଗଡ଼ ବିଧାନସଭା ଆସନ ପାଇଁ ଟିକେଟ ଦେଇଛି। ସେହିପରି କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦେଇଥିବା ଭୂପିନ୍ଦର ସିଂଙ୍କୁ ଚଳିତ ନିର୍ବାଚନରେ ନର୍ଲାରୁ ପ୍ରାର୍ଥୀ କରାଯାଇଛି। ମାତ୍ର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ, ଯୋଗେନ୍ଦ୍ର ବେହେରା ନିର୍ବାଚନରୁ ସନ୍ୟାସ ନେଇ ନିଜ ପୁତ୍ରମାନଙ୍କୁ ରାଜନୈତିକ ମଙ୍ଗ ଧରାଇବାରେ ବିଫଳ ହୋଇଛନ୍ତି। ସେମାନେ ଅସନ୍ତୋଷ ପ୍ରକାଶ କଲେ ମଧ ଦଳରୁ ଇସ୍ତଫା ଦେଇନାହାନ୍ତି। ତେବେ ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ ଏବଂ ଯାଜପୁରର ପୂର୍ବତନ ଏମ୍‌ପି ମୋହନ ଜେନାଙ୍କୁ ବିଜେଡି ଆଦରି ନ ନେବାରୁ ସେମାନେ ଭାଜପାରେ ସାମିଲ ହୋଇଛନ୍ତି। ଉଭୟ ଭାଜପାରୁ ଟିକେଟ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇବାର ସମ୍ଭାବନା ରହିଛି।

୫ଟି ପର୍ଯ୍ୟାୟରେ ବିଜେଡି ମୋଟ ୧୮ ଲୋକ ସଭା ୧୧୯ ବିଧାନସଭା ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଏରସମା-ବାଲିକୁଦା, ଜଗତସିଂହପୁର, ଯାଜପୁର, କୋରେଇ, ବରି, କେନ୍ଦ୍ରାପଡା, ଜୟଦେବ, ନିଆଳି, ଜୟଦେବ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ମଧ, ଖୋର୍ଦ୍ଧା, ବସ୍ତା ଭଳି କେତେକ ସମ୍ବେଦଣଶୀଳ ବିଧାନସଭା ସିଟ୍ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିନାହିଁ। ସେହିପରି କଟକ, ଢେଙ୍କାନାଳ ଓ କେନ୍ଦୁଝରରେ ଲୋକ ସଭା ଆସନ ପାଇଁ ମଧ ପ୍ରାର୍ଥୀ ଘୋଷଣା ହୋଇନାହିଁ। ଏହି ଆସନଗୁଡିକରେ ବହୁ ଆଶାୟୀ ଥିବାବେଳେ କାହାକୁ ପ୍ରାର୍ଥୀ କରିବେ ସେ ନେଇ ଦଳର ମୁଖିଆ ନବୀନ ପଟ୍ଟନାୟକ ଚିନ୍ତାରେ ପଡିଛନ୍ତି।

ନିଜ ସିଟ୍‌ରେ କାଳେ ଟିକେଟ କଟିଯିବ ଭାବି କେତେଜଣ ବିଧାୟକ ସମର୍ଥକମାନଙ୍କୁ ଧରି ନବୀନ ନିବାସ ଆସି ଶକ୍ତି ପ୍ରଦର୍ଶନ କରୁଛନ୍ତି। କେନ୍ଦ୍ରାପଡା ବିଧାୟକ କିଶୋର ତରାଇ, ବରି ବିଧାୟକ ଦେବାଶିଷ ନାୟକ ଟିକେଟ ପାଇବା ପାଇଁ ସମର୍ଥକଙ୍କ ଜରିଆରେ ଚାପ ପ୍ରୟୋଗ କରିବାକୁ ପଠାଇନାହାଁନ୍ତି। ଯେଉଁ ଏମ୍‌ପି ଓ ବିଧାୟକମାନେ ନିଜେ କିମ୍ବା ନିଜ ପୁଅଙ୍କ ପାଇଁ ଟିକେଟ ଯୋଗାଡ କରିବାରେ ବିଫଳ ହେଲେ ସେମାନେ ବିଜେଡି ଛାଡି ଅନ୍ୟ ଦଳକୁ ଚାଲିଯାଉଛନ୍ତି। ଅନ୍ୟପକ୍ଷରେ କଂଗ୍ରେସରେ ଦଳବଦଳକାରୀଙ୍କ ସଂଖ୍ୟା ଅଧିକ ନ ଥିଲେ ମଧ ପୂର୍ବତନ ବିଧାୟକ ନବୀନ ନନ୍ଦ କଂଗ୍ରେସରେ ଯୋଗଦେବା ପରେ ତାଙ୍କୁ ଢେଙ୍କାନାଳରେ ଦଳ ପ୍ରାର୍ଥୀ କରିଛି। ସେହିପରି ପୂର୍ବତନ ବିଧାୟକ ଏବଂ ଆଶାୟୀ ପ୍ରାର୍ଥୀଙ୍କୁ ଟିକେଟ ନ ମିଳିବାରୁ ସେମାନେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇଛନ୍ତି।

# ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି ପ୍ରଶାସନିକ ଅଧିକାରୀ

**■ ଆଇଏଏସ୍, ଆଇପିଏସ୍ ଅଫିସରଙ୍କ ବିରୋଧରେ ସିବିଆଇ ତଦନ୍ତ ଦାବି**

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

ବରିଷ୍ଠ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରମାନେ ସରକାରୀ କାର୍ଯ୍ୟ ଛାଡି ବିଜେଡିକୁ ନିର୍ବାଚନରେ ଜିତାଇବା ପାଇଁ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିୟାନ, କ୍ରିଷନ କୁମାର, ହେମନ୍ତ ଶର୍ମା, ପ୍ରେମଚାନ୍ଦ ଚୌଧୁରୀ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ପି.କେ. ମହାପାତ୍ର, ଆଇପିଏସ୍ ଆଶିଷ ସିଂହ ଏବଂ ଅମିତାଭ ଠାକୁର ପ୍ରମୁଖ ସରକାରୀ ଅଧିକାରୀମାନେ ସମସ୍ତ ଜିଲାର ନିର୍ବାଚନ ଅଧିକାରୀ, ରିଟର୍ନିଂ ଅଫିସର ଏବଂ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସରମାନଙ୍କୁ ବିଜେଡି ପାଇଁ କାମ କରିବାକୁ ଭୟ ଦେଖାଉଛନ୍ତି। ରାଜ୍ୟରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନାରେ ବାଧକ ସାଜୁଛନ୍ତି ପାଣ୍ଡିୟାନ ଓ ତାଙ୍କ ଟିମ୍। ଖାଲି ସେତିକି ନୁହେଁ ଖଣି ମାଫିଆ, ଦୁର୍ନୀତିଗ୍ରସ୍ତ ଲୋକ, ଠିକାଦାର ଏବଂ ଅନେକ କର୍ପୋରେଟ ସେକ୍ଟରରୁ ଚାନ୍ଦା ଆଦାୟ କରୁଛନ୍ତି। ଏହି ଟଙ୍କା ସବୁ ବିଜେଡିର ନିର୍ବାଚନ ପ୍ରଚାରରେ ଖର୍ଚ୍ଚ ହେଉଛି। ସରକାରୀ ଗାଡିକୁ ବିଜୁ ଜନତା ଦଳର ନିଜସ୍ୱ ପ୍ରଚାର କାର୍ଯ୍ୟରେ ବ୍ୟବହାର କରାଯାଉଛି ବୋଲି ରାଜ୍ୟ ଭାଜପା ସଙ୍ଗିନ ଅଭିଯୋଗ କରିଛି। ଏ ସମସ୍ତ ଘଟଣାର ସିବିଆଇ ତଦନ୍ତ ଦାବି କରିବାକୁ ଦଳ ଦାବି କରିଛି। ଶନିବାର ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟି ଦାବି ଜଣାଇଛି। ସମୀର ଅଭିଯୋଗ କରିଛନ୍ତି ଯେ, ଛେଣ୍ଡିପଦାର ବିଜେଡି ବିଧାୟକଙ୍କ କହିବା ଅନୁଯାୟୀ, ଜିଲାପାଳ ଏବଂ ସରକାରୀ ଅଧିକାରୀମାନେ ବିଜେଡି ପାଇଁ ଟିକେଟ ଦେଉଛନ୍ତି। ସେହିପରି ଯେଉଁମାନେ ବିଜେଡି ଛାଡି ଅନ୍ୟ ଦଳରେ ସାମିଲ ହେବେ ତାଙ୍କୁ ମିଥ୍ୟା ହତ୍ୟା ମାମଲାରେ ଫସାଇ ଜେଲ ପଠାଇବା ପାଇଁ ଧମକ ଦିଆଯାଉଛି। ଦଳ ପାଇଁ ପ୍ରାର୍ଥୀ ଚୟନଠୁ ଆରମ୍ଭ କରି ଟିକେଟ ବାଣ୍ଟିବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଅଫିସରମାନେ ହସ୍ତକ୍ଷେପ କରୁଛନ୍ତି। ଅନ୍ୟପଟେ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଭୁଲ ଥିଲେ ବି ରିଟର୍ନିଂ ଅଫିସର, ଜିଲା ନିର୍ବାଚନ ଅଧିକାରୀମାନଙ୍କୁ ଭୟ ଦେଖାଇ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ନ କରିବା ପାଇଁ ଧମକ ଦିଆଯାଉଛି। କେତେଜଣ ମୁଷ୍ଟିମେୟ ଅଧିକାରୀ ବିଜେଡି ପାଇଁ ପ୍ରଚାର କରିବା, ଦଳୀୟ ଚିହ୍ନ ୱାଲିଙ୍ଗ କରିବା, ପୋଷ୍ଟର ଲଗାଇବା ଆଦି କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ ଓ ଗୋଇନ୍ଦା ବିଭାଗର ମୁଖ୍ୟ ପର୍ଯ୍ୟନ୍ତ ସମସ୍ତେ ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

କନ୍ଧମାଳ ଲୋକ ସଭା ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କର ୨ଟି ଭୋଟର ପରିଚୟ ପତ୍ର ରହିଛି। ଦଶପଲ୍ଲାରେ ବିଧାୟକ ପଦ ପାଇଁ ଲଢୁଥିବା ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ଅନୁସୂଚିତ ଜାତି ବର୍ଗର ନୁହନ୍ତି। ହେଲେ ସେ ମିଥ୍ୟା ଜାତିଗତ ପ୍ରମାଣପତ୍ର ଦେଇ ନିର୍ବାଚନ ଲଢୁଛନ୍ତି। ଏ ସମସ୍ତ ପ୍ରାର୍ଥୀ ବିଜୁ ଜନତା ଦଳର ହୋଇଥିବାରୁ ସମ୍ପୃକ୍ତ ନିର୍ବାଚନ ରିଟର୍ନିଂ ଅଫିସରମାନେ ସେମାନଙ୍କ ପ୍ରାର୍ଥିପତ୍ରକୁ ନାକଚ କରିନାହାନ୍ତି। କନ୍ଧମାଳ ଜିଲା ନିର୍ବାଚନ ଅଧିକାରୀ ଏବଂ ଦଶପଲ୍ଲା ରିଟର୍ନିଂ ଅଫିସରଙ୍କୁ ବିଜେଡି ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଉପରେ ପିଟିଶନ ଦାଖଲ ନ କରିବାକୁ ଆଇପିଏସ୍ ଆଶିଷ ସିଂହ ଧମକ ଦେଇଛନ୍ତି ବୋଲି ସମୀର ଅଭିଯୋଗ କରିଛନ୍ତି। ଗଣତନ୍ତ୍ର ବଞ୍ଚାଇବା ସହ ଏଭଳି ଭ୍ରଷ୍ଟ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସିବିଆଇକୁ ତଦନ୍ତ ଭାର ପ୍ରଦାନ କରାଯାଉ ବୋଲି ରାଜ୍ୟ ଭାଜପା ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି। ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ନିର୍ବାଚନ ପ୍ରକୋଷ୍ଠର ମୁଖ୍ୟ ସଂଯୋଜକ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଶୋକ ତ୍ରିପାଠୀ, ସହସଂଯୋଜକ ଜୟନ୍ତ ଜେନା ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ ସାହୁ ଜେନା ଉପସ୍ଥିତ ଥିଲେ।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

**ଫୁଲବାଣୀ ଅଫିସ,୩୦।୩**

କନ୍ଧମାଳ ଏସ୍‌ପିଙ୍କ ପାଖରେ ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତ ଜାର୍ଗିସରୁ ଗ୍ରାମର ସିଜୁ କହଁର ଓରଫ ରିପୁ ଓରଫ ପିଙ୍କି। ସିଜୁ କେକେବିଏନ୍ ସଙ୍ଗଠନରେ କାର୍ଯ୍ୟ କରୁଥିଲେ ବୋଲି ଶନିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

୨୦୧୬ରେ ସିଜୁ ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ। ଦୁଇମାସ ତଳେ ଖଜୁରିପଡା ଥାନା ସୁଡ୍ରୁକୁମ୍ପା ଅଞ୍ଚଳରେ ଜଣେ ଠିକାଦାରଙ୍କ କ୍ୟାମ୍ପ ପୋଡ଼ାଜଳା ଓ ରବୀନ୍ଦ୍ର ମଲ୍ଲିକ ହତ୍ୟା ଘଟଣାରେ ସେ ସମ୍ପୃକ୍ତ ଥିଲେ। ସେହିପରି ଗାଗଡପଟା, କଞ୍ଚାଲାଗୁ ଓ ଗାଡିମାସ୍କାରେ ପୋଲିସ ସହ ହୋଇଥିବା ଗୁଳି ବିନିମୟରେ ସମ୍ପୃକ୍ତ ଥିବା ମଧ ସେ ସ୍ୱୀକାର କରିଛନ୍ତି। ସିଜୁଙ୍କ ସମ୍ପର୍କରେ ସୂଚନା ଦେଲେ ୧ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିଲା। ଏବେ ତାଙ୍କୁ ସରକାରଙ୍କ ମାଓବାଦୀ ଥଇଥାନ ସ୍କିମ୍ ଅନୁସାରେ ଘର, ତାଲିମ, ଷ୍ଟାଇପେଣ୍ଡ ଆଦି ଯୋଗାଇ ଦିଆଯିବ ବୋଲି


ସିଜୁ କହଁରଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

ଏସ୍‌ପି କହିଛନ୍ତି। ମାଓବାଦୀ ସଙ୍ଗଠନ ଲୋକଙ୍କ ପାଇଁ କାମ କରୁଛି ବୋଲି କହୁଥିଲେ ମଧ ସେପରି କିଛି କରୁନି। ନିଜ ସ୍ୱାର୍ଥ ପାଇଁ କାମ କରୁଛି। ଦିନରାତି ଜଙ୍ଗଲରେ ବୁଲିବାକୁ କୁହାଯାଉଥିଲା। ବିଶ୍ରାମ ମିଳୁ ନ ଥିଲା। ତେଣୁ ସଙ୍ଗଠନ ଛାଡି ଚାଲି ଆସିଲି ବୋଲି ସିଜୁ ନିଜ ପ୍ରତିକ୍ରିୟାରେ କହିଛନ୍ତି।

**■ ପ୍ରାର୍ଥିପତ୍ର ଦାଖଲ କଲେ**

# ସିପିଆଇ(ଏମ୍)ରୁ ଜନାର୍ଦ୍ଦନ, ତୃଣମୂଳରୁ ଶୁଭ୍ରାଂଶୁ

**ଖୋର୍ଦ୍ଧା ଅଫିସ,୩୦।୩**

ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ଶନିବାର ଦୁଇଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କଂଗ୍ରେସ ସହଯୋଗରେ ସିପିଆଇ(ଏମ୍) ପକ୍ଷରୁ ଜନାର୍ଦ୍ଦନ ପତି ପୂର୍ବାହ୍ନରେ ଓ ଶୁଭ୍ରାଂଶୁ ଶେଖର ପାଢୀ ତୃଣମୂଳ କଂଗ୍ରେସରୁ ଅପରାହ୍ନରେ ଜିଲାପାଳ ତଥା ରିଟର୍ନିଂ ଅଫିସର ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ ଜନାର୍ଦ୍ଦନ ନାମାଙ୍କନପତ୍ର ଦାଖଲ କରିବା ପରେ ଶକ୍ତି ପ୍ରଦର୍ଶନ କରିଥିଲେ। ଜନାର୍ଦ୍ଦନ ଦଳୀୟ ଓ କଂଗ୍ରେସ ସମର୍ଥକଙ୍କ ଗ୍ରହଣରେ ଜିଲାପାଳଙ୍କ ଅଫିସଠାରୁ ସହର ପରିକ୍ରମା କରି ଗୀତାଭବନ ପର୍ଯ୍ୟନ୍ତ ଯାଇଥିଲେ। ଅନ୍ୟପକ୍ଷେ ବେଗୁନିଆ, ଚିଲିକା ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ଏଯାବତ୍ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରି ନ ଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।


ଜନାର୍ଦ୍ଦନ ପତି ନାମାଙ୍କନପତ୍ର ଦାଖଲ ପାଇଁ ଯାଉଛନ୍ତି।

## କରାଯାଉନି ବେଆଇନ କାର୍ଯ୍ୟ

**ଯୋଡ଼ା,୩୦।୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଥିବା ଟାଟା କମ୍ପାନୀ ଠିକାଦାରଙ୍କ ମାଧ୍ୟମରେ କୌଣସି ବେଆଇନ କାର୍ଯ୍ୟ କିମ୍ବା ସରକାରୀ ଅଧିକାରୀଙ୍କ ସହ ଅସାଧୁମେଣ୍ଟ କରି ନାହିଁ। ବେଆଇନ ଉତ୍ତୋଳନ ସମ୍ପର୍କିତ ସିଇସିଙ୍କ ରାୟ ଓ ଶାହ କମିଶନଙ୍କ ରିପୋର୍ଟ ବହୁ ଦିନର। ଏନେଇ ସୁପ୍ରିମକୋର୍ଟ ଦେଇଥିବା ରାୟ ମୁତାବକ କମ୍ପାନୀ ମଧ ଜରିମାନା ଦାଖଲ କରିସାରିଛି ବୋଲି ଟାଟା ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

## ପୋଖରୀରେ ବୁଡ଼ି ୨ ଶିଶୁକନ୍ୟାଙ୍କ ମୃତ୍ୟୁ

**ବଡ଼ମ୍ବା,୩୦।୩(ଡି.ଏନ.ଏ.)**

ପୋଖରୀରେ ବୁଡ଼ି ଶନିବାର ଅପରାହ୍ନରେ ୨ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ କଟକ ଜିଲା ବଡ଼ମ୍ବା ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଗ୍ରାମର ଅଶୋକ କୁମାର ସାହୁଙ୍କ ଝିଅ ଶ୍ରାବଣୀ ସାହୁ(୩) ଓ ଦିଲୀପ ସାହୁଙ୍କ ଝିଅ ଜ୍ୟୋତିର୍ମୟୀ ସାହୁ(୩)। ଉଭୟ ଘର ନିକଟରେ ଖେଳୁଥିବାବେଳେ ସେଠାରେ ଥିବା ଏକ ପୋଖରୀରେ ପଡ଼ି ଯାଇଥିଲେ। ଏକଥା ସେମାନଙ୍କ ପରିବାର ଲୋକେ ଜାଣି ପାରି ନ ଥିଲେ। କିଛି ସମୟ ପରେ ସେମାନଙ୍କ ଦେଖା ନ ମିଳିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ଏହି ସମୟରେ ସେମାନଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ସ୍ୱନକ୍ଷତ୍ରସ୍ଥ ଶୁଭଚନ୍ଦ୍ର ସାମଗ୍ରିକ ଦିଗରୁ ସୁଖ, ସୌଭାଗ୍ୟ ପ୍ରଦାନ କରିବାରେ ପଶ୍ଚାଦ୍‌ପଦ ହେବେ ନାହିଁ। ତଥାପି ଅଧିକ ଖର୍ଚ୍ଚଭାର, ପୂର୍ବ ଶତ୍ରୁତାକୁ ନେଇ ଚିନ୍ତିତ ରହିବାର ସୂଚନା ରହିଛି। ସମ୍ପର୍କୀୟମାନେ ମାନସିକ ଆଘାତ ଦେଇପାରନ୍ତି। ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇ ସମସ୍ୟାକୁ ସୁଧାରି ନେବାରେ ପ୍ରଯତ୍ନ କରିବେ।

**ବୃଷ**
ଭାଗ୍ୟସ୍ଥ ଚନ୍ଦ୍ର ଓ କର୍ମଭାବସ୍ଥ ଶୁକ୍ରଙ୍କ ସ୍ଥିତି ଆପଣଙ୍କ କଥା ଓ କାମକୁ ସରସ, ସୁନ୍ଦର କରିପାରିବ। ଯେଉଁ କାମରେ ମୁଣ୍ଡ ପୂରାଇଛନ୍ତି, ଆପଣଙ୍କ ବୁଦ୍ଧିମତ୍ତା ହିଁ ସେ କ୍ଷେତ୍ର ସକାଶେ ଅନୁକୂଳ ପରିବେଶ ସୃଷ୍ଟି କରିବ। ଯେମିତି, ଯାହା ଚାହୁଁଛନ୍ତି ତାହାତ ନିଶ୍ଚିତ ପାଇବେ, ମାତ୍ର ଭଲ ପାଇବାକୁ କେନ୍ଦ୍ରକରି କୌଣସି ସମସ୍ୟାରେ ଜଡ଼ିତ ହୋଇ ପାରନ୍ତି।

**ମିଥୁନ**
ରାହୁ ଦେବଗୁରୁଙ୍କ ନକ୍ଷତ୍ରରେ ଗୁରୁଚାଣ୍ଡାଳ ଯୋଗର ଫଳଭଳି ବିପରୀତ ସ୍ଥିତି ସୃଷ୍ଟି କରିପାରନ୍ତି। ଭଲ କାମର ପ୍ରଶଂସା ବଦଳରେ ଈର୍ଷାପରାୟଣ ବ୍ୟକ୍ତି ନିନ୍ଦା ଗାଇ ବୁଲିବେ। ବନ୍ଧୁଙ୍କୁ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖା ଦେଇପାରେ।

**କର୍କଟ**
ଛୋଟବଡ଼ ସମସ୍ୟା ରହିଥିଲେ ମଧ ଚନ୍ଦ୍ରଙ୍କ ପ୍ରଭାବରେ ମନର ପ୍ରଫୁଲ୍ଲତା କମିବ ନାହିଁ। ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ପ୍ରତିଦ୍ୱନ୍ଦ୍ୱୀ ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ପରିବାରରେ ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେଇପାରେ।

**ସିଂହ**
ରବିଙ୍କ ସ୍ଥାନସ୍ଥିତିରୁ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଗତି କରିବାକୁ ବାଧ ହେବେ। କୌଶଳରେ କାମ ହାସଲ କରିବା ବ୍ୟତୀତ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ। ଟଙ୍କା କିମ୍ବା ଦରକାରୀ କାଗଜପତ୍ର କୌଣସି ଅଲଗା ସ୍ଥାନରେ ରଖି ଚିନ୍ତିତ ରହିପାରନ୍ତି। ବିଦେଶ ଯାତ୍ରାକୁ ମନ ବଳାଇ ପାରନ୍ତି।

**କନ୍ୟା**
ପାପଗ୍ରହଙ୍କ କୁପ୍ରଭାବରୁ ଭୁଲ ବୁଝାମଣାଜନିତ ବିଶୃଙ୍ଖଳିତ କାର୍ଯ୍ୟ ସମସ୍ୟା ସୃଷ୍ଟି କରିବ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ନିଜ ଲୋକମାନେ ଶତ୍ରୁତା ଆଚରଣ କରିପାରନ୍ତି। ନିଜ ପରିସରରେ କୌଣସି ସ୍ପର୍ଶକାତର କଥାରେ ଚିହ୍ନା ପଡ଼ିବା ଠିକ୍ ହେବନାହିଁ। ସାଧାରଣ କଥାରେ ପାଟିତୁଣ୍ଡ ହୋଇ କଚେରି ପର୍ଯ୍ୟନ୍ତ ଯାଇପାରନ୍ତି।

**ତୁଳା**
କେତେକ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ନିଜ ପାଖରେ ରହୁଥିବା ଟାଉଟରି କରୁଥିବା ଲୋକଟି ପ୍ରତି ସତର୍କ ରୁହନ୍ତୁ ନଚେତ୍ ଅସୁବିଧାରେ ପଡିପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ପାଉଥିବା ବାନ୍ଧବୀଟି କ୍ରମଶଃ ଦୂରେଇ ଯିବ। ସତର୍କତା ଅଭାବରୁ ଟଙ୍କା, ସୁନା, ଚୋରି ହୋଇ ଯାଇପାରେ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ କିଛି କହିବା ଓ କରିବା ପୂର୍ବରୁ ଭାବିଚିନ୍ତି କରିବା ଭଲ ହେବ। ଦ୍ୱିତୀୟସ୍ଥ ପାପଗ୍ରହ ପ୍ରଭାବରୁ ପରିସ୍ଥିତି ବଦଳିଯାଇ ମରୀଚିକା ପଛରେ ଦୌଡ଼ିପାରନ୍ତି। ପ୍ରତ୍ୟେକ ଦିଗରୁ ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ମାନସିକ ଅସ୍ଥିରତା ସହ ସାମୟିକ ଭାବରେ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ଧନୁ**
ପାପଗ୍ରହ ରାଶିସ୍ଥ ହେତୁ ନିଜକୁ ସମ୍ଭାଳି ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାନ୍ତୁ ନଚେତ୍ ଅପମାନିତ ହେବାକୁ ପଡ଼ିପାରେ। ବିଭିନ୍ନ ସମସ୍ୟା ଭିତରେ ସହଯୋଗ ପାଇଁ ବନ୍ଧୁ ଦ୍ୱାରସ୍ଥ ହେବାର ସୂଚନା ରହିଛି। ସହକର୍ମୀମାନଙ୍କ କେବଳ ଉପଦେଶ ଶୁଣିଶୁଣି ମନରେ ବିରକ୍ତି ଆସିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଅର୍ଥ ସମ୍ପର୍କୀୟ ଟଣାଓଟରା ଲାଗିପାରେ।

**ମକର**
ଶୁଭଚନ୍ଦ୍ର ହେତୁ ମାନସିକ ପ୍ରସନ୍ନତା ସହ ଦିନଟିରେ ଅର୍ଥ ଲାଭ ଓ ବନ୍ଧୁ ମିଳନରୁ ଖୁସି ରହିବେ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିପାରନ୍ତି। କର୍ମକ୍ଷେତ୍ରରେ ଖଳ ଲୋକମାନଙ୍କ ଅପମାନଜନକ ସ୍ଥିତିରୁ ରକ୍ଷା ପାଇବେ। ସାମୟିକ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ।

**କୁମ୍ଭ**
ନିଜର ଆଳସ୍ୟ ଓ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ପାରିବାରିକ ଅବସ୍ଥାରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। କୌଣସି କ୍ଷେତ୍ରରେ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହେବେ, କିନ୍ତୁ ପ୍ରତିବନ୍ଧକରୁ ମୁକ୍ତ ହେବେ ନାହିଁ।

**ମୀନ**
ବୃହସ୍ପତିଙ୍କ ଶୁଭ ଦୃଷ୍ଟି ସକଳ ସମସ୍ୟାରୁ ମୁକ୍ତ କରିବା ସମୟରେ ରାହୁ ଓ କେତୁ ବିଭିନ୍ନ ବାଟରେ ହଇରାଣର ମସୁଧା କରିପାରନ୍ତି। ଅତୀତ ଘଟଣାକୁ ନେଇ ଯେତିକି ଯେତିକି ଅଧିକ ଭାବୁଥିବେ ସେତିକି ସେତିକି ମନଟା ଅଧିକ ଖରାପ ଲାଗିବ। ଫାଇଲ୍ କାମ ବୃଦ୍ଧି ପାଇବ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଚିନ୍ତାଜନକ ସ୍ଥିତି ସୃଷ୍ଟି କରିପାରେ।

ଆଜି ଚୈତ୍ର କୃଷ୍ଣ ଏକାଦଶୀ ରବିବାର, ମେ ୩୧ ତାରିଖ, ଆର୍ଥିକ ବର୍ଷ ଶେଷ, ରାଶି ନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ସକାଳ ଘ୬।୨୫ମି. ଗତେ ଘ୮।୫୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୫୭ମି. ଗତେ ଘ୧୦।୨୯ମି. ମଧ୍ୟେ, ଘ୧।୨୩ମି. ଗତେ ଘ୨।୫୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୪।୨୫ମି. ଗତେ ଘ୫।୫୭ମି. ମଧ୍ୟେ ରାହୁକାଳ।

# ବିଜେଡିରୁ ୩ ନେତା ବହିଷ୍କୃତ

**ଭୁବନେଶ୍ୱର,୩୦।୩(ବ୍ୟୁରୋ):** ଦଳ ବିରୋଧୀ କାର୍ଯ୍ୟ ପାଇଁ ରାୟଗଡା ଜିଲା ଗୁଣପୁରର ଶିବ ପ୍ରସାଦ ଗୌଡ ଏବଂ କେ. ରାମକୃଷ୍ଣମ୍‌ଙ୍କୁ ବିଜେଡିରୁ ବହିଷ୍କୃତ କରାଯାଇଛି। ସେହିପରି କଟକ ଜିଲା ବାଙ୍କୀ ନିର୍ବାଚନମଣ୍ଡଳୀର କାହ୍ନୁ ସିଂଙ୍କୁ ମଧ ବହିଷ୍କାର କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ବହିଷ୍କାର କରାଯାଇଛି। ଏନେଇ ବିଜେଡି ପକ୍ଷରୁ ରାଜ୍ୟ ସମ୍ପାଦକ ବିଜୟ ନାୟକ ଗଣମାଧ୍ୟମକୁ ଅବଗତ କରାଇଛନ୍ତି।


KiiT International School
[A CONSTITUENT OF KIIT GROUP OF INSTITUTIONS]
Selfless Service Endless Learning
AN IB WORLD SCHOOL
1ST RANKED IN EASTERN INDIA & ODISHA
KiiTIS SCHOLARSHIP-CUM ADMISSION TEST 2019-2020
For Grade-XI (CBSE) Science, Humanities, Commerce & IBDP (International Baccalaureate Diploma Programme)
Cambridge Assessment International Education · International Baccalaureate · BRITISH COUNCIL · ACT
Ranked 8th in India (Education World) | A+++ Category (Pioneer Group) | Rated among Top 20 Schools in India (Engineering Watch) | International School Award Winner (BCI)
IMPORTANT DATES
Last date of Registration to appear in the test 5th April 2019
Date of Examination 6th April 2019
Date of Result Declaration in school website 9th April 2019
Dates of Counselling & Registration for admission in XI (CBSE & IBDP) 10th to 13th April 2019
Pre-Orientation Classes from 22nd April to 18th May 2019
EXAM TIME
Time: 4.00 P.M. - 5.30 P.M. (Reporting Time – 3.30 P.M.)
VENUE
KiiT International School Bhubaneswar
Mode-1: Online Registration log on to www.kiitis.ac.in
Mode-2: Offline Registration at the Centre
NO EXAMINATION FEE
SCHOLARSHIP SCHEME (for CBSE only)
- Completely free education for topper in CBSE (Science/Commerce & Humanities)
- 100% scholarship on tuition fee for 1st round NTSE qualifiers.
- Up to 100% scholarship on tuition fee for top 30 rank holders in Science and top 10 rank holders in commerce/humanities.
- 25% scholarship on tuition fee for the students securing 90% or above marks in board exam.
- 10% scholarship on tuition fee for girl child.
SPECIAL FEATURES
- Separate groups for Spark batches (Eng & Medical) by in-house experts.
- Special guided orientation for KVPY, IIT-JEE (Main & Advanced), AIIMS, AIPMT, CLAT, CPT, SAT, ACT, NIFT, BBA & MBA.
- Indian and Foreign University Career Counselling Support Programme.
Contact: (0674) 2725 805, 9437061572 7894905658, 9078399610
Fax: (0674) 2726 115 | 9937220263 (IGCSE & IBDP)
Campus-9, KIIT, Patia Bhubaneswar-751024
Website www.kiitis.ac.in E-mail: kiitis@kiitis.ac.in



Ordinary +2 Science or Extra Ordinary DOCTOR / ENGINEER Choice is Yours !
OUR TOP PERFORMERS OF LAST 4 YEARS IN CHSE BOARD
SCORE 561 RENU R. SAHU · SCORE 556 SUBHAM S. BARAL · SCORE 554 PAPUN KU. ROUT · SCORE 553 JYOTIRMAY SAHOO · SCORE 553 GYANA R. BEHERA · SCORE 550 ALAKANANDA RATH · SCORE 546 BARUN KU. SAHU · SCORE 546 SAI SHOVAN BHUYAN · SCORE 545 ASUTOSH SADANGI
OUR TOP PERFORMERS OF LAST 6 YEARS IN MEDICAL ENT. EXAMS
O-JEE Rank 2 Ankit Ku. Sahu · NEET S.Rank 4 Biswajit Kumar · NEET S.Rank 8 Gyana R. Behera · NEET S.Rank 14 Bibek Mishra · O-JEE Rank 16 Suprava Pradhan · NEET S.Rank 17 Deepali Giri · O-JEE Rank 30 Chinmay Sahoo · O-JEE Rank 31 Nisha Sahoo · NEET S.Rank 37 Soumya R. Patra
OUR TOP PERFORMERS OF LAST 6 YEARS IN JEE (Advanced) / IIT-JEE
AIR 116 S R Milan · AIR 809 Upendra Tudu · AIR 846 Biswajit Kumar · AIR 1046 Madan Kumar · AIR 3233 Jyotirmay Sahoo · AIR 3363 Brijesh K. Sahoo · AIR 6723 Bikram Ku. Sahu · AIR 6918 Punyashlok Panda
ADMISSION OPEN FOR SUMMER COURSE
Course Fee : ₹ 10,000/- only · Classes From : 1st April, 2019 · Only for X Appeared Students
In Association With
ADYANT HIGHER SECONDARY SCHOOL (A Division of Adyant Educational & Charitable Trust)
Aakash Medical|IIT-JEE|Foundations (Divisions of Aakash Educational Services Ltd.)
CAMPUS Bhatakhuri, Gangapada, Janla, Bhubaneswar-752054
Mobile : 9337155221 / 222 / 224
Angul, Dhenkanal, Boudh, Kandhamal : 9337355233, Balasore, Bhadrak, Baripada, Keonjhar, Mayurbhanj : 9337355746/238, Berhampur, Ganjam, Gajapati : 9337355766, Bhubaneswar : 9337355235/236/747, Bolangir, Kalahandi, Nuapada : 9337355237, Cuttack : 9337355754, Jeypore, Koraput, Rayagada : 9337355232, Jajpur, Jagatsinghpur, Kendrapada : 9337355773, Rourkela, Sundergarh, Jharsuguda : 9337355752, Sambalpur, Sonepur, Bargarh : 9337355234





# ବଦ୍ରିଙ୍କ ଚ୍ୟାଲେଞ୍ଜକୁ ଗ୍ରହଣ କଲେ ନିରଞ୍ଜନ

**ଭୁବନେଶ୍ୱର, ୩୦।୩(ବ୍ୟୁରୋ)**

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ରଙ୍କ ଚ୍ୟାଲେଞ୍ଜକୁ ବୁଲେଇବଙ୍କେଇ ଗ୍ରହଣ କରିଛନ୍ତି। ଏଆଇସିସି ଯଦି ଦୁଇଟି ସ୍ଥାନରୁ ତାଙ୍କ ପ୍ରାର୍ଥିତ୍ୱକୁ ଅନୁମତି ଦିଏ, ତେବେ ସେ ଘସିପୁରାରେ ବଦ୍ରୀଙ୍କ ସଙ୍ଗେ ଲଢିବେ। ଦୁଇଦିନ ତଳେ ନିରଞ୍ଜନଙ୍କୁ ତାଙ୍କ ବିପକ୍ଷରେ ଲଢିବା ପାଇଁ ବଦ୍ରୀ ଖୋଲା ଆହ୍ୱାନ ଦେଇଥିଲେ। ଏହି ଚ୍ୟାଲେଞ୍ଜକୁ ନେଇ ପିସିସି ସଭାପତିଙ୍କ ପ୍ରତିକ୍ରିୟା ରାଜ୍ୟ ରାଜନୀତିକୁ ଆହୁରି ରୋଚକ କରିଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା ଆସନରୁ ନିରଞ୍ଜନ ପ୍ରାଥମିକ ଭାବେ ଲଢିବା ନେଇ ଆଲୋଚନା ହେଉଥିଲା। ଏବେ ସେ ଏହି ଆସନ ସହ ଘସିପୁରାରୁ ପ୍ରାର୍ଥୀ ହେବା ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ତେଣୁ ଏଆଇସିସି ନିରଞ୍ଜନଙ୍କ ଦୁଇଟି ଆସନରେ ପ୍ରାର୍ଥିତ୍ୱକୁ ଅନୁମୋଦନ କରୁଛି ନା ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଏଆଇସିସି ଉପରେ ଛାଡ଼ିଲେ ନିଷ୍ପତ୍ତି


ନିରଞ୍ଜନ ପଟ୍ଟନାୟକ ବଦ୍ରିନାରାୟଣ ପାତ୍ର

ଏ ସମ୍ପର୍କରେ ନିରଞ୍ଜନ କହିଛନ୍ତି ଯେ, ବଦ୍ରୀଙ୍କ ଭଳି ଆପରାଧିକ କାର୍ଯ୍ୟକଳାପ କରିବା ପାଇଁ ତାଙ୍କ ପାଖରେ କ୍ଷମତା ନାହିଁ, ଘସିପୁରାରୁ ପ୍ରାର୍ଥୀ ହୋଇ ନିର୍ବାଚନ ଲଢିବା ପାଇଁ କ୍ଷମତା ଅଛି। ହେଲେ ସେ କେଉଁ ଆସନରୁ ଲଢିବେ, ସେହି ନିଷ୍ପତ୍ତି ଏଆଇସିସି ନିଷ୍ପତ୍ତି ନେବ। ଏମିତି କି ଦଳ ଦୁଇଟି ସ୍ଥାନରୁ ଲଢିବା ପାଇଁ ଅନୁମତି ଦେଲେ, ସେ ନିଶ୍ଚୟ ଲଢିବେ ବୋଲି ନିରଞ୍ଜନ କହିଛନ୍ତି। ପିସିସି ସଭାପତିଙ୍କ ଦମ୍ଭୋକ୍ତିର ଦୃଢ ଜବାବ ରଖିଛନ୍ତ ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ର। ସେ କହିଛନ୍ତି ଯେ, ଘସିପୁରା ଜନସାଧାରଣ ନିରଞ୍ଜନଙ୍କୁ ମନେ ରଖିନାହାନ୍ତି। ଦୀର୍ଘ ୧୦ ବର୍ଷ ହେବ ତାଙ୍କୁ ସେହି ଅଞ୍ଚଳରେ କେହି ଦେଖିନାହାନ୍ତି। ତାଙ୍କ ପ୍ରାର୍ଥିତ୍ୱର କୌଣସି ପ୍ରଭାବ ପଡିବ ନାହିଁ ବୋଲି ବଦ୍ରୀ କହିଛନ୍ତି।

### ■ ପୋଲିସକୁ ଅସୌଜନ୍ୟ ବ୍ୟବହାର ଅଭିଯୋଗ

# ଭାଜପା ପ୍ରାର୍ଥୀ ପୀତାମ୍ବରଙ୍କ ବିରୋଧରେ ମାମଲା

**ଆସିକା/ଛତ୍ରପୁର,୩୦।୩ (ଡି.ଏନ୍.ଏ.)**


ପୀତାମ୍ବର ଆଚାର୍ଯ୍ୟ

ଗଞ୍ଜାମ ଜିଲା ହିଞ୍ଜିଳି ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ଫ୍ଲାଇଂ ସ୍କ୍ୱାଡ୍ ଯାଞ୍ଚ ବେଳେ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିଥିବା ଶୁକ୍ରବାର ରାତିରେ ଆସିକା ଥାନାରେ ଅଭିଯୋଗ ହୋଇଛି । ଫ୍ଲାଇଂ ସ୍କ୍ୱାଡ୍ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ବିଶ୍ୱନାଥ ବେହେରାଙ୍କ ଅଭିଯୋଗକ୍ରମେ ନଂ.୧୦୨/୧୯ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ଅନ୍ୟପକ୍ଷରେ ଏହା ଏକ ମିଥ୍ୟା ମାମଲା ବୋଲି ଖଣ୍ଡନ କରିବା ସହ ପୋଲିସ ମୋତେ ଗିରଫ କରୁ ବୋଲି ପୀତାମ୍ବର କହିଛନ୍ତି। ପ୍ରକାଶ ଯେ, ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ଆସିକା – ବ୍ରହ୍ମପୁର ୫୯ ନଂ. ଜାତୀୟ ରାଜପଥର ପାକିଡି ଛକଠାରେ ପୋଲିସର ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଥିଲା । ଏହି ସମୟରେ ଉକ୍ତ ରାସ୍ତାରେ ଯାଉଥିବା ଭାଜପା ପ୍ରାର୍ଥୀ ପୀତାମ୍ବରଙ୍କ ଗାଡ଼ିକୁ ଯାଞ୍ଚ ଲାଗି ପୋଲିସ ଅଟକାଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇଥିଲେ ପୀତାମ୍ବର । ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ହଇରାଣ କରାଯାଉଥିବା କହି ପୋଲିସ ସହ ଦୀର୍ଘସମୟ ଯୁକ୍ତିତର୍କ କରିଥିଲେ, ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶନିବାର ଅପରାହ୍ନରେ ଆସିକା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ଏହି ଘଟଣା ସମ୍ପର୍କରେ ବିସ୍ତୃତ ସୂଚନା ଦେବା ସହ ଆଇନଶୃଙ୍ଖଳା ରକ୍ଷା ଦିଗରେ ଜନସାଧାରଣ ପୋଲିସକୁ ସହଯୋଗ କରିବା ଲାଗି ନିବେଦନ କରିଛନ୍ତି । ସେପଟେ ଛତ୍ରପୁରସ୍ଥିତ ଜିଲାପାଳଙ୍କ ଅଫିସକୁ ଆସିଥିବା ବେଳେ ପୀତାମ୍ବର ଏହି ଘଟଣା ଉପରେ ଗଣମାଧ୍ୟମ ଆଗରେ କହିଛନ୍ତି, ଥାନାରେ ମାମଲା ରୁଜୁ ନେଇ ମୁଁ ବିଚଳିତ ନୁହେଁ । ଗିରଫ କରି ଜେଲକୁ ପଠାନ୍ତୁ, ଏହାକୁ ସ୍ୱାଗତ କରିବି। ପୋଲିସ ମୋତେ ଦୁର୍ବ୍ୟବହାର କରିଛି । ମୁଁ ଏତଲା ଦେବା କଥା । ମାତ୍ର ନିର୍ବାଚନ ଲଢିବାକୁ ଆସିଥିବାରୁ ଏପରି କରିନି। ମୋ ଗାଡିକୁ ୩ ଥର ପୋଲିସ ଅଟକାଇ ଥିବା ବେଳେ ଅନ୍ୟ ଗାଡିକୁ ଅଟକାଉ ନ ଥିଲା। ତେଣୁ ପ୍ରତିକ୍ରିୟା ପ୍ରକାଶ କରିବା ସ୍ୱାଭାବିକ ବୋଲି ପୀତାମ୍ବର କହିଥିଲେ । ସୂଚନାଯୋଗ୍ୟ, ପୀତାମ୍ବର ଚଳିତ ନିର୍ବାଚନରେ ହିଞ୍ଜିଳିକାଟୁ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଲଢୁଛନ୍ତି ।

# ୧ରେ ଉମରକୋଟ ଆସିବେ ଶାହ

**ଉମରକୋଟ,୩୦।୩(ଡି.ଏନ.ଏ.)**

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଆସନ୍ତା ଏପ୍ରିଲ ୧ ତାରିଖରେ ନବରଙ୍ଗପୁର ଜିଲା ଉମରକୋଟ ଆସିବେ। ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଭାଜପାର ନିର୍ବାଚନୀ ସଭା ଓ ବିଜୟ ସଙ୍କଳ୍ପ ସମାବେଶରେ ସେ ଯୋଗ ଦେଇ ଜନସାଧାରଣଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଭାଜପା ଜିଲା ସଭାପତି ଗୋବିନ୍ଦ ଜୈନ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଜୟ ସଙ୍କଳ୍ପ ସଭାରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।


Zosh™
ପୁରୁଷଙ୍କ ପାଇଁ ଆୟୁର୍ବେଦିକ ତେଲ ଓ କ୍ୟାପସୁଲ
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ
ନାମର ବନାନ ଦେଖି କିଣନ୍ତୁ
NO SIDE EFFECT
Like us on Facebook
MANUFACTURED IN GMP CERTIFIED FACTORY
HERBO-CHEM'S Xtra Zosh™ Capsules जोश
Power & Stamina For Men with Swarna Bhashma
Trade Enquiries: 9804688185


### ■ ଚା କପ୍‌ରେ ଚୌକିଦାର ସ୍ଲୋଗାନ

# ରେଲୱେକୁ ଇସି ନୋଟିସ

**ନୂଆଦିଲ୍ଲୀ,୩୦।୩(ପି.ଟି.)**

ଟ୍ରେନରେ ବ୍ୟବହୃତ ଚା କପ୍‌ରେ 'ମେଁ ଭି ଚୌକିଦାର' ସ୍ଲୋଗାନ ଲେଖାଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି। ଏନେଇ ନିର୍ବାଚନ କମିଶନ (ଇସି) ଶନିବାର ରେଲୱେକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଜଣେ ଯାତ୍ରୀ ଚୌକିଦାର ଲେଖାଥିବା ଚା କପ୍ ଫଟୋକୁ ଟୁଇଟ୍ କରିବା ପରେ ଏହା ଭାଇରାଲ ହୋଇଥିଲା। ରେଲୱେ କର୍ତ୍ତୃପକ୍ଷ ଉକ୍ତ କପ୍‌କୁ ପ୍ରତ୍ୟାହାର କରିନେବା ସହ ଏହାକୁ ଯୋଗାଇଥିବା ଠିକାଦାରଙ୍କୁ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଦେଶରେ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ କ'ଣ ପାଇଁ ଶାସକ ଦଳର ସ୍ଲୋଗାନକୁ ଚା କପ୍‌ରେ ଛପାଯାଇଥିଲା ଏବଂ ଏଥିପାଇଁ




କିଏ ଦାୟୀ ଶନିବାର ସନ୍ଧ୍ୟା ସୁଦ୍ଧା ଜଣାଇବାକୁ ରେଲୱେକୁ କୁହାଯାଇଛି। ଆଇଆରସିଟିସିର ବିନା ଅନୁମତିରେ ଚୌକିଦାର ଲେଖାଥିବା କପ୍‌ରେ ଚା ପରିବେଷଣ କରାଯାଉଥିଲା ବୋଲି ତଦନ୍ତରୁ ଜଣାପଡିଛି। କର୍ତ୍ତବ୍ୟରେ ଅବହେଳା ପାଇଁ ସୁପରଭାଇଜର ତଥା ପ୍ୟାଣ୍ଟ୍ରି ଇନ୍‌ଚାର୍ଜଙ୍କୁ ସ୍ପଷ୍ଟୀକରଣ ମଗାଯାଇଛି। ସେବା ପ୍ରଦାନକାରୀ ଠିକାଦାରଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ପଠାଯାଇଥିବା ଆଇଆରସିଟିସି ପକ୍ଷରୁ କୁହାଯାଇଛି।

# ମୋଦିଙ୍କ ବିରୋଧରେ ଲଢ଼ିବେ ବହିଷ୍କୃତ ଯବାନ ତେଜବାହାଦୁର

### ■ ସେନାରେ ନିମ୍ନମାନର ଖାଦ୍ୟ ଯୋଗାଣ ଭିଡିଓ ଅପ୍‌ଲୋଡ୍ କରି ଚର୍ଚ୍ଚାକୁ ଆସିଥିଲେ


ତେଜ୍‌ବାହାଦୁର ଯାଦବ

**ଚଣ୍ଡିଗଡ଼,୩୦।୩(ପି.ଟି.)**

ଯବାନଙ୍କୁ ନିମ୍ନମାନର ଖାଦ୍ୟ ପରିବେଷଣ କରାଯାଉଥିବାର ଭିଡିଓ ଅନ୍‌ଲାଇନରେ ଛାଡି ୨୦୧୭ରେ ବହିଷ୍କୃତ ହୋଇଥିବା ବିଏସ୍‌ଏଫ ଯବାନ ତେଜ୍‌ବାହାଦୁର ଯାଦବ ଲୋକ ସଭା ନିର୍ବାଚନରେ ଉତ୍ତରପ୍ରଦେଶର ବାରାଣସୀ ଆସନରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିପକ୍ଷରେ ପ୍ରାର୍ଥୀ ହେବାକୁ ଯାଉଛନ୍ତି। ସେ ମୋଦିଙ୍କ ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ବୋଲି ହରିୟାଣାର ରେୱାରିଠାରେ ଖବରଦାତାମାନଙ୍କୁ କହିଛନ୍ତି। ସୈନ୍ୟବାହିନୀରୁ ଦୁର୍ନୀତି ଦୂରକରିବା ଲାଗି ସେ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି। ସେନାରୁ ଦୁର୍ନୀତି ହଟାଇବା ସହ ଏହାକୁ ଶକ୍ତିଶାଳୀ କରିବା ତାଙ୍କର ପ୍ରଥମ ଲକ୍ଷ୍ୟ ବୋଲି ତେଜ୍‌ବାହାଦୁର କହିଛନ୍ତି। ଜମ୍ମୁ-କଶ୍ମୀରର ନିୟନ୍ତ୍ରଣରେଖା ନିକଟ ବରଫାବୃତ ପାର୍ବତ୍ୟାଞ୍ଚଳରେ ମୁତୟନ ଥିବା ଯବାନମାନଙ୍କୁ ନିମ୍ନମାନର ଖାଦ୍ୟ ପରିବେଷଣ କରାଯାଉଥିବାର ଭିଡିଓ ସେ ସୋସିଆଲ ମିଡିଆରେ ଅପ୍‌ଲୋଡ କରିବା ପରେ ତେଜବାହାଦୁର ଚର୍ଚ୍ଚାକୁ ଆସିଥିଲେ। ଏହାକୁ ନେଇ ତାଙ୍କ ବିରୋଧରେ ଶୃଙ୍ଖଳାଭଙ୍ଗ ଅଭିଯୋଗ ଆଣି ବହିଷ୍କାର କରାଯାଇଥିଲା।


Amul
Chocozoo 250g | ₹120*
PRO Energy Bar 40g | ₹25*
Chocolate Syrup 650g | ₹140*
Dark Chocolate 40g | ₹25*
Milk Chocolate 40g | ₹25*
Milk Chocolate 150g | ₹100*
Dark Chocolate 150g | ₹100*
Fruit 'N' Nut Chocolate 150g | ₹100*
*MRP (incl. of all taxes). Conditions apply.
Amul Chocolates
To set up exclusive Amul Chocolates Shoppe at malls and airports, write to: chocolates@amul.coop
11154498

ଯଦି କେବଳ ଜୀବନ ଥାନ୍ତା– ମୃତ୍ୟୁ ନ ଥାନ୍ତା –ତେବେ ଅମରତ୍ୱ ମଧ ନ ଥାନ୍ତା। ଯଦି କେବଳ ପ୍ରେମ ଥାନ୍ତା– ହିଂସ୍ରତା ନ ଥାନ୍ତା ତେବେ ଆନନ୍ଦ ହୋଇଥାନ୍ତା କ୍ଷଣିକ କ୍ଷୀଣ ପୁଲକ ମାତ୍ର ! ଯଦି କେବଳ ସୁଯୁକ୍ତିଥାନ୍ତା– ଅଜ୍ଞାନ ନ ଥାନ୍ତା– ତେବେ ଆମର ଚରମ ସିଦ୍ଧି ଏକ ସୀମାବଦ୍ଧ ଯୌକ୍ତିକତା ଓ ବ୍ୟାବହାରିକ ବିଜ୍ଞତା ଛାଡି ଆଗକୁ ଯାଇ ପାରନ୍ତା ନାହିଁ।

–ଶ୍ରୀଅରବିନ୍ଦ



# ବେସରକାରୀ ଅନୁଷ୍ଠାନ



ଆକାର ପଟେଲ

ଆଉ କିଛିମାସ ଭିତରେ ଏକ ବେସରକାରୀ ଅନୁଷ୍ଠାନ (ଏନ୍‌ଜିଓ)ର ମୁଖ୍ୟଭାବେ ମୋର କାର୍ଯ୍ୟକାଳ ପୂରିଯିବ। ମୁଁ ଭାବୁଛି ଉକ୍ତ ଅନୁଷ୍ଠାନରେ ଚାରିବର୍ଷ କାର୍ଯ୍ୟକରିବା ଭିତରେ ମୁଁ ଯେଉଁ ଅନୁଭୂତି ଅର୍ଜନ କରିଛି ସେ ସମ୍ପର୍କରେ ପାଠକମାନଙ୍କୁ ଅବଗତ କରାଇବା ଉଚିତ ହେବ।

ପ୍ରଥମ କଥା ହେଉଛି ଯେଉଁମାନେ ସମାଜସେବା ପାଇଁ ଆଗେଇ ଆସୁଛନ୍ତି ସେମାନଙ୍କର ଯୋଗ୍ୟତା କ'ଣ ? ସେମାନଙ୍କୁ କର୍ମୀ ବୋଲି କୁହାଯାଏ ଏବଂ ସେମାନଙ୍କ ଅନୁଷ୍ଠାନକୁ ଅନେକ ସମୟରେ ଏନ୍‌ଜିଓ ବୋଲି କୁହାଯାଏ। ଆଜିକାଲି ଅନେକ ମେଧାବୀ ଭାରତୀୟ ଏ କ୍ଷେତ୍ର ପ୍ରତି ଆକର୍ଷିତ ହେଉଛନ୍ତି। ଏହି କ୍ଷେତ୍ରରେ କାମ କରିବା ପାଇଁ ଯାହା ଦରମା ଦିଆଯାଏ, ତାହା କର୍ପୋରେଟ୍ ଜଗତରେ ପ୍ରଦତ୍ତ ଦରମାର ପାଖାପାଖି। ସେଥିପାଇଁ ମେଧାବୀ ଯୁବକମାନେ ଏ କ୍ଷେତ୍ର ପ୍ରତି ଆକୃଷ୍ଟ ହେଉଛନ୍ତି। ଦ୍ୱିତୀୟ କଥା ହେଉଛି ଏ କ୍ଷେତ୍ରରେ କାର୍ଯ୍ୟର ସ୍ୱରୂପ କ'ଣ। ଆପଣ ଅନେକ ଲୋକଙ୍କୁ ଦେଖିଥିବେ ଯେଉଁମାନେ ହାତରେ ମଇଳା ଉଠାଇବା, ଶାରୀରିକ ଅକ୍ଷମତା ବା ପ୍ରାଥମିକ ଶିକ୍ଷା ଭଳି ପ୍ରସଙ୍ଗ ଉପରେ ଅନେକ ଦଶନ୍ଧି ଧରି କାମ କରିଛନ୍ତି। ଅବଶ୍ୟ ଏଗୁଡ଼ିକ ହେଉଛି ମହତ୍ କାର୍ଯ୍ୟ। କିନ୍ତୁ ଏହାର ଅନ୍ୟ ଦିଗଟି ହେଉଛି ଏହି ଲୋକମାନେ କାର୍ଯ୍ୟରୁ ଯିବା ପରେ ସେ କ୍ଷେତ୍ରରେ ତାଙ୍କର ଯେଉଁ ଦକ୍ଷତା ଓ ଅଭିଜ୍ଞତା ରହିଥାଏ, ତାକୁ ବି ସାଙ୍ଗରେ ନେଇ ଚାଲିଯାନ୍ତି। ତାଙ୍କର ସେ ଜ୍ଞାନ ଓ ଅଭିଜ୍ଞତା ସରକାରଙ୍କ ପାଖରେ ବା ଆଉ କାହା ପାଖରେ ନ ଥାଏ।

ତୃତୀୟ କଥାଟି ହେଉଛି ଏପରି ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକ ପକ୍ଷେ ସରକାରଙ୍କ ସହିତ କାମ କରିବା ଭାରତରେ ସହଜ ହୋଇ ନ ଥାଏ। ଭାରତରେ ରାଷ୍ଟ୍ର କହିଲେ ନେତା ଓ ଅମଲାତନ୍ତ୍ରୀଙ୍କୁ ବୁଝାଏ, ଯେଉଁମାନେ କିଛି ନୂଆ କଥା ଶିଖିବାକୁ ଚାହାନ୍ତି ନାହିଁ ଏବଂ ଅନେକ ସମୟରେ ଅହଂକାରୀ ଓ ଦାମ୍ଭିକ। ମୁଁ ଏକ ଅନ୍ତର୍ଜାତୀୟ ଅନୁଷ୍ଠାନ ସହ କାର୍ଯ୍ୟ କରୁଥିବାରୁ କହିପାରେ ଯେ, ଅନ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକରେ, ବିଶେଷତଃ ୟୁରୋପୀୟ ଦେଶଗୁଡ଼ିକରେ ନାଗରିକ ସମାଜ ସହିତ ରାଷ୍ଟ୍ରର ସମ୍ପର୍କ ଭାରତ ଅପେକ୍ଷା ଅଧିକ ଘନିଷ୍ଠ। ସେସବୁ ଦେଶରେ ସାମାଜିକ କର୍ମୀମାନେ ଯେଉଁ କାର୍ଯ୍ୟ କରନ୍ତି, ସେଥି ପ୍ରତି ସମ୍ମାନ ରହିଛି। କିନ୍ତୁ ଆମ ଦେଶରେ ଏପରି ସାମାଜିକ କର୍ମୀ ଓ ଅନୁଷ୍ଠାନଗୁଡ଼ିକୁ ହେୟଜ୍ଞାନ କରାଯାଏ।

ଚତୁର୍ଥ କଥାଟି ଯାହା ଅନେକେ ଜାଣି ନ ଥିବେ ବା ବିଚାରକୁ ନେଇ ନ ଥିବେ ତାହା ହେଉଛି ମୂଲ୍ୟବୋଧ, ଯାହା ଏହି କର୍ମୀ ଓ ଏନ୍‌ଜିଓଗୁଡ଼ିକ ସରକାରଙ୍କ ସହ କାମ କଲାବେଳେ ସାମନାକୁ ଆଣନ୍ତି। ପୂର୍ବତନ ଉପା ସରକାର ନାଗରିକ ସମାଜରୁ କିଛି ଲୋକଙ୍କୁ ନେଇ ଏକ ଗୋଷ୍ଠୀ ଗଠନ କରିଥିଲେ, ଯାହାର ନାମ ହେଉଛି ଜାତୀୟ ପରାମର୍ଶଦାତା ପରିଷଦ। ଏହାର ସମସ୍ତ ସଦସ୍ୟ ଥିଲେ ସାମାଜିକ କର୍ମୀ ବା ଏନ୍‌ଜିଓବାଲା। ସେମାନେ ସରକାରଙ୍କୁ ସୂଚନା ଅଧିକାର ଆଇନ ପ୍ରଣୟନ କରିବାକୁ ଓ ଏମ୍‌ଏନ୍‌ଆର୍‌ଇଜିଏ ଇତ୍ୟାଦି ଯୋଜନା ପ୍ରବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଜଣେ ସାଧାରଣ ନାଗରିକଙ୍କ ପାଇଁ ତାଙ୍କର ଭୋଟ ଅଧିକାର ପରି ଆର୍‌ଟିଆଇ ହେଉଛି ଏକ ଶକ୍ତିଶାଳୀ ଅସ୍ତ୍ର।

ପଞ୍ଚମ କଥାଟି ହେଉଛି ଏହି କର୍ମୀମାନେ ମଧ୍ୟବିତ୍ତ ଓ ଗରିବ ଲୋକଙ୍କ ଭିତରେ ରହିଥିବା ଅନ୍ତରକୁ ଦୂର କରିବା ପାଇଁ ଚେଷ୍ଟାରତ। ଟ୍ରାଫିକ୍ ସିଗ୍‌ନାଲ ପାଖରେ ଗରିବ ଭିକାରିକୁ ଦେଖିଲେ ମଧ୍ୟବିତ୍ତ ଶ୍ରେଣୀର ଲୋକେ କାର୍‌ର କାଚ ବନ୍ଦ କରିଦେବାକୁ ସହଜ ମନେକରନ୍ତି ଏବଂ ଆମେ ଏକାନ୍ତ ପରିବେଶରେ କାମ କରିବାକୁ ପସନ୍ଦ କରୁ। କୃଷକ ଆତ୍ମହତ୍ୟା ଓ କୃଷି ସମସ୍ୟା ଭଳି ପ୍ରସଙ୍ଗଗୁଡ଼ିକ ଅଧିକାଂଶ ଲୋକଙ୍କ ପାଇଁ କିଛି ମାନେ ରଖେନା। କାରଣ ଆମେ ସେମାନଙ୍କ ବାସ୍ତବ ସମସ୍ୟା କ'ଣ ବୁଝୁନା। କିନ୍ତୁ ସେମାନଙ୍କ ପାଇଁ କାମ କରୁଥିବା ସାମାଜିକ କର୍ମୀ ଓ ଏନ୍‌ଜିଓଗୁଡ଼ିକ ସେମାନଙ୍କ ସମସ୍ୟାକୁ ସର୍ବସମ୍ମୁଖରେ ଉପସ୍ଥାପନ କରନ୍ତି।

ଷଷ୍ଠ କଥା ହେଉଛି ଅଧିକାଂଶ ଭାରତୀୟ ସାମାଜିକ କର୍ମୀ ଓ ଏନ୍‌ଜିଓଗୁଡ଼ିକ ପ୍ରତି ଯେଉଁ ଧାରଣା ପୋଷଣ କରନ୍ତି। ଆମର ମୁଖ୍ୟ ଗଣମାଧ୍ୟମର ପ୍ରକୃତି ଯୋଗୁ ଆମେ ଆଦିବାସୀ ଓ ଦଳିତମାନଙ୍କ ଅଧିକାର ସମ୍ପର୍କରେ ଯେଉଁ ସୂଚନା ପାଇଥାଉ ତାହା ସୀମିତ। କଶ୍ମୀର ବିଷୟରେ ଆମେ ଏକପାଖିଆ କାହାଣୀ ଶୁଣିବାକୁ ପାଇଥାଉ। ଉତ୍ତର-ପୂର୍ବରେ ହେଉଥିବା ହିଂସା ଓ ତା'ର କାରଣ ବିଷୟରେ ଆମର ବୋଧ ସୀମିତ। ତେବେ ଏନ୍‌ଜିଓଗୁଡ଼ିକ ଏ କ୍ଷେତ୍ରରେ ଗଭୀର ସ୍ତରକୁ ଯାଇ କାର୍ଯ୍ୟ କରନ୍ତି। ଏଠାରେ ମୁଁ ଏକ ଉଦାହରଣ ଦେଉଛି, ଯାହା ପ୍ରତି ଆପଣ ସଚେତନ ନ ଥିବେ। ୨୦୧୨ରେ ଇଭ୍‌ଫାମ୍ ନାମକ ଏକ ଏନ୍‌ଜିଓ ସୁପ୍ରିମ୍‌କୋର୍ଟରେ ଅଭିଯୋଗ କଲା ଯେ, ମଣିପୁରରେ ସଶସ୍ତ୍ର ବାହିନୀର ଏନ୍‌କାଉଣ୍ଟର ନକଲି ଥିଲା। କୋର୍ଟ କେତେଜଣ ବିଚାରପତିଙ୍କୁ ତଦନ୍ତ କରିବାକୁ ଆଦେଶ ଦେଲେ ଏବଂ ତଦନ୍ତରୁ ଜଣାପଡ଼ିଲା ଯେ ଉକ୍ତ ଏନ୍‌ଜିଓର ଅଭିଯୋଗ ସତ। ମଣିପୁରରେ ଏବେ ଏପରି ଏନ୍‌କାଉଣ୍ଟର ଓ ହତ୍ୟା ସଂଖ୍ୟା ପ୍ରାୟ ୨୦୦ରୁ ହାତଗଣତି ସ୍ତରକୁ ହ୍ରାସ ପାଇବାର କାରଣ ହେଉଛି ସଶସ୍ତ୍ର ବାହିନୀ ଜାଣିଛି ଯେ ତାଙ୍କ ଉପରେ ନଜର ରଖାଯାଉଛି। ନିୟମିତ ଗଣମାଧ୍ୟମରୁ ଆପଣ ଏ ସମ୍ପର୍କରେ ସୂଚନା ପାଇପାରିବେ ନାହିଁ। ଏଣୁ ଏନ୍‌ଜିଓ ଓ ସାମାଜିକ କର୍ମୀମାନେ ହିଁ ସାଧାରଣ ନାଗରିକଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା କରୁଛନ୍ତି। ଏକ ଗଣତାନ୍ତ୍ରିକ ଦେଶରେ ଏପରି ଅନେକ ସଂଗଠନ ଓ ସାମାଜିକ କର୍ମୀଙ୍କ ଆବଶ୍ୟକତା ରହିଛି। ଯେଉଁମାନେ ଦେଶ ପାଇଁ, ସମାଜ ପାଇଁ ଓ ସାଧାରଣ ନାଗରିକଙ୍କ ସ୍ୱାର୍ଥ ପାଇଁ କାମ କରୁଛନ୍ତି ଆମେ ସେମାନଙ୍କୁ ସମର୍ଥନ କରିବା ଉଚିତ, ଯଦିବା ସେମାନଙ୍କ କେତେକ କଥା ସହ ଆମେ ଏକମତ ନ ହୋଇପାରୁ।

Email: aakar.patel@gmail.com

# ଓଡ଼ିଆ ଭାଷା ପ୍ରତିଷ୍ଠାନର ଇତିବୃତ୍ତ



ଡ. ତମସାରାଣୀ ଦାସମହାପାତ୍ର

ବହୁ ପ୍ରାଚୀନକାଳରୁ ଏ ଯାବତ୍ ଉଡ୍ର, କଳିଙ୍ଗ, କଙ୍ଗୋଦ ଏବଂ ଉତ୍କଳ ନାମରେ ଆମ ରାଜ୍ୟ ଓଡ଼ିଶା ଅନେକ କୀର୍ତ୍ତି ଓ ସମ୍ଭାବନାକୁ ପାଥେୟ କରି ଆଗେଇଚାଲିଛି। ଏ ଜାତିର କଳା, ସ୍ଥାପତ୍ୟ, ସାହିତ୍ୟ, ସଂସ୍କୃତି, ନୌବାଣିଜ୍ୟ ଓ ଶିଳ୍ପ ସାରା ବିଶ୍ୱକୁ କେବଳ ଯେ ଚମତ୍କୃତ କରିଛି, ତା' ନୁହେଁ ଏହାର ଭାଷା ମଧ ତାହାର ପ୍ରାଚୀନତା ଓ ବ୍ୟାପକତା ଯୋଗୁ ଭାରତୀୟ ଭାଷାପରିବାର ମଧ୍ୟରେ ନିଜର ଗୁରୁତ୍ୱ ବଜାୟ ରଖିଆସିଛି।

ଭାଷାବିତ୍‌ଙ୍କ ମତରେ ପୂର୍ବୀପ୍ରାକୃତ, ଯାହା ଭରତମୁନିଙ୍କ ନାଟ୍ୟଶାସ୍ତ୍ରରେ 'ଉଡ୍ରବିଭାଷା' ବୋଲି ଅଭିହିତ, ତାହା ଏକଦା ଭାରତର ପୂର୍ବାଞ୍ଚଳରେ ହିଁ ବ୍ୟବହୃତ ହେଉଥିଲା। ଏହି ଭାଷାର ସୂଚନା ଖ୍ରୀ.ପୂ. ୧ମ ଶତାବ୍ଦୀରେ କଳିଙ୍ଗ ମହାରାଜା ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ ଦେଖିବାକୁ ମିଳେ। 'ଉଡ୍ର' ଜାତି ହିଁ ଥିଲେ କଳିଙ୍ଗର ମୁଖ୍ୟ ଅଧିବାସୀ। ସେମାନଙ୍କ ସହ କଳିଙ୍ଗ ପାର୍ବତ୍ୟାଞ୍ଚଳର କେତେକ ଆଦିବାସୀ ଓ ଦ୍ରାବିଡ଼ ଜାତୀୟ ଭାଷାଭାଷୀଙ୍କ ଭାଷାର ଶବ୍ଦ ମିଶ୍ରିତ ହୋଇ ଓଡ଼ିଆଭାଷା ସମୃଦ୍ଧ ହୋଇଛି। ଭାଷା ଏକ ପ୍ରବହମାନ ନଦୀ, ଯାହାର ସ୍ରୋତରେ ବିଭିନ୍ନ ଧାରାର ସମ୍ମିଶ୍ରଣ ଘଟି ଏକ ବିଶାଳ ଜଳଧାରା ଆଗକୁ ମାଡ଼ିଚାଲେ। ଯେପରି ଖ୍ରୀ.ପୂ. ୧ମ ଶତାବ୍ଦୀରେ ଖାରବେଳଙ୍କ ଅଭିଲେଖରେ ପରିଦୃଷ୍ଟ ପ୍ରାକୃତଭାଷା, ତାହାର ୧୫୦୦ ବର୍ଷ ପରେ ମାଟିର ମହାକବି ସାରଳା ଦାସଙ୍କ ମହାଭାରତରେ ବହୁଗୁଣରେ ସମୃଦ୍ଧ ହୋଇ ଆତ୍ମପ୍ରକାଶ କରିଥିଲା, ପୁଣି ଆଜି ୨୦୧୯ ମସିହା ପରେ ଆମ ଭାଷାଭଣ୍ଡାର ଯେ କେତେ ବିସ୍ତୃତ, ତାହା ଆମ ସମସ୍ତଙ୍କୁ ଜଣା। ଆମ ଭାଷାର ପ୍ରସାର ଓ ଏହାର ସମୃଦ୍ଧି ନିମନ୍ତେ ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୦୬ ଏପ୍ରିଲ୍ ୧ରେ ବିଧିବଦ୍ଧ ଭାବେ ସ୍ଥାପିତ ହୋଇଥିଲା 'ଓଡ଼ିଆ ଭାଷା ପ୍ରତିଷ୍ଠାନ'।

ଓଡ଼ିଆ ଭାଷା ପ୍ରତିଷ୍ଠାନ କେବଳ ଏକ ଅନୁଷ୍ଠାନ ନୁହେଁ, ଏହା ସମଗ୍ର ଜାତିର ଭାଷାପୀଠ ଓ ଜାତୀୟ ଚେତନାର ସ୍ମାରକୀ। କେଉଁ କେଉଁ ପଦକ୍ଷେପ ଦ୍ୱାରା ଆମର ଏ ବିଶାଳ ଭାଷାଭଣ୍ଡାର ସୁରକ୍ଷିତ ରହିବ, ସମୃଦ୍ଧିଶାଳୀ ହେବ ଓ ଆହୁରି ବିକଶିତ ହୋଇପାରିବ, ସେଥିପାଇଁ ବିଚାରବିମର୍ଶ ଓ କାର୍ଯ୍ୟ କରିବାର ମଞ୍ଚ ହେଉଛି ଓଡ଼ିଆ ଭାଷା ପ୍ରତିଷ୍ଠାନ। ବିଭିନ୍ନ ପ୍ରକଳ୍ପ ସଂଯୋଜନା, ପରିଚାଳନା ତଥା କାର୍ଯ୍ୟୋପଲବ୍ଧି ଜରିଆରେ ଓଡ଼ିଆ ଭାଷାକୁ ଶିକ୍ଷା, ପ୍ରଶାସନ, ଦପ୍ତର, ସଞ୍ଚାର ମାଧ୍ୟମ ଆଦି ପରିସରରେ ଅଧିକ ଅର୍ଥପୂର୍ଣ୍ଣ ଭାବରେ ପ୍ରୟୋଗ କରିବା, ଭାଷା ଓ ଲିପିର ଗବେଷଣାତ୍ମକ ପରିସରକୁ ଅଧିକ ବ୍ୟାପକ କରିବା, କମ୍ପ୍ୟୁଟରରେ ଓଡ଼ିଆ ଭାଷାର ବ୍ୟବହାର ଓ ପ୍ରସାରକୁ ନିଶ୍ଚିତ କରିବା, କାଳଜୟୀ ଓଡ଼ିଆକୀର୍ତ୍ତିକୁ ଇଣ୍ଟରନେଟ୍ ଯୋଗେ ବିଶ୍ୱବ୍ୟାପୀ ଉପଲବ୍ଧ କରାଇବା, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀଭିତ୍ତିକ ସମୟ ଉପଯୋଗୀ ଅଭିଧାନ, ବ୍ୟାକରଣ ପ୍ରଣୟନ ଓ କର୍ମଶାଳା, ସଂପାନ ଆଦି ଆୟୋଜନ କରି ଭାଷାକୁ ଅଧିକ କାର୍ଯ୍ୟକ୍ଷମ ତଥା ବଳିଷ୍ଠ କରିବାର ଉପାୟ ଅନୁସନ୍ଧାନ ସହ ଭାଷା ସଂରକ୍ଷଣ (Documentation), ସଞ୍ଚାରଭାଷାର ବିକାଶ (Communicative Language), ଭାଷାର ପ୍ରୟୋଗାତ୍ମକ ପ୍ରକାର୍ଯ୍ୟ (Applied Linguistics) ତଥା ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଭାଷା ଗବେଷଣା ଆଦି ଅନେକ ଯୋଜନାର ସଫଳ ରୂପାୟନ ନିମନ୍ତେ ଭାଷା ପ୍ରତିଷ୍ଠାନର ସ୍ଥାପନା।

ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ତା'ର ଲକ୍ଷ୍ୟ ଓ ଆଭିମୁଖ୍ୟକୁ କାର୍ଯ୍ୟକାରୀ କରିବା

**(୧୪ ଚତୁର୍ଦ୍ଦଶ ପ୍ରତିଷ୍ଠା ଦିବସ ଉପଲକ୍ଷେ)**

ଅବସରରେ ଓଡ଼ିଶାର କେତେକ ବିଜ୍ଞ, ପ୍ରାଜ୍ଞ ଓ ଗବେଷକଙ୍କ ସହ ଆଲୋଚନା କରି ଓଡ଼ିଆ ଭାଷାର ସାମ୍ପ୍ରତିକ ସ୍ଥିତି ଓ ଆବଶ୍ୟକତାକୁ ବିଚାରକୁ ନେଇ ଅଗ୍ରାଧିକାରଭିତ୍ତିରେ ନିମ୍ନୋକ୍ତ ତିନିଗୋଟି କ୍ଷେତ୍ରରେ ତା'ର କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିଛି, ଯଥା– ଓଡ଼ିଶା ଜନପଦର ଭାଷାଜଗତ, ଶିକ୍ଷାୟତନର ଭାଷାଜଗତ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଭାଷାର ପ୍ରଚଳନ। ଏହି ସମସ୍ତ କାର୍ଯ୍ୟଧାରା ମଧ୍ୟରୁ ଭାଷା ପ୍ରତିଷ୍ଠାନ କିଛି କାର୍ଯ୍ୟ ଅବଶ୍ୟ ସମାପ୍ତ କରିଛି ଓ ଆଉ କିଛି ଅସମ୍ପୂର୍ଣ୍ଣ କାର୍ଯ୍ୟ ପୂରଣ ନିମନ୍ତେ ସମ୍ପ୍ରତି ଉଦ୍ୟମରତ। ଭାଷା ପ୍ରତିଷ୍ଠାନ ପକ୍ଷରୁ ସରକାରୀ ଦପ୍ତର ଓ ବିଭିନ୍ନ ବେସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ନଥି ପ୍ରସ୍ତୁତ କରିବା, ସୂଚନା ଅଧିକାର ବଳରେ ତଥ୍ୟ ମାଗିବା, ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ହିତାଧିକାରୀଙ୍କଠାରୁ ଆରମ୍ଭକରି ସରକାରୀ କର୍ମଚାରୀଙ୍କ ପର୍ଯ୍ୟନ୍ତ ଓଡ଼ିଆରେ ବୋଧଗମ୍ୟ ଭାଷାର ନମୁନା, ଦରଖାସ୍ତ, ଅର୍ଜି ଲେଖିବା ଆଦି କାର୍ଯ୍ୟ ସହଜରେ କରିବା ନିମନ୍ତେ 'କାର୍ଯ୍ୟାଳୟ ନଥି' ଓ 'ପ୍ରଶାସନ ଶବ୍ଦକୋଷ' ପ୍ରକାଶିତ ହୋଇଛି। ପଶ୍ଚିମବଙ୍ଗରେ ଅବସ୍ଥାନ କରୁଥିବା ଓଡ଼ିଆ ଛାତ୍ରୀଛାତ୍ରଙ୍କ ପାଇଁ ପଶ୍ଚିମବଙ୍ଗ ମାଧ୍ୟମିକ ବୋର୍ଡଠାରୁ ଅନୁମତି ଆଣି ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିମନ୍ତେ ଗଣିତ, ଜୀବବିଜ୍ଞାନ, ପ୍ରାକୃତିକ ବିଜ୍ଞାନ, ଇତିହାସ ଓ ଭୂଗୋଳ ଆଦି ଗ୍ରନ୍ଥ ଓଡ଼ିଆରେ ଅନୁବାଦ କରାଯାଇ ପ୍ରେରିତ ହୋଇଛି। ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଓଡ଼ିଆଭାଷାର ଶୁଦ୍ଧତା ଉପଲକ୍ଷେ 'ସାଧାରଣ ଓଡ଼ିଆ ବନାନ ଶୁଦ୍ଧି', ପଞ୍ଚସଖା ଯୁଗର ସାହିତ୍ୟକୃତିରେ ଥିବା ଶବ୍ଦାବଳୀର ଅର୍ଥ ଅର୍ଥାନ୍ତର ସହ 'ଓଡ଼ିଆ ସାଂସ୍କୃତିକ ଶବ୍ଦାବଳୀ', ବଣ୍ଡା ଜନଜାତି ପିଲାମାନଙ୍କୁ ଓଡ଼ିଆ ଅକ୍ଷର ଶିକ୍ଷା ପ୍ରଦାନ ଲକ୍ଷ୍ୟରେ ବଣ୍ଡା-ଓଡ଼ିଆ ଚିତ୍ରଶବ୍ଦ ପୁସ୍ତକ 'ତୁଡ ମାଂମାଂ', ପ୍ରାଥମିକସ୍ତରୀୟ ଛାତ୍ରୀଛାତ୍ରଙ୍କ ଶବ୍ଦଜ୍ଞାନ ବୃଦ୍ଧି ନିମନ୍ତେ 'ଓଡ଼ିଆ ଚିତ୍ରଶବ୍ଦ ପୁସ୍ତକ', ଓଡ଼ିଆ ଭାଷା ଶିକ୍ଷା କରୁଥିବା ଛାତ୍ରୀଛାତ୍ର ଓ ଶିକ୍ଷା ପ୍ରଦାନ କରୁଥିବା ଶିକ୍ଷକମାନଙ୍କ ନିର୍ଭୁଲ ଲେଖାପଢ଼ା ନିମନ୍ତେ 'ଓଡ଼ିଆ ଭାଷାଦୀପିକା', ଓଡ଼ିଆ ଭାଷା ସମ୍ପର୍କରେ ଜ୍ଞାନ ଅର୍ଜନ ଉଦ୍ଦେଶ୍ୟରେ ଅନ୍ୟ ଭାରତୀୟ ଓ ବିଦେଶୀ ଭାଷାକୁ ଦୃଷ୍ଟିରେ ରଖି ଦ୍ୱିଭାଷିକ ଅଣଓଡ଼ିଆଙ୍କ ନିମିତ୍ତ ଓଡ଼ିଆଭାଷା ଶିକ୍ଷା 'Learn Odia Language' ପୁସ୍ତକ, 'ଓଡ଼ିଆ ଭାଷାର ଇତିବୃତ୍ତ' ଓ 'ଓଡ଼ିଆ ବର୍ଣ୍ଣମାଳା ବିଚାର' ଆଦି ପୁସ୍ତକ ପ୍ରକାଶିତ ହୋଇସାରିଛି। ଏହାଛଡ଼ା ଓଡ଼ିଶାର ତିରିଶଟି ଜିଲାର ଜନପଦରେ କଥିତ ଚଳନ୍ତି ଶବ୍ଦଗୁଡ଼ିକର ସୁରକ୍ଷା ଲାଗି ସେଗୁଡ଼ିକୁ ସଂଗ୍ରହ କରାଯାଇ 'କଥିତ ଶବ୍ଦକୋଷ' ନାମକ ଏକ ଅଭିଧାନ ନିକଟରେ ପ୍ରକାଶିତ ହୋଇଛି।

ଆଗାମୀ ଦିନରେ ଓଡ଼ିଆ ଭାଷାର ଗୁଣାତ୍ମକ ମାନ ବୃଦ୍ଧି ଲାଗି ପ୍ରତିଷ୍ଠାନ ତରଫରୁ 'ଭାଷାତତ୍ତ୍ୱ କୋଷଗ୍ରନ୍ଥ', 'ଯୋଗାଯୋଗର ଭାଷା ଓଡ଼ିଆ', 'ସାହିତ୍ୟ କୋଷ', 'ବିଶ୍ୱ ଦୃଷ୍ଟିରେ ଓଡ଼ିଆ ଭାଷା', 'ଓଡ଼ିଶାର ଜନଜାତି: ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ' ଆଦି ପୁସ୍ତକ ପ୍ରକାଶନ ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ଏଗୁଡ଼ିକ ଅଳ୍ପଦିନ ମଧ୍ୟରେ ପ୍ରକାଶ ପାଇବ।

ଓଡ଼ିଆ ଭାଷା ପ୍ରତିଷ୍ଠାନ ଓଡ଼ିଆ ଅନୁବାଦ କାର୍ଯ୍ୟ ପାଇଁ ଏକ ନିର୍ଭରଯୋଗ୍ୟ ଓ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ। ବିଭିନ୍ନ ସରକାରୀ ବିଭାଗର ଗୁରୁତ୍ୱପୂର୍ଣ୍ଣ ସରକାରୀ ନିର୍ଦ୍ଦେଶ, ଦସ୍ତାବିଜ୍ ଆଦି ବହୁ ତଥ୍ୟ ଅନୁବାଦ କରାଯାଇଆସୁଛି। ରାଜ୍ୟ ପୋର୍ଟାଲରେ ପ୍ରସାରିତ ବିଭିନ୍ନ ବିଭାଗର ପ୍ରାୟ ୧୮୫୦ ପୃଷ୍ଠାର ତଥ୍ୟାବଳୀକୁ ଓଡ଼ିଆ ଭାଷାରେ ଭାଷା ପ୍ରତିଷ୍ଠାନ ତରଫରୁ ଅନୁବାଦ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଓକାକ୍‌କୁ ପ୍ରଦାନ କରାଯିବା ସହ ସରକାରଙ୍କ ବିଭିନ୍ନ ବିଭାଗ/ଦପ୍ତରର ଇଂଲିଶ ତଥ୍ୟଗୁଡ଼ିକୁ ଓଡ଼ିଆରେ ଅନୁବାଦ କରାଯାଉଛି।

ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି, ପ୍ରସାର ଏବଂ ସର୍ବସାଧାରଣଙ୍କ ବ୍ୟବହାର ଉପଯୋଗୀ ହେବା ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଓଡ଼ିଆ ଭର୍ଚୁଆଲ ଏକାଡେମୀ ପ୍ରଥମେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ତା୧୪।୦୪।୨୦୧୭ରିଖରେ ଶୁଭାରମ୍ଭ କରାଯାଇଥିଲା, ଯେଉଁଥିରେ ଓଡ଼ିଆ ଭାଷା, ସଂସ୍କୃତି, ଐତିହ୍ୟ, ପରମ୍ପରା ଆଦିର ପ୍ରଚାର ନିମନ୍ତେ ବିଭିନ୍ନ ଦୁର୍ଲଭ ପୁସ୍ତକ, ପାଣ୍ଡୁଲିପି (ପୋଥି), ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ, ପ୍ରତ୍ନତାତ୍ତ୍ୱିକ ଦଲିଲ୍ ଇତ୍ୟାଦିର ଡିଜିଟାଇଜେଶନ କପି (୨୧ଟି ସିଡ଼ୀ, ୯ଟି ଡିଭିଡି) ୱେବ୍ ପୋର୍ଟାଲରେ ପ୍ରସାରଣ ନିମନ୍ତେ ଓକାକ୍‌କୁ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଏହା ସରକାରଙ୍କ ନିର୍ଦ୍ଦେଶନାମା ଆଧାରରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଅଧୀନକୁ ସ୍ଥାନାନ୍ତରିତ ହୋଇଛି।

ଏସବୁ ସତ୍ତ୍ୱେ ଅନେକ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଭାଷା ପ୍ରତିଷ୍ଠାନ ସଂକଳ୍ପବଦ୍ଧ, ଯାହା ମଧ୍ୟରୁ ଅଗ୍ରାଧିକାର ଭିତ୍ତିରେ ପାଣ୍ଡୁଲିପି (ପୋଥି) ସମ୍ପାଦନା, କାଳଜୟୀ ଓଡ଼ିଆ ପୁସ୍ତକଗୁଡ଼ିକର ଅନୁବାଦ, ନୂତନ ଧାରାର ଓଡ଼ିଆ ବ୍ୟାକରଣ ପ୍ରଣୟନ, ଆଦିବାସୀ ଭାଷାରେ ପ୍ରାଥମିକସ୍ତରରେ ପାଠ୍ୟପୁସ୍ତକ ପ୍ରଣୟନ, ଆଦିବାସୀ ଅଞ୍ଚଳରେ ସରକାରୀ କର୍ମକର୍ତ୍ତାଙ୍କୁ ଆଦିବାସୀ ଭାଷା ପ୍ରଶିକ୍ଷଣ, ରାମାୟଣ, ମହାଭାରତ, ଭାଗବତ ଓ ପୁରାଣଗୁଡ଼ିକର ତୁଳନାତ୍ମକ ଅଧ୍ୟୟନ, ପ୍ରବାସୀ ଅନ୍ୟ ରାଜ୍ୟ ପରିସରରେ ଓଡ଼ିଆ ଭାଷାଜଗତର ଏକ କ୍ଷେତ୍ରୀୟ ଆକଳନ ଏବଂ ଏହାର ଶିକ୍ଷାଗତ ତଥା ଭାଷାଗତ ସମୃଦ୍ଧି ଓ ପ୍ରସାର, ପାଠ୍ୟକ୍ରମ ବହିର୍ଭୂତ ଓଡ଼ିଆ ଭାଷା ଶିକ୍ଷା ନିମନ୍ତେ ପୁସ୍ତକ ରଚନା, ସର୍ବୋପରି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ ଆଦି କାର୍ଯ୍ୟର ସଫଳ ରୂପାୟନ ନିମନ୍ତେ ଭାଷା ପ୍ରତିଷ୍ଠାନ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛି।

ନିର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର

# ଦୁର୍ନୀତି ନିରୋଧକାରୀ

ଭାରତରେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ହେଉଥିବା ନେଇ ସର୍ବଦା ଆଲୋଚନା ହୋଇଥାଏ। ଦୁର୍ନୀତିର ସଂଜ୍ଞା କେବଳ ଆର୍ଥିକ ତୋସରପାତ ବା ଲାଞ୍ଚ ଭିତରେ ସୀମିତ ରହୁନାହିଁ। ଜଣଙ୍କ ପ୍ରତି ଜାଣିଶୁଣି ଅନୁଗ୍ରହ ଦେଖାଇବା, ପଦପଦବୀକୁ ବ୍ୟବହାର କରି ଫାଇଦା ନେବା ଆଦି ବିଭିନ୍ନ ଉପାୟରେ ଦୁର୍ନୀତି କରାଯାଉଛି। ତେବେ ଦେଶର ଉଚ୍ଚ ପଦପଦବୀରେ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୁର୍ନୀତି ଆସିଲେ ସାଧାରଣତଃ ସେମାନଙ୍କୁ ଧରିବା ଓ କାର୍ଯ୍ୟାନୁଷ୍ଠାନ ନେବା ସହଜ ହୋଇ ନ ଥାଏ। କିନ୍ତୁ ଏବେ ଉଚ୍ଚ ସ୍ଥାନରେ ଥିବା ବ୍ୟକ୍ତିଙ୍କ ନାମରେ ଅଭିଯୋଗ ଆସିଲେ ଦୁର୍ନୀତି ନିରୋଧୀ ବ୍ୟବସ୍ଥା 'ଲୋକପାଳ' ତାହାର ତଦନ୍ତ କରିବେ। କେନ୍ଦ୍ର ସ୍ତରରେ ଲୋକପାଳ ଓ ରାଜ୍ୟ କ୍ଷେତ୍ରରେ ଲୋକାୟୁକ୍ତଙ୍କ ଉପରେ ଏଭଳି ଦାୟିତ୍ୱ ନ୍ୟସ୍ତ କରାଯାଇଛି। ନିକଟରେ ଭାରତର ପ୍ରଥମ ଲୋକପାଳ ଭାବେ ପିନାକୀ ଘୋଷ ଦାୟିତ୍ୱ ନେବା ପରେ ତାଙ୍କ କାର୍ଯ୍ୟଶୈଳୀ ଓ ନିଷ୍ପତ୍ତି ଉପରେ ସମସ୍ତ ନଜର ରହିଛି। ପାର୍ଲାମେଣ୍ଟରେ ସଂଶୋଧନ ଅଣାଯିବା ପରେ ୨୦୧୩ରେ ଲୋକପାଳ ଓ ଲୋକାୟୁକ୍ତ ଆଇନ ଆସିଥିଲା। ୨୦୧୪ ଜାନୁୟାରୀରେ ଲୋକପାଳ ଆଇନ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଲୋକପାଳ ନିଯୁକ୍ତି ପାଇବା ଲାଗି ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗି ଯାଇଥିଲା। ଏପରି କି କିଏ ଦୁର୍ନୀତି ନିରୋଧୀ ସଂସ୍ଥାର ମୁଖ୍ୟ ହେବେ ସେଥିନେଇ ବହୁ ବାଦବିବାଦ ଘଟିଛି। ତଥାପି ପିନାକୀଙ୍କ ନିଯୁକ୍ତି ଦୁର୍ନୀତି ବିରୋଧରେ ଏକ ଶକ୍ତିଶାଳୀ ଅସ୍ତ୍ର ଭାବେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି। ପିନାକୀଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶପଥପାଠ କରାଇବା ପରେ ଗତ ସପ୍ତାହରେ ସେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉକ୍ତ ପଦବୀରେ ସେ ୭୦ ବର୍ଷ ବୟସ ହେବା ଯାଏ କିମ୍ବା ସର୍ବାଧିକ ୫ ବର୍ଷ, ତନ୍ମଧ୍ୟରୁ ଯେଉଁଟି ଆଗେ ପଡ଼ିବ, ସେହି ଅନୁଯାୟୀ ଦାୟିତ୍ୱ ତୁଲାଇବେ। ତାଙ୍କୁ ସହଯୋଗ କରିବା ଲାଗି ବ୍ୟବସ୍ଥାରେ ଉଭୟ ନ୍ୟାୟ ଓ ଅଣନ୍ୟାୟ କ୍ଷେତ୍ରରୁ ଆସିଥିବା ବ୍ୟକ୍ତିଙ୍କୁ ସଦସ୍ୟ ଭାବେ ନିଆଯାଇଛି। ତେବେ ଦେଶର ପ୍ରଥମ ଲୋକପାଳ ଭାବେ ପିନାକୀ ଦାୟିତ୍ୱ ନେଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାରେ ରହିଛି।

**ବ୍ୟକ୍ତିତ୍ୱ**



ପିନାକୀ ଚନ୍ଦ୍ର ଘୋଷ

ପିନାକୀ ୨୮ ମେ ୧୯୫୨ରେ ପଶ୍ଚିମବଙ୍ଗ ରାଜଧାନୀ କଲିକତା (ଏବେ କୋଲକାତା)ରେ ଜନ୍ମଗ୍ରହଣ କରିଥିଲେ। ପିତା ଜଷ୍ଟିସ ଶମ୍ଭୁ ଚନ୍ଦ୍ର ଘୋଷ ଥିଲେ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି। କଲିକତାର ଜଣାଶୁଣା ଓକିଲ ପରିବାର ବିଶେଷକରି ପାଞ୍ଚ ପିଢ଼ି ଧରି ଆଇନ ବ୍ୟବସାୟ କରି ଆସୁଥିବାରୁ ପିନାକୀଙ୍କ ଉପରେ ବଡ଼ମାନଙ୍କ ଆଶୀର୍ବାଦ ରହିଆସିଛି। କଲିକତାର ସେଣ୍ଟ ଜାଭିୟର୍ସ କଲେଜ, କଲିକତା ବିଶ୍ୱବିଦ୍ୟାଳୟର ୟୁନିଭର୍ସିଟି ଲ' କଲେଜରୁ ଯଥାକ୍ରମେ ବାଣିଜ୍ୟ ଓ ଆଇନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଛାତ୍ରାବସ୍ଥାରେ ଆଇନ ପ୍ରତି ତାଙ୍କ ଦୁର୍ବଳତା ବାରି ହୋଇପଡ଼ିଥିଲା। ସର୍ବଦା ସେ ଏହି କ୍ଷେତ୍ରରେ ସର୍ବୋଚ୍ଚରେ ପହଞ୍ଚିବାକୁ ଚେଷ୍ଟା କରିଥିଲେ। ସମୟକ୍ରମେ ସେ କଲିକତା ହାଇକୋର୍ଟର ବିଚାରପତି, ଆନ୍ଧ୍ରପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ପରେ ସୁପ୍ରିମକୋର୍ଟର ବିଚାରପତି ରହିଥିଲେ। ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ର ସଦସ୍ୟ ଥିବା ପିନାକୀ ବହୁ କ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରିଛନ୍ତି। ତେବେ ଲୋକପାଳ ଭାବେ କାର୍ଯ୍ୟ କରି ଦୁର୍ନୀତି ନିରୋଧ କରିବା ଦିଗରେ କିଭଳି ପଦକ୍ଷେପ ନେଉଛନ୍ତି ତାହା ତାଙ୍କ ପାଇଁ ହୋଇଯାଇଛି ବଡ଼ ଆହ୍ୱାନ।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଭାରତରେ ବିଭିନ୍ନ ମନ୍ଦିରରେ ଭିନ୍ନ ଭିନ୍ନ ପରମ୍ପରା ପ୍ରଚଳିତ। ଗୁଜରାଟ ଗାନ୍ଧୀନଗରରେ ଏପରି ଏକ ମନ୍ଦିର ରହିଛି ଯାହାକୁ ଘିଅରେ ଗାଧୋଇ ଦିଆଯାଏ। ରୂପଲ ନାମକ ଗାଁରେ ରହିଛି ଏହି ମନ୍ଦିର। ବରଦାୟିନୀ ଦେବୀ ମନ୍ଦିର ନାମରେ ଏହା ପ୍ରସିଦ୍ଧି ହାସଲ କରିଛି। ଏଠାକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଆସିଥାଆନ୍ତି। ଏହି ମନ୍ଦିରକୁ ଏକ ନିର୍ଦ୍ଦିଷ୍ଟ ଦିନରେ ଘିଅରେ ଗାଧୋଇ ଦିଆଯାଏ। ଏହାଦ୍ୱାରା ମା'ଙ୍କ କୃପା ବର୍ଷାହେବା ସହିତ ମନ୍ଦିରର ପବିତ୍ରତା ବଜାୟ ରହିଥାଏ ବୋଲି ସ୍ଥାନୀୟ ଲୋକେ ତଥା ପୂଜକ ମତ ଦେଇଥାଆନ୍ତି। କେବଳ ନବରାତ୍ରିରେ ଏହି ମନ୍ଦିରକୁ ଘିଅରେ ଗାଧୋଇ ଦିଆଯିବାର ପରମ୍ପରା ରହିଛି। କୁହାଯାଏ ଏଠାରେ ଯେଉଁ ଶ୍ରଦ୍ଧାଳୁ ଯାହା ମାନସିକ କରନ୍ତି ତାହା ପୂରଣ ହୋଇଥାଏ। ମାନସିକ ଅନୁଯାୟୀ ଭକ୍ତମାନେ ଏଠାରେ ବହୁ ପରିମାଣରେ ଘିଅ ଦାନ କରିଥାଆନ୍ତି। ଘିଅରେ ମନ୍ଦିରକୁ ଗାଧୋଇଦେବା ସମୟରେ ଏହାର ଚାରିପଟେ ଘିଅର ନଦୀ ବୋହିବା ଭଳି ଦେଖାଯାଏ। ଏହାକୁ ଦେଖିବା ପାଇଁ ଦୂରଦୂରାନ୍ତରୁ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ନବରାତ୍ରି ନବମୀ ଦିନ ଏହି ମନ୍ଦିରରୁ କାଠରେ ତିଆରି ଏକ ରଥ ବାହାରି ଗାଁ ପରିକ୍ରମା କରିଥାଏ। ଏଥିରେ ଅଖଣ୍ଡ ଜ୍ୟୋତି ରଖାଯାଇଥାଏ। ଏହି ଜ୍ୟୋତି ଦର୍ଶନ କଲେ ପାପମୋଚନ ହୋଇଥାଏ ବୋଲି ଭକ୍ତ ଓ ଶ୍ରଦ୍ଧାଳୁଙ୍କର ବିଶ୍ୱାସ ରହିଛି।

## ଚିରନ୍ତନୀ

ଆବାସେ ଆବାସେ ଅଶ୍ରୁର ଅଭିଷେକ
ଆବାସେ ଆବାସେ ବ୍ୟର୍ଥତା ଲଭି ଟେକ,
ରହିଅଛି ଉଭା ବିରଚି ବିରାଟ ଭୟ
ବିଶ୍ୱର ସେ କି ଅବିନଶ୍ୱର ଜୟ !
'ବ୍ୟର୍ଥତା ! ହା ହା !' ଉଠିଲା ସେ ପୁଣି ଡାକି
ଅକପଟ ହାସ ବଦନେ ରହିଲା ଲାଖି
ଧୂଳି ଅଞ୍ଜଳି ଟେକି ଦୁର୍ବଳ ଭୁଜେ,
ଭାଷିଲା, 'ସତ୍ୟ ମହା ବାସ୍ତବ ମୁଁ ଯେ !'

(ଜୀବନର ସ୍ୱର୍ଶ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | 3 | C | 4 | E | | 5 | | | | 0 | | 6 |
| 3 | | | | 6 | 5 | | | B | 8 | | 4 | | | |
| | 1 | | | | | | | 0 | | | | | | D |
| | | 5 | | B | 0 | 6 | | | A | | | | | 8 |
| | | | | | | 3 | | | | | | E | | 4 |
| | | | | 8 | C | | | | D | | 0 | | | 7 |
| | | 0 | | | | | 3 | | C | | | D | | |
| 7 | | | 4 | D | 6 | B | A | 8 | | 9 | | 2 | | |
| | | | | | | | E | 6 | | 7 | | 9 | B | |
| | 5 | 1 | | A | 9 | | | | | 3 | 2 | | | |
| | | 8 | | 5 | E | C | | | | | 1 | | 3 | |
| | | E | | | A | | 2 | | | | 9 | | | |
| | 4 | | B | | | | 6 | | 3 | | D | | | |
| 1 | | | | | | 8 | 7 | D | E | | B | C | | |
| | | 9 | 2 | | | | B | A | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 1 | B | 5 | 6 | E | 2 | 3 | A | 4 | 8 | 9 | C | 0 | D |
| 8 | E | C | 1 | A | 3 | 5 | B | 9 | 6 | D | 0 | 4 | 7 | 2 |
| 5 | 4 | 9 | D | C | 7 | 0 | 8 | 6 | 2 | A | B | 3 | E | 1 |
| 2 | 6 | 0 | 4 | B | 9 | 7 | C | D | E | 3 | 1 | 8 | A | 5 |
| A | 3 | D | 8 | 2 | 0 | E | 4 | 1 | C | 5 | 7 | B | 6 | 9 |
| 3 | 9 | 4 | B | 5 | C | 6 | A | 0 | 7 | 2 | E | D | 1 | 8 |
| 1 | C | 7 | 0 | D | A | 3 | 2 | 5 | 9 | 6 | 8 | E | 4 | B |
| E | 5 | 8 | 7 | 1 | 6 | D | 9 | C | B | 0 | 4 | 2 | 3 | A |
| 0 | A | 6 | 2 | 9 | 4 | 8 | E | B | D | 1 | 3 | 7 | 5 | C |
| B | D | 2 | 3 | E | 8 | 4 | 1 | 7 | 5 | C | A | 6 | 9 | 0 |
| D | 0 | 1 | E | 4 | B | A | 7 | 3 | 8 | 9 | 2 | 5 | C | 6 |
| 6 | 7 | E | C | 8 | 1 | 9 | D | 2 | A | 4 | 5 | 0 | B | 3 |
| 4 | 2 | A | 9 | 3 | 5 | C | 6 | E | 0 | B | D | 1 | 8 | 7 |
| C | 8 | 3 | A | 0 | D | B | 5 | 4 | 1 | 7 | 6 | 9 | 2 | E |
| 9 | B | 5 | 6 | 7 | 2 | 1 | 0 | 8 | 3 | E | C | A | D | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକସମାଜ ପ୍ରତି ଅବିଚାର

ମହାଶୟ,

ଦିନେ ଖବରକାଗଜରୁ ପଢ଼ିଲି–ଜଣେ ସ୍କୁଲ ଇନ୍ସପେକ୍ଟର ଗୋଟିଏ ସ୍କୁଲକୁ ଯାଇଥିଲେ ପରିଦର୍ଶନ କରିବାକୁ। ଛାତ୍ରଙ୍କ ଜ୍ଞାନଗରିମା ଦେଖିବା ବଦଳରେ ସେ ଶିକ୍ଷକଙ୍କ ଜ୍ଞାନଗରିମାକୁ ପରୀକ୍ଷା କଲେ। ଛାତ୍ର ଓ ଅଭିଭାବକଙ୍କ ସାମ୍ନାରେ ସେମାନଙ୍କୁ ଭର୍ତ୍ସନା କଲେ। ପିଲାଙ୍କ ଉପରେ ଏହାର କି ପ୍ରଭାବ ପଡ଼ିବ ? ସରକାର ସ୍କୁଲ ଖୋଲନ୍ତି ନାହିଁ। ସାଧାରଣ ଲୋକେ ଜାଗା ଦିଅନ୍ତି, ଆସବାବପତ୍ର ଦିଅନ୍ତି। ବିନା ପଇସାରେ ବା ସ୍ୱଳ୍ପ ଦରମାରେ ରହି ଆଖପାଖ ଅଞ୍ଚଳରୁ ପିଲା ଯୋଗାଡ଼ କରି ଶିକ୍ଷାଦାନ କରନ୍ତି। ସ୍କୁଲଗୁଡିକୁ ରେକଗ୍‌ନିସନ ଦେବାକୁ ସରକାରୀ ଲୋକେ କେତେ ପେଞ୍ଚ ବାହାର କରି ଅଣ୍ଟାଗୁଞ୍ଜା ନେଇଥାନ୍ତି। ଆଗରୁ ଜଣେ ସହକାରୀ ଶିକ୍ଷକଭାବେ ଚାକିରି କରି ପ୍ରଧାନ ଶିକ୍ଷକ ବା ଶିକ୍ଷା ନିରୀକ୍ଷକ ଭାବରେ ଅବସର ଗ୍ରହଣ କରୁଥିଲେ। ସରକାର ଓପିଏସ୍‌ସି ଜରିଆରେ ପ୍ରଧାନଶିକ୍ଷକ ନିଯୁକ୍ତ କରିବା ଦ୍ୱାରା ଅଳ୍ପ ବୟସର ଯୁବକମାନେ ପ୍ରଧାନଶିକ୍ଷକ ଭାବରେ ନିଯୁକ୍ତି ପାଉଛନ୍ତି। ଶିକ୍ଷକମାନେ ପଦୋନ୍ନତି ପାଇବାରୁ ବଞ୍ଚିତ ହେଉଛନ୍ତି। ଶିକ୍ଷକଙ୍କ ପ୍ରତି ସରକାର ଅବିଚାର କରିବା ଅତ୍ୟନ୍ତ ଦୁଃଖର କଥା ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ପେନ୍‌ସନଭୋଗୀ ହଟହଟା

ସିନିୟର ସିଟିଜେନଙ୍କ ପାଇଁ ସରକାର ନାନାଦି ସୁବିଧା ପ୍ରଦାନ କରୁଛନ୍ତି। ମାତ୍ର ବିଡମ୍ବନାର ବିଷୟ କେନ୍ଦ୍ରାପଡା ଷ୍ଟେଟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ପେନସନଭୋଗୀମାନେ ମାସ ମାସ ଧରି ପେନସନ ପାଇବାରୁ ବଞ୍ଚିତ ହେଉଛନ୍ତି। ସନ୍ଦେହ ଦୂର ପାଇଁ କିଛି ପଚାରିଲେ ସେ ମହାଶୟ ବିରକ୍ତି ପ୍ରକାଶ କରୁଛନ୍ତି। ଏହାର ବିହିତ ପ୍ରତିକାର ପାଇଁ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଅଧିକାରୀଙ୍କୁ ନିବେଦନ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ମାର୍ଚ୍ଚ ୧୯୯୪**

- ଇଟାଲୀର ଖବର ସରବରାହକାରୀ ସଂସ୍ଥାର ସମ୍ରାଟ ରୂପେ ପରିଚିତ ସିଲଭିଓ ବେର୍ଲୁସ୍କୋନି ଏବଂ ତାଙ୍କର ନିଓଫାସିଷ୍ଟ ତଥା ଫେଡେରାଲିଷ୍ଟ ମେଣ୍ଟ ସାଧାରଣ ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଛି।
- ଡଙ୍କେଲ ପ୍ରସ୍ତାବ ସମ୍ପର୍କିତ ଗାଟ ରାଜିନାମାରେ କେନ୍ଦ୍ର ସରକାରଙ୍କ ସ୍ୱାକ୍ଷର ବିରୋଧରେ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାରଙ୍କୁ ପକ୍ଷଭୁକ୍ତ କରି ଓଡିଶା ସରକାର ଏକ ମକଦ୍ଦମା ଦାଏର କରିବା ନେଇ ନିଷ୍ପତ୍ତି ଗ୍ରହଣ କରିଛନ୍ତି।
- ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ନିର୍ଦ୍ଦେଶକ ଭାବେ ପି. ଶ୍ରୀନିବାସନଙ୍କୁ ନିଯୁକ୍ତି।

## ଜିଲା ବିଜେଡି ସାଧାରଣ ସମ୍ପାଦକଙ୍କ ଇସ୍ତଫା



**ଢେଙ୍କାନାଳ ଅଫିସ, ୩୦।୩:** ଢେଙ୍କାନାଳ ଜିଲା ବିଜେଡି ସାଧାରଣ ସମ୍ପାଦକ ଭରତ କୁମାର ଦାସ ଶନିବାର ଦଳ ତଥା ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ନିଜ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଦଳରେ ପୁରୁଣା କର୍ମୀଙ୍କୁ ଅଣଦେଖା କରାଯାଉଛି। ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯାଉଛି। ସେମାନଙ୍କୁ ଦଳୀୟ ପ୍ରାର୍ଥୀ କରିବାକୁ ଲବି କରାଯାଉଛି। ଏହାର ପ୍ରତିବାଦରେ ସେ ଇସ୍ତଫା ଦେଇଥିବା କହିଛନ୍ତି। ଢେଙ୍କାନାଳରେ ଆରମ୍ଭ କରିଥିବା ନବୀନ ପଟ୍ଟନାୟକଙ୍କ ଫ୍ୟାନ୍ କ୍ଲବକୁ ସୋସିଆଲ ମିଡିଆରେ କାର୍ଯ୍ୟକାରୀ କରାଇବେ ବୋଲି ସୂଚନା ଦେଇଛନ୍ତି। ନବୀନ ପଟ୍ଟନାୟକ ଜଣେ ଭଲ ଲୋକ। ଶାରୀରିକ ଅସୁସ୍ଥତା ଯୋଗୁ ସେ ଜିଲା ପଦାଧିକାରୀଙ୍କୁ ଭେଟୁନାହାନ୍ତି ବୋଲି ସେ କହିଛନ୍ତି। ନିଜର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇ ସେ କହିଲେ, ସମୟ ଅଛି, ଚିନ୍ତା କରିବି। ଭରତ ୨୦୦୪ରେ ବିଜେଡିରେ ଯୋଗ ଦେଇଥିଲେ। ୨୦୧୩ରେ ତାଙ୍କୁ ଜିଲା ସାଧାରଣ ସମ୍ପାଦକ ପଦବୀ ମିଳିଥିଲା। ସେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଘନିଷ୍ଠ ସହଯୋଗୀ ଥିଲେ। ଚଳିତ ନିର୍ବାଚନରେ ଢେଙ୍କାନାଳ ବିଧାନସଭା ଆସନରେ ଆଶାୟୀ ଭାବେ ତାଙ୍କ ନାମ ଚର୍ଚ୍ଚାକୁ ଆସିଥିଲା।

## ଭାଜପା ନଗର ସଭାପତିଙ୍କ ଇସ୍ତଫା



**ହିନ୍ଦୋଳ, ୩୦।୩(ଡି.ଏନ.ଏ):** ହିନ୍ଦୋଳ ଭାଜପା ନଗର ସଭାପତି ସୁଶାନ୍ତ କୁମାର ଭୂତିଆ ଶନିବାର ନିଜ ପଦବୀ ସହ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସେ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ସୁଶାନ୍ତ ଦୀର୍ଘ ୨୨ବର୍ଷ ଧରି ଦଳୀୟ କାର୍ଯ୍ୟ କରି ଆସୁଥିଲେ। ସେ ୨ଥର ହିନ୍ଦୋଳ ବ୍ଲକ ଉପସଭାପତି, ଥରେ ସାଧାରଣ ସମ୍ପାଦକ ଏବଂ ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ପଦବୀରେ ରହି ସୁଚାରୁ ରୂପେ ଦାୟିତ୍ୱ ତୁଲାଇ ସାରିଛନ୍ତି। ସେ ୨ଥର ହିନ୍ଦୋଳ ନଗର ସଭାପତି ପଦବୀରେ ରହିବା ସହ ପ୍ରଚାରକ ମଧ୍ୟ ଥିଲେ। ଦଳ ତାଙ୍କୁ ଚିହ୍ନିପାରିଲା ନାହିଁ। ତାଙ୍କ ପ୍ରତି ବୈମାନ କାର୍ଯ୍ୟ କରିଥିବା ସୁଶାନ୍ତ କ୍ଷୋଭବ୍ୟକ୍ତ କରିଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଜିଲା ସଭାପତି ଓ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଛନ୍ତି। ଆଗାମୀ ଦିନରେ ପୂର୍ବତନ ଜିଲା ପରିଷଦ ସଭ୍ୟ ସହ ୩୦ରୁ ୪୦ କର୍ମୀ ଦଳ ଛାଡ଼ିବେ ବୋଲି ବୋଲି ସେ କହିଛନ୍ତି। ନିର୍ବାଚନ ପୂର୍ବରୁ ସୁଶାନ୍ତ ଦଳ ଛାଡ଼ିବା ଭାଜପା ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। ସେ ଅନ୍ୟ କେଉଁ ଦଳରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

### କେପିଙ୍କୁ ନେଇ ଦଳରେ ଉତ୍ସାହ

# 'ଆବେଦନ କରିନି, ହାଇକମାଣ୍ଡଙ୍କ ନିର୍ଦ୍ଦେଶ'

**ଢେଙ୍କାନାଳ ଅଫିସ, ୩୦।୩**



କେ.ପି. ସିଂଦେଓଙ୍କୁ କଂଗ୍ରେସ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା।

ଢେଙ୍କାନାଳ ଲୋକ ସଭା ଆସନ ଲାଗି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ (କେପି)ଙ୍କ ନାମ ଘୋଷଣା କରାଯିବା ପରେ ଦଳୀୟ କର୍ମୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି ହୋଇଛି। ଶନିବାର ନୂଆଦିଲ୍ଲୀରୁ ଫେରିବାପରେ ଶତାଧିକ କଂଗ୍ରେସ କର୍ମୀ ଗୋବିନ୍ଦପୁର ନିକଟରେ ସ୍ୱାଗତ ଜଣାଇଥିଲେ। ପରେ ବାଇକ୍ ରାଲିରେ ସହରସ୍ଥିତ ଗାନ୍ଧୀମନ୍ଦିରକୁ ପାଛୋଟି ଆଣିଥିଲେ। ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଦଳୀୟ ନେତୃବୃନ୍ଦ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ କେପି ସୁପରମାର୍କେଟସ୍ଥିତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ମହାପ୍ରଭୁ ଶ୍ରୀବଳରାମଙ୍କ ଦର୍ଶନ ସାରି ରାଜବାଟୀକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ରାଜବାଟୀ ପରିସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଜଣାଇ କାମାକ୍ଷାପ୍ରସାଦ କହିଲେ, ରାଜନୀତିରୁ ସେ ପ୍ରାୟ ଦୂରେଇ ଯାଇଥିଲେ। ଚଳିତ ନିର୍ବାଚନରେ ଲଢ଼ିବାକୁ ଆବେଦନ ମଧ୍ୟ କରି ନ ଥିଲେ। ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସେ ପ୍ରାର୍ଥୀ ହୋଇଛନ୍ତି। ଏଥର ଜୋର୍‌ଦାର ଲଢ଼େଇ ହେବ। ଅତୀତରେ ଶୂନରୁ ଆରମ୍ଭ କରି ଦଳ ଲୋକ ସଭାରେ ୭ ଆସନ ଜିତିଥିଲା। ଅସମ୍ଭବ ବୋଲି କିଛି ନାହିଁ। ସମସ୍ତଙ୍କ ସହଯୋଗ ମିଳିଲେ ସବୁକିଛି ସମ୍ଭବ ହୋଇପାରିବ। ଦେଶରେ ଢେଙ୍କାନାଳକୁ ଆଦର୍ଶ ଜିଲାରେ ପରିଣତ କରିବାକୁ ଉଦ୍ୟମ ଜାରି ରହିବ ବୋଲି ସେ କହିଛନ୍ତି। ସହଯୋଗୀଙ୍କ ସହ ଆଲୋଚନା କରିବା ପରେ ପ୍ରାର୍ଥୀପତ୍ର ଦାଖଲ ଦିବସ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ନଗରପାଳ ଶ୍ରୀଧର ସାହୁ, ସୁବାସିନୀ ମହାକୁଡ, ସସ୍ମିତ ନନ୍ଦ, ପ୍ରକାଶ କୁଅଁର, ସୁନୀଲ ଦାଶ, ବେଣୁଧର ସାହୁ, ପ୍ରେମଶଙ୍କର ମିଶ୍ର, ଦ୍ୱିତୀକୃଷ୍ଣ ବରାଳ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

# ଡିକି ଭାଙ୍ଗି ୨.୧୦ ଲକ୍ଷ ଲୁଟ୍

**ଭୁବନ, ୩୦।୩(ଡି.ଏନ୍.ଏ.)**

ଭୁବନ କାଳୀବଜାର ନିକଟରୁ ଶନିବାର ଅପରାହ୍ନରେ ଲୁଟ୍ ହୋଇଛି। ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୨ ଲକ୍ଷ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ବାଲୁଙ୍କେଶ୍ୱର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରତାପ କୁମାର ବାରିକ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ପ୍ରତାପ କାଳୀବଜାରସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରୁ ୨ଲକ୍ଷ ୧୦ ହଜାର ଟଙ୍କା ଉଠାଇ ବାଇକ୍ (ଓଆର ୦୪କେ ୨୯୪୫) ଡିକିରେ ରଖିଥିଲେ। ମୁନା ମେଡିସିନ ଷ୍ଟୋର ନିକଟରେ ଗାଡ଼ି ରଖି ସ୍କୁଲ ବ୍ୟାଗ୍ କିଣୁଥିବାବେଳେ କେହି ଦୁର୍ବୃତ୍ତ ଡିକି ଭାଙ୍ଗି ଟଙ୍କା ନେଇ ଚମ୍ପଟ ମାରିଥିଲେ। ସେ କିଛି ବାଟ ଆସି ଅନ୍ୟ ଏକ ଦୋକାନରେ ଥଣ୍ଡା ପାନୀୟ ପିଇବାକୁ ଯାଉଥିବାବେଳେ ଲୁଟ୍‌ର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।




# କଂଗ୍ରେସ, ସ୍ୱାଧୀନରୁ ପ୍ରାର୍ଥୀପତ୍ର ଦାଖଲ କଲେ ରମେଶ



ରମେଶ ବେହେରା ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର(ଡି.ଏନ୍.ଏ.), ୩୦।୩**

ଢେଙ୍କାନାଳ ଜିଲାର ଶନିବାର ୩ ନାମାଙ୍କନପତ୍ର ଦାଖଲ ହୋଇଛି। ପରଜଙ୍ଗ ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ତଥା ହାଇକୋର୍ଟ ଆଇନଜୀବୀ ରମେଶ ବେହେରା ନିଜର ସମର୍ଥକଙ୍କ ଗହଣରେ ପଟୁଆରରେ ଆସି ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ନିକଟରେ ନାମାଙ୍କନ ଦାଖଲ କରିଥିଲେ। ସେ ଉଭୟ କଂଗ୍ରେସ ଏବଂ ସ୍ୱାଧୀନ ଭାବେ ୨ ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ରମେଶ କଂଗ୍ରେସ ବିଧାୟକ ଆଶାୟୀ ପ୍ରାର୍ଥୀ ଥିଲେ। ଯଶସ୍ୱିନୀ ରାଉତଙ୍କୁ ଦଳ ଟିକେଟ ଦେବା ପରେ ସେ ଅସନ୍ତୁଷ୍ଟ ଥିଲେ। ଏ ନେଇ ରମେଶ ନିଜର ପ୍ରତିକ୍ରିୟାରେ କୁହନ୍ତି, ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ବଦଳାଇବାକୁ ସେ ହାଇକମାଣ୍ଡଙ୍କୁ ନିବେଦନ କରିବେ। ଟିକେଟ ପାଇଲେ ସେ ନିଶ୍ଚିତ ବିଜୟୀ ହେବ। ତାଙ୍କୁ ଟିକେଟ ନ ମିଳିଲେ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ଏବଂ ସମସ୍ତ ନିଷ୍ପତ୍ତି ଜନସାଧାରଣଙ୍କ ଉପରେ ଛାଡ଼ିଦେବେ ବୋଲି କହିଛନ୍ତି।

ସେହିପରି ଢେଙ୍କାନାଳ ବିଧାନସଭା ଆସନରୁ ଏଏପି ପ୍ରାର୍ଥୀ ଆଶିଷ କୁମାର ମିଶ୍ର ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ନିକଟରେ ୨ସେଟ୍ ନାମାଙ୍କନପତ୍ର ଦାଖଲ କରିଥିବା ଡେପୁଟି କଲେକ୍ଟର (ନିର୍ବାଚନ) ରଶ୍ମିରେଖା ସ୍ୱାଇଁ ଜଣାଇଛନ୍ତି।

# ବିଏସ୍‌ଏନ୍‌ଏଲ୍ ବିଭ୍ରାଟ, ଆନ୍ଦୋଳନ ଚେତାବନୀ

**ଭୁବନ, ୩୦।୩(ଡି.ଏନ.ଏ.)**

ଭୁବନ ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ସେବାରେ ବ୍ୟାପକ ବିଭ୍ରାଟ ଦେଖାଦେଇଛି। ଏହାକୁ ନେଇ ଉପଭୋକ୍ତା ମହଲରେ ଅସନ୍ତୋଷ ତୀବ୍ର ହୋଇଛି।

ଭୁବନ ଅଞ୍ଚଳର ୬୦% ଲୋକ ବିଏସ୍‌ଏନ୍‌ଏଲ୍ ନେଟ୍‌ୱାର୍କ ବ୍ୟବହାର କରୁଛନ୍ତି। ଦୀର୍ଘଦିନ ଧରି ନେଟ୍‌ୱାର୍କ ଅଚଳ ହୋଇପଡ଼ିଥିବାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗର କାମ ପ୍ରଭାବିତ ହେଉଛି। ବିଶେଷ କରି ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ, ଡାକ ସେବା ସମେତ ସରକାରୀ, ବେସରକାରୀ ଲ୍ୟାଣ୍ଡଲାଇନ୍ କାମ କରୁନାହିଁ। ଅନ୍‌ଲାଇନରେ ଶିକ୍ଷା ଏବଂ ଚାକିରି ପାଇଁ ଆବେଦନ କରୁଥିବା ଛାତ୍ରୀଛାତ୍ର ହୀନସ୍ତା ହେଉଛନ୍ତି। ଏଥିରେ ବ୍ୟତିବ୍ୟସ୍ତ ହୋଇ ଅନେକେ ସଂଯୋଗ ବିଚ୍ଛିନ୍ନ କରିଦେଲେଣି। ଆଉ କେତେକ ଅନ୍ୟ ନେଟ୍‌ୱାର୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ସେମାନେ ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ତଥାପି ଏହାର ପ୍ରତିକାର କରାଯାଉନାହିଁ। ଏହାକୁ ଗୁରୁତ୍ୱ ଦିଆ ନ ଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।




### ପୋଲିସ, ଖଣି ବିଭାଗର ମିଳିତ ଚଢ଼ାଉ

# ୩୯ ଟନ୍ ଚୋରା କୋଇଲା ଜବତ

**ପରଜଙ୍ଗ, ୩୦।୩(ଡି.ଏନ୍.ଏ.)**



ପରଜଙ୍ଗ ପୋଲିସ ଏବଂ ତାଳଚେର ମାଇନିଂ ଅଫିସରଙ୍କ ମିଳିତ ସ୍କ୍ୱାଡ୍ ଶୁକ୍ରବାର ବିଳମ୍ବିତ ରାତିରେ ୨ ଟ୍ରକ୍‌ରେ ଚାଲାଣ କରାଯାଉଥିବା ୩୯ ଟନ୍ ଚୋରା କୋଇଲା ଜବତ କରିଛି।

କୋଇଲା ଚୋରା ଚାଲାଣ ହେଉଥିବା ସୂଚନାପାଇ ସ୍କ୍ୱାଡ୍ ୫୩ ନଂ. ଜାତୀୟ ରାଜପଥର ପିଡିରି ଛକ ନିକଟରେ ଛପି ରହିଥିଲେ। ଏହି ସମୟରେ ୧୨ଚକିଆ ଟ୍ରକ୍ (ଓଆର ୦୯ ପି ୪୯୭୭)କୁ ସନ୍ଦେହରେ ପୋଲିସ ଅଟକାଇଥିଲା। ଯାଞ୍ଚବେଳେ କୋଇଲା ଚୋରା ଚାଲାଣ ହେଉଥିବା ଜଣାପଡ଼ିଥିଲା। ସେଥିରୁ ୨୨ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଜବତ କରାଯାଇଛି। ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା ଚଳାଇଛି।

ସେହିପରି ୧୪୯ନଂ. ଜାତୀୟ ରାଜପଥରେ ଦ୍ରୁତଗତିରେ ଯାଉଥିବା ୧୦ ଚକିଆ ଟ୍ରକ୍ (ଓଆର ୦୪ ଜି ୧୧୪୯)କୁ କୁଲେଇ ଅଞ୍ଚଳରୁ ସ୍କ୍ୱାଡ୍ ଧରିଥିଲା। ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଟ୍ରକ୍‌ରୁ ୧୭ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଜବତ କରାଯାଇଛି। ଉକ୍ତ ଟ୍ରକ୍ ପୂର୍ବରୁ ମଧ୍ୟ ଏପରି ବେଆଇନ କାରବାର କରୁଥିବାବେଳେ ଧରାପଡ଼ିଥିଲା। ଏ ନେଇ ପୃଥକ୍ ମାମଲା ରୁଜୁ କରାଯାଇଛି। ଉକ୍ତ କୋଇଲା ତାଳଚେର ଅଞ୍ଚଳରୁ ଆସୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଢେଙ୍କାନାଳ ଏସ୍‌ପିଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ାଉରେ ଥାନାଧିକାରୀ ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ୍, ଏସ୍‌ଆଇ ଜନ୍ମେଜୟ ପାତ୍ର, ଏଏସ୍‌ଆଇ ଗୋପବନ୍ଧୁ ବେହେରା, ସରାଙ୍ଗ ଫାଣ୍ଡି ଅଧିକାରୀ ଦାମୋଦର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

कार्पोरेशन बैंक Corporation Bank
(A Premier Public Sector Bank)

**VEHICLE AUCTION SALE NOTICE**

**CORPORATION BANK**
ZONAL OFFICE, Block No.-4, Wing-3, 1st Floor, BMC Bhawani Enclave, Saheed Nagar, Bhubaneswar-751007

Applications are invited from interested bidders for purchase of following vehicles, seized by the Bank on **"As is where is"**, **"As is what is"** and **"Whatever there is"** basis as per terms and conditions listed below. This public notice will be treated as a notice to the borrowers/guarantors/ mortgagors of the loans. They are hereby advised to be present at the auction venue on the auction date and are free to liquidate their entire dues before the auction date, failing which the vehicle will be auctioned and balance dues, if any will be recovered from them with interest and cost.

| Sl. No. | BRANCH / Name & Address of Borrowers | Description of Vehicles | Reserve Price / EMD |
|---|---|---|---|
| 1. | ANGUL BRANCH / **Borrower: Pabitra Mohan Pradhan,** S/o.: Purandar Pradhan, At/GP.: Kandasar, P.S.: Nalco, Dist.: Angul, Odisha | Vehicle - John Deere Tractor 5038D, Regd. No.: OD 19E 4121, Date of Registration: 06.02.2015, Year of Make: 12/2014 | ₹2,80,000/- / ₹28,000/- |
| 2. | ANGUL BRANCH / **Borrower: Mr. Santosh Kumar Parida,** S/o.: Sahadeb Parida, At/P.O.: Jarasingha, P.S.: Angul, Odisha | Vehicle - Massey Ferguson 1035DI Tractor with Trolley, Regd. No.: OD 19D 6968 & 6969, Date of Registration: 06.09.2014, Year of Make: 08/2014 | ₹2,80,000/- / ₹28,000/- |
| 3. | ANGUL BRANCH / **Borrower: Mr. Pradipta Kumar Pradhan,** S/o.: Dolagobinda Pradhan, At: Baradapal, G.P.: Baunshapokhari, P.S.: Hindol, Dist.: Dhenkanal, Odisha | Vehicle - Massey Ferguson 1035 DI Mahasakti Tractor with Trolley, Regd. No.: OD 19F 3701 & 3702, Date of Registration: 11.09.2015, Year of Make: 05/2015 | ₹2,50,000/- / ₹25,000/- |
| 4. | BHUBANESWAR MAIN BRANCH / **Borrower: Bikram Keshari Pradhan,** Plot No.: 2517, Hi-Tech Medical College Road, Pandra, Rasulgarh, Bhubaneswar, Odisha-751025 | Vehicle - Mahindra Scorpio VLX vehicle, Regd. No.: OD 02G 2658 (Private), Date of Registration: 20.06.2013, Year of Make: 03/2013 | ₹3,70,000/- / ₹37,000/- |

**Name of the Branch Official & Contact No.: Mr. Rama Chandra Behera, Mob.: 7682820359, Ph.: 06764-230051 (For Angul Branch) Mr. Tapan Kumar Sahoo, Mob.: 7682820352, Ph.: 0674-2536329 (For Bhubaneswar Main Branch)**

**Date & Time of Auction: 10.04.2019 at 11.00 A.M., Venue: Respective Branch, Vehicle may be inspected between 11.00 A.M. to 3.00 P.M. on any working day on or before 09.04.2019 in the presence of Branch Official with previous Appointment.**

**TERMS AND CONDITIONS:**
1) The intending purchaser/bidder is required to submit EMD by way of demand draft or NEFT/RTGS on or before **09.04.2019**
2) The person declared to be the successful bidder shall deposit 25% (twenty five percent) of sale price, less EMD deposited immediately and remaining amount shall be paid within **15 days** from the date of confirmation of Sale.
3) Bidders can participate for purchase of Vehicles in one single lot or separately for each vehicle. Preference will be given for sale in single lot and if it is successful, bidding for other items will be cancelled automatically.
4) Application forms along with details of Terms & Conditions of sale are available at the office address mentioned above.

Place: Bhubaneswar,
Date: 30.03.2019

Authorised Officer,
Corporation Bank



## ସାପ୍ତାହିକ କାର୍ଯ୍ୟକ୍ରମ

**୩୧।୩।୧୯**

■ **ଅନୁଗୋଳ**
ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ
ସ୍ଥାନ: କାଲଟାକ୍ସ ଛକ
ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।

**୧।୪।୧୯**

■ **ଅନୁଗୋଳ**
ଓଡ଼ିଶା ଦିବସ
ସ୍ଥାନ: ଅନୁଗୋଳ
ସମୟ: ପୂର୍ବାହ୍ନ ୧୦ଟା।

■ ୮୪ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା
ସ୍ଥାନ: ଛେଳିଆପଡ଼ା ପରେଡ ପଡ଼ିଆ
ସମୟ: ପୂର୍ବାହ୍ନ ୮ଟା।

## ସଂକ୍ଷେପରେ

### ୪୦ ଡିଗ୍ରୀ ଛୁଇଁଲା ଅନୁଗୋଳ

**ଅନୁଗୋଳ ଅଫିସ, ୩୦।୩:** ଅନୁଗୋଳ ସହରରେ ଶନିବାର ତାପମାତ୍ରା ୪୦.୭ ଡିଗ୍ରୀରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ଏହା ଚଳିତ ବର୍ଷର ସର୍ବାଧିକ ତାପମାତ୍ରା ବୋଲି ରେକର୍ଡ କରାଯାଇଛି। ଆସନ୍ତା ୨/୩ ଦିନ ଧରି ଏଭଳି ସ୍ଥିତି ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ମେଡିକାଲରୁ ମୋବାଇଲ ଚୋରି

**ଅନୁଗୋଳ ଅଫିସ, ୩୦।୩:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ଜଣେ ରୋଗୀ ସମ୍ପର୍କୀୟଙ୍କ ଦୁଇଟି ମୋବାଇଲ ଚୋରି ହୋଇଛି। ଏନେଇ ଅନୁଗୋଳ ଥାନାରେ କଣିହାଁ ଅଞ୍ଚଳ ଡେରାଙ୍ଗ ଗ୍ରାମର ଅରୁଣ ବେହେରା ଲିଖିତ ଅଭିଯୋଗ କରିଛନ୍ତି। ନଂ. ୨୩୭/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

### ଲୁଗା ଦୋକାନରୁ ଚୋରି

**ଛେଣ୍ଡିପଦା,୩୦।୩(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ନିକଟରେ ଥିବା ଆଞ୍ଚଲ କ୍ଲଥ ଷ୍ଟୋରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ବିଭୂଦତ୍ତ ଗଡ଼ନାୟକ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ଦୋକାନରେ ଲାଗିଥିବା ୩ଟି ତାଲା ଭାଙ୍ଗି ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଲୁଗା ଓ ଡ୍ରେସ ଚୋରି କରି ନେଇଛନ୍ତି। ବିଭୂଦତ୍ତ ଦୋକାନ ଖୋଲିବା ପାଇଁ ସକାଳେ ଆସିବାବେଳେ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ଟ୍ରକ୍ ଧକ୍କାରେ ୨ ଆହତ

**ବଣ୍ଟାଁରପାଳ,୩୦।୩(ଡି.ଏନ.ଏ):** ୫୫ ନଂ. ଜାତୀୟ ରାଜପଥ ନାଲ୍କୋ ଥାନା କୁଲାଡ଼ ନିକଟରେ ଏକ ଟ୍ରକ ଧକ୍କାରେ ଭାଗବତ ବେହେରା ଓ ଜଣେ ୭ ବର୍ଷର ବାଳକ ଆହତ ହୋଇଛନ୍ତି। ଭାଗବତ ବାଇକରେ କୁଲାଡ଼ ଛକରୁ ନାଲ୍କୋ ଅଭିମୁଖେ ଯାଉଥିବାବେଳେ ପଛରୁ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଆହତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ

**ତାଳଚେର,୩୦।୩(ନି.ପ୍ର.):** ନିର୍ବାଚନ ଆୟୋଗଙ୍କ ଦ୍ୱାରା ତାଳଚେର, ପାଲଲହଡ଼ା ଓ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ଗୁଜରାଟ ସୁରତ ଆୟକର ବିଭାଗର ଯୁଗ୍ମ ନିର୍ଦ୍ଦେଶକ ରାମେଶ୍ୱର ପି. ମୀନା ଶନିବାର ଅପରାହ୍ନରେ ତାଳଚେର ଉପଜିଲାପାଳ କୋର୍ଟ ରୁମରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଭିଡିଓ ସର୍ଭିଲାନ୍ସ ଟିମ୍, ଷ୍ଟାଟିକ ସର୍ଭିଲାନ୍ସ ଟିମ୍, ଫ୍ଲାଇଙ୍ଗ୍ ସ୍କ୍ୱାଡ, ଭିଡ଼ିଓ ଭ୍ୟୁୟିଙ୍ଗ୍ କର୍ମଚାରୀ ଓ ସହକାରୀ ପର୍ଯ୍ୟବେକ୍ଷକମାନେ ସେମାନଙ୍କ ଦାୟିତ୍ୱକୁ ଠିକ୍ ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ଜନସାଧାରଣଙ୍କର ନିର୍ବାଚନ ସମ୍ବନ୍ଧୀୟ କୌଣସି ଆପତ୍ତି, ଅଭିଯୋଗ ଥିଲେ ମୀନାଙ୍କ ମୋବାଇଲ ନଂ. (୦୧)୭୬୩୯୯୫୩୭୪ ରେ ଯୋଗାଯୋଗ କରିପାରିବେ ବୋଲି ସେ କହିଥିଲେ। ବୈଠକରେ ତାଳଚେର ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫିସର ପରେଶ ଚନ୍ଦ୍ର ନାୟକ, ତାଳଚେର ବିଡିଓ ନେତ୍ରାନନ୍ଦ ମଲ୍ଲିକ, କଣିହାଁ ବିଡିଓ ରମେଶ ଚନ୍ଦ୍ର ଜେନା, ପୌର ପରିଷଦ ନିର୍ବାହୀ ଅଧିକାରୀ ଅତସୀ ପରିଡ଼ା, ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ପ୍ରସାଦ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରେ ପର୍ଯ୍ୟବେକ୍ଷକ ରିଟର୍ନିଂ ଅଫିସରଙ୍କ ସହ ତାଳଚେର ବିଧାନସଭା କ୍ଷେତ୍ରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ପରିଦର୍ଶନ କରିଥିଲେ।

■ ୱାନ ବାର୍, ୱାନ ଭୋଟ

# ଓକିଲ ସଂଘ ନିର୍ବାଚନ ଶୃଙ୍ଖଳିତ


ରଞ୍ଜନ ରାଉତ।


ପ୍ରସନ୍ନ ତ୍ରିପାଠୀ।


ବାବୁଲି ସେଠୀ।


ପ୍ରହ୍ଲାଦ ସାହୁ।

**କାମାକ୍ଷାନଗର/ଭୁବନ/ହିନ୍ଦୋଳ, ୩୦।୩(ଡି.ଏନ୍.ଏ.)**

ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ 'ୱାନ ବାର, ୱାନ ଭୋଟ' ନିର୍ଦ୍ଦେଶ ଦିଆଯିବା ପରେ ଶନିବାର ସାରା ରାଜ୍ୟର ସମସ୍ତ ଓକିଲ ସଂଘ ପକ୍ଷରୁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲାର ସମସ୍ତ ବାର୍ ଆସୋସିଏଶନରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଶେଷ ହୋଇଛି।

କାମାକ୍ଷାନଗର ଓକିଲ ସଂଘ ନିର୍ବାଚନରେ ସମୁଦାୟ ୨୨୨ ସଭ୍ୟଙ୍କ ମଧ୍ୟରୁ ୨୦୪ଜଣ ମତଦାନ କରିଥିଲେ। ସଭାପତି ପଦବୀରେ ରଞ୍ଜନ ରାଉତ ଏବଂ ଧର୍ମାନନ୍ଦ ମଲ୍ଲିକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲେ। ଧର୍ମାନନ୍ଦଙ୍କୁ ୬୨ ଖଣ୍ଡ ଭୋଟରେ ପରାସ୍ତ କରି ରଞ୍ଜନ ବିଜୟୀ ହୋଇଛନ୍ତି। ସୂର୍ଯ୍ୟନାରାୟଣ ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରେମାନନ୍ଦ ସାହୁଙ୍କୁ ୫୯ ଖଣ୍ଡ ଭୋଟରେ ପରାସ୍ତ କରି ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ପଦବୀରେ ପ୍ରସନ୍ନ ତ୍ରିପାଠୀ, ସନ୍ଦୀପ ପଟ୍ଟନାୟକ, ପ୍ରଦୀପ ପରିଡ଼ାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପ୍ରସନ୍ନ ୧୩୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେହିପରି ସହସମ୍ପାଦକ ଭାବେ ଅଜୟ ନାୟକ, କୋଷାଧ୍ୟକ୍ଷ ସଞ୍ଜୀବ ବେହେରା, ଲାଇବ୍ରେରିଆନ କ୍ଷୀରୋଦ ଦାସ, କାର୍ଯ୍ୟନିର୍ବାହୀ ସଭ୍ୟ ସର୍ବଜିତ୍ ଜୀ, ଅଜିତ ଦାଶ, ଦୁଃଶାସନ ସାହୁ, ପ୍ରତ୍ୟୁଷ ମିଶ୍ର, ଉମେଶ ନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ଗୌରୀଶଙ୍କର ପାଳ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ସଞ୍ଜୀବ ମିଶ୍ର, ସନ୍ତୋଷ ସାହୁ ନିର୍ବାଚନ ପରିଚାଳନା କରିଥିଲେ।

ଭୁବନ ଓକିଲ ସଂଘ ସଭାପତି ଭାବେ ବାବୁଲି ସେଠୀ ଏବଂ ସମ୍ପାଦକ ଭାବେ ପ୍ରହ୍ଲାଦ ସାହୁ ନିର୍ବାଚିତ ହୋଇଛନ୍ତି। ସଭାପତି ପଦବୀକୁ ବାଦ୍‌ଦେଲେ ଅନ୍ୟ ପଦବୀର ସଦସ୍ୟମାନେ ନିର୍ଦ୍ୱନ୍ଦ୍ୱ ଥିଲେ। ମୋଟ ୩୮ଜଣ କର୍ମକର୍ତ୍ତାଙ୍କ ମଧ୍ୟରୁ ୨୮ ଜଣ ମତଦାନ କରିଥିଲେ। ବାବୁଲିଙ୍କ ସପକ୍ଷରେ ୨୨ ଭୋଟ ଯାଇଥିବାବେଳେ ଏବଂ ତାଙ୍କ ନିକଟ ପ୍ରତିଦ୍ୱନ୍ଦ୍ୱୀ ସନାତନ ଗୁରୁଙ୍କୁ ୫ ଖଣ୍ଡ ଭୋଟ ମିଳିଥିଲା। ନୋଟାକୁ ଗୋଟିଏ ଭୋଟ ଯାଇଥିଲା। ସେହିପରି ଉପସଭାପତି ଭାବେ ଶଶଧର ମହାନ୍ତି, ସହସମ୍ପାଦକ ନିତ୍ୟାନନ୍ଦ ବେହେରା, କୋଷାଧ୍ୟକ୍ଷ ଜଗବନ୍ଧୁ ସାହୁ, ଲାଇବ୍ରେରି ପାଇଁ ସଂଯୁକ୍ତା ସାହୁ ମନୋନୀତ ହୋଇଛନ୍ତି। କୋଦଣ୍ଡଧର ନାୟକ, ଅଜୟ ଥାଟୋଇ ନିର୍ବାଚନ ପରିଚାଳନା କରିଥିଲେ। ଓକିଲ ସଂଘ ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ୍ୱକୁ ଦୂର କରି ସମସ୍ତଙ୍କୁ ଏକଜୁଟ୍ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ନୂତନ ସଭାପତି ବାବୁଲି ସେଠୀ କହିଛନ୍ତି।

ସେହିପରି ହିନ୍ଦୋଳ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଶୃଙ୍ଖଳିତ ଭାବେ ଶେଷହୋଇଛି। ସଭାପତି ଭାବେ ଅରୁଣ କୁମାର ଦାସ, ଉପସଭାପତି ମନୋଜ କୁମାର ମାହାଳିକ, ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ସହସମ୍ପାଦକ ଦେବାନନ୍ଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଦୀପ୍ତିକାନ୍ତ ପ୍ରଧାନ ଏବଂ ସଦସ୍ୟ ଭାବେ ସୁଶାନ୍ତ ସାହୁ ନିର୍ବାଚିତ ହୋଇଛନ୍ତି।

### ଢେଙ୍କାନାଳ ବାର୍ ଆସୋସିଏଶନ
## ସଞ୍ଜୟ ସଭାପତି, ଟଙ୍କଧର ସମ୍ପାଦକ


ସଞ୍ଜୟ କୁମାର ମିଶ୍ର।


ଟଙ୍କାଧର ବେହେରା।

**ଢେଙ୍କାନାଳ ଅଫିସ, ୩୦।୩**

ଢେଙ୍କାନାଳ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ଶନିବାର ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସଞ୍ଜୟ କୁମାର ମିଶ୍ର, ଉପସଭାପତି ସରୋଜ କୁମାର ପାଢ଼ୀ ଏବଂ ସମ୍ପାଦକ ଭାବେ ଟଙ୍କଧର ବେହେରା ନିର୍ବାଚିତ ହୋଇଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ଭାବେ ମାନସ କୁମାର ସାହୁ, କୋଷାଧ୍ୟକ୍ଷ ରଞ୍ଜନ ମିଶ୍ର, କାର୍ଯ୍ୟକାରୀ ସଭ୍ୟ ଭାବେ ରାଜେଶ ରାୟ, ପଦ୍ମଲୋଚନ ମହାପାତ୍ର, କୃଷ୍ଣଚନ୍ଦ୍ର ଦ୍ୱିବେଦୀ ନିର୍ବାଚିତ ହୋଇଛନ୍ତି।

୫୫୮ ସଭ୍ୟଙ୍କ ମଧ୍ୟରୁ ୫୧୪ଜଣ ମତଦାନ କରିଥିଲେ। ପୂର୍ବାହ୍ନ ୮ଟାରୁ ଅପରାହ୍ନ ୧ଟା ଯାଏ ଭୋଟଗ୍ରହଣ ହୋଇଥିଲା। ସଞ୍ଜୟ ୨୬୩ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରତାପ ନାରାୟଣ ତ୍ରିପାଠୀଙ୍କୁ ୨୪୩ଟି ଭୋଟ ମିଳିଥିଲା। ସେହିପରି ଉପସଭାପତି ସରୋଜ (୨୯୬) ଏବଂ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁଶାନ୍ତ ହୋତା (୧୧୯), ସମ୍ପାଦକ ଟଙ୍କଧର (୨୯୧) ଏବଂ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପି.ସି. ନାଥ (୧୩୧), ଯୁଗ୍ମ ସମ୍ପାଦକ ମାନସ (୨୧୩) ଏବଂ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁବାସ ସାହୁ (୧୫୬), କୋଷାଧ୍ୟକ୍ଷ ରଞ୍ଜନ (୨୯୮) ଏବଂ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଘ୍ନେଶ୍ୱର ଦୋରା (୨୦୦) ଖଣ୍ଡ ଭୋଟ ପାଇଥିଲେ।

ଗଭର୍ନମେଣ୍ଟ ପ୍ଲିଡର ତଥା ବରିଷ୍ଠ ଆଇନଜୀବୀ ପତିତପାବନ ମହାପାତ୍ର, ଶ୍ରୀଧର ମିଶ୍ର, ଦୀପ୍ତୀଶ କୁମାର ପଟ୍ଟନାୟକ, ଆନନ୍ଦ ମୋହନ ମିଶ୍ର, ବିଜୟ ଶଙ୍କର ସାହୁ, ହରିହର ପଣ୍ଡା, ହରିହର ସାହୁ ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ।

■ ବାଦିପାଲା, ପ୍ରତିଭା ସମ୍ମାନ ମହୋତ୍ସବ ଉଦ୍‌ଯାପିତ

# 'ପାଶ୍ଚାତ୍ୟ ସଭ୍ୟତା ଛାଡ଼ି ପରମ୍ପରାକୁ ସମ୍ମାନ ଦିଅ'

**ଅନୁଗୋଳ ଅଫିସ, ୩୦।୩**



ଅନୁଗୋଳ ତଳମୂଳଠାରେ ଶ୍ରୀ ଶ୍ରୀ ସତ୍ୟନାରାୟଣ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବାଦିପାଲା, ଦାସକାଠିଆ ଓ ପ୍ରତିଭା ସମ୍ମାନ ମହସୋବ-୨୦୧୯ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟର ଅଧାପକ ପ୍ରଦୀପ ଦାଶଙ୍କ ସଭାପତିତ୍ୱରେ ତଳମୂଳ ଅଞ୍ଚଳର ଶିକ୍ଷକ ଧ୍ରୁବଚରଣ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱରଞ୍ଜନ ପ୍ରଧାନ ଯୋଗଦେଇ ସଂସ୍କୃତିକୁ ଉଜ୍ଜୀବିତ କରିବା ସହ ପାଶ୍ଚାତ୍ୟ ସଭ୍ୟତାର ବଶବର୍ତ୍ତୀ ନ ହୋଇ ଆମ ପରମ୍ପରାକୁ ସମ୍ମାନ ଦେବା ପାଇଁ ଉପସ୍ଥିତ ଦର୍ଶକମାନଙ୍କୁ ଆହ୍ୱାନ ଦେଇଥିଲେ। ଆଧାତ୍ମିକତା ହିଁ ମଣିଷକୁ ଶାନ୍ତି ପ୍ରଦାନ ସହ ସଫଳ କରିଥାଏ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ବିଷ୍ଣୁଚରଣ ଦାଶ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ତଳମୂଳ ଓ ଆଖପାଖ ଅଞ୍ଚଳର ସୁନାମଧନ୍ୟ ବ୍ୟକ୍ତିତ୍ୱଙ୍କୁ ତଳମୂଳ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗାୟକ ଈଶ୍ୱର ଚନ୍ଦ୍ର ତ୍ରିପାଠୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ପର୍ଶୁରାମ ତିପାଠୀ, ଅନୁଷ୍ଠାନର ସଭାପତି ରୁଦ୍ରପ୍ରସାଦ ଦାଶ, ଅନିଲ ଧର, ରଞ୍ଜନ ଦ୍ୱିବେଦୀ, ରାଜା, ପ୍ରଶାନ୍ତ ଦାଶ, ରୁଚିର ଦାଶ, ବଂଶୀଧର ଦାଶ, ଗୋପୀନାଥ ନାଥ, ଭାସ୍କର ଚନ୍ଦ୍ର ଦାଶଙ୍କ ସମେତ ବହୁ ସାମାଜିକ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ ପାଲା ପ୍ରତିଯୋଗିତା ଓ ଦାସକାଠିଆ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିଆ ପୁରୁଷ**
**ଦେଉ ଦେଉ ଗଲା ବାର ବରଷ**
**ଏଡ଼େ ଦିଆ ସେ କିଏ ଲୋ ?**

କିଛି ବ୍ୟକ୍ତି ନିଜକୁ ଦାନୀର ପରିଚୟ ଦେଇ ମିଛରେ ଅନ୍ୟକୁ ଭଣ୍ଡାଇ ଚାଲିଥାନ୍ତି। ଆଜି ଦେବା କାଲି ଦେବା କହି ସମୟ ଗଡ଼ାଇ ଚାଲିଥାନ୍ତି। ପାଇବା ଆଶାରେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ସମୟ ସାରିବା କେବଳ ସାର ହେଉଥିବା ବେଳେ ଆଶା କେବେ ବି ପୂରଣ ହୋଇ ପାରି ନ ଥାଏ। ମିଛରେ ଦାତାପଣିଆ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଦାନେ ପ୍ରଶଂସା**
**ପାପେ ଦୁର୍ଦ୍ଦଶା**
**ଲୋଭେ ମରଣ ।**

ଦାନଶୀଳ ବ୍ୟକ୍ତିଙ୍କୁ ସମସ୍ତେ ପ୍ରଶଂସା କରିଥାନ୍ତି। ଯଥୋଚିତ ସମ୍ମାନ ଦେବା ସହ ତାଙ୍କର ଗୁଣଗାନ କରିଥାନ୍ତି। ପାପୀ ବ୍ୟକ୍ତି କେବଳ ଦୁଃଖ ଦୁର୍ଦ୍ଦଶା ଭୋଗ କରିଥାନ୍ତି। କୁକର୍ମ ଯୋଗୁ କେବଳ ନିନ୍ଦା ଅପବାଦ ମୁଣ୍ଡାଇଥାନ୍ତି। ସେହିପରି ଅଧିକ ଲୋଭ କରି ମଣିଷ ନିଜର ହିଁ ଅନିଷ୍ଟ ଘଟାଇଥାନ୍ତି। କାରଣ ଲୋଭରୁ ପାପ ବଢ଼େ ଓ ଶେଷରେ ପାପ ମୃତ୍ୟୁର କାରଣ ହୁଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଟ୍ରକ୍‌କୁ ଧକ୍କା ଦେଇ ଜଳିଗଲା ହାଇୱା

**ଅନୁଗୋଳ ଅଫିସ, ୩୦।୩**



ମଙ୍ଗୁଳି-ସମ୍ବଲପୁର ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳର ପଞ୍ଚମହଲା ନିକଟରେ ଶନିବାର ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ଟ୍ରକ୍‌କୁ ଧକ୍କା ଦେଇ ଜଳିଯାଇଛି। ଗାଡ଼ି ଭିତରୁ ଡେଇଁପଡି ହାଇୱା ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ହାଇୱା (ନଂ. ଓଡି୦୪-କେ-୫୪୦୦) ଟି ସମ୍ବଲପୁରରୁ ବର୍ଜ୍ୟବସ୍ତୁ ଧରି ଅନୁଗୋଳ ଅଭିମୁଖେ ଆସୁଥିଲା। ପଞ୍ଚମହଲା ନିକଟରେ ହମ୍ପ୍‌ସ ପାର ହେଉଥିବା ସମୟରେ ଆଗରେ ଯାଉଥିବା ଅନ୍ୟ ଏକ ଟ୍ରକକୁ ପଛପଟୁ ହାଇୱା ଧକ୍କା ଦେଇଥିଲା। ଫଳରେ ଗାଡ଼ି ଇଞ୍ଜିନରୁ ଅଗ୍ନି ସଂଯୋଗ ହୋଇ ରେଡିଏଟର, ବମ୍ପର ଓ କେବିନରେ ନିଆଁ ଲାଗିଥିଲା। ହାଇୱାଟି ରାସ୍ତାରେ ହୁତୁ ହୁତୁ ହୋଇ ଜଳି ଉଠିଥିଲା। ତେବେ ହାଇୱା ଡ୍ରାଇଭର ଜଣକ ଗାଡିରୁ ଡେଇଁ ପଡିଥିବା ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗାଡ଼ିର କେବିନ ପୋଡ଼ି ଯାଇଥିବାବେଳେ ପଛପାଖରେ କ୍ଷତି ହୋଇ ନ ଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ଏହି ସମୟରେ ସେଠାରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ପୋଲିସ ପହଞ୍ଚି ଟ୍ରାଫିକ ବ୍ୟବସ୍ଥା ସ୍ୱାଭାବିକ କରିଥିଲା। ତେବେ ପୋଡି ଯାଇଥିବା ଗାଡ଼ିକୁ ରାସ୍ତାରୁ ହଟାଯାଇ ନ ଥିବାରୁ ଯାତାୟାତରେ ବାଧା ଉପୁଜିଛି। ଖବର ଲେଖା ହେବା ସୁଦ୍ଧା ହାଇୱା ରାସ୍ତାରେ ରହିଥିଲା।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ଭଗନ୍ଦର (FISTULA)
ମଳକଣ୍ଟକ (FISSURE)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30Days | | GST 5% Extra |
|---|---|---|---|---|---|---|---|---|---|
| | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**BADRINNATH FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

!! ଭଟକିବାରୁ ବଞ୍ଚନ୍ତୁ !!

କୌଣସି ବି କାମ, ତୁରନ୍ତ
ସତ୍ୟପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

**GTL Telecom Network Company**
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 20 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Karol Bagh
Mob.: 8676907143, 9348274623

**FINANCE**
ଜଗନ୍ନାଥ ଫାଇନାନ୍ସ

ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No - 428/457, Netaji Road, Bangalore
7609025435

**FINANCE**
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756

**ଋଣ ଋଣ ଋଣ**
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

**LOAN**
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add.: T-51, Gali No. 8, Gautampuri, Delhi

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

**FINANCE**
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍

ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

## ସଂକ୍ଷେପରେ

### ନାଲ୍‌କୋରେ ହୋର୍ଡିଂ ଉଠାଇଲା ପ୍ରଶାସନ



ବଅଁରପାଳ, ୩୦।୩ (ଡି.ଏନ୍.ଏ)- ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାବେଳେ ନାଲ୍‌କୋର କେତେକ ସ୍ଥାନରେ ବିଜେଡି ପକ୍ଷରୁ ନିର୍ବାଚନୀ ହୋର୍ଡିଂ ମରାଯାଇଥିବା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଶନିବାର ଅପରାହ୍ନରେ ନାଲ୍‌କୋ ଥାନା କାଣ୍ଡସରଠାରେ ଲଗାଯାଇଥିବା ବିଜେଡିର ଏକ ହୋର୍ଡିଂକୁ ପ୍ରଶାସନ ପକ୍ଷରୁ ହଟାଇ ଦିଆଯାଇଛି। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ହେମନ୍ତ ପଢ଼ିଆରି ଓ ପୋଲିସ ସବ୍‌ଇନ୍ସପେକ୍ଟର ରୀତାରାଣି ପ୍ରଧାନ ଉପସ୍ଥିତ ରହି ଏହି ହୋର୍ଡିଂକୁ ହଟାଇଥିଲେ। ସେହିପରି କାଲଟାଙ୍କ ପାଖରେ ଥିବା ହୋର୍ଡିଂ ମଧ ଉଠାଯାଇଥିଲା।

### ଡକାୟତ ଗ୍ୟାଙ୍ଗର ୪ ଗିରଫ

ତାଳଚେର,୩୦।୩(ନି.ପ୍ର.)- ଭରତପୁର କୋଇଲା ଖଣିର ପୁରୁଣା ସିଏଚପି ନିକଟରେ ଡକାୟତି ଯୋଜନା କରୁଥିବା ଏକ ଗ୍ୟାଙ୍ଗର ୪ ଜଣଙ୍କୁ କଲିଯାରୀ ପୋଲିସ ଶୁକ୍ରବାର ରାତିରେ ଗିରଫ କରିଛି। ସେମାନେ ହେଲେ ସୁଶିଲ କୁମାର ଦାସ, ଚନ୍ଦ୍ରକାନ୍ତ ବେହେରା, ବାବୁଲାଲ ଗୋଛାୟତ ଓ ପଦ୍ମନାଭ ନାଏକ। ସେମାନଙ୍କଠାରୁ ପୋଲିସ ଏକ ଦେଶୀ ପିସ୍ତଲ, ଭୁଜାଲି, ଖଣ୍ଡା, ଲୁହା ରଡ, ୩ଟି ମୋବାଇଲ ଜବତ କରିଛି। ସେମାନେ ଡକାୟତି ଯୋଜନା କରୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ନଂ. ୯୫/୧୯ ୨୫/୨୭ ଆର୍ମସ ଆକ୍ଟରେ ମକଦ୍ଦମା ରୁଜୁ ସହ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ଶତାୟୁଙ୍କ ପରଲୋକ

ଆଠମଲ୍ଲିକ,୩୦।୩(ଡି.ଏନ.ଏ.)- ଆଠମଲ୍ଲିକ ସହର ଅନ୍ତର୍ଗତ ୩ ନମ୍ବର ୱାର୍ଡର ଟାଙ୍ଗିଆନିଶା ବାସିନ୍ଦା ପ୍ରତାପ ଚନ୍ଦ୍ର ସିଂହସାମନ୍ତ (ବଇଁଶୀ ବାବୁ)ଙ୍କ ୧୦୮ ବର୍ଷ ବୟସରେ ଶୁକ୍ରବାର ପରଲୋକ ଘଟିଛି। ସେ ଜଣେ ସରଳ, ଧର୍ମପରାୟଣ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ।

### ୧୦ ତାଳଗଛ ଜଳିଗଲା

ଢେଙ୍କାନାଳ ଅଫିସ, ୩୦।୩ ଢେଙ୍କାନାଳ ପୌରାଞ୍ଚଳର ୧୯ନଂ. ୱାର୍ଡ ସିମିଳିଆ ବେହେରା ସାହିରେ ଶନିବାର ସନ୍ଧ୍ୟା ୭ଟାରେ ଅଗ୍ନିକାଣ୍ଡ ଘଟି ୧୦ ତାଳଗଛ ଜଳିଯାଇଛି। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। କେହି ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି।

## ପର୍ଯ୍ୟବେକ୍ଷକ-ଜିଲା ପ୍ରଶାସନର ବୈଠକ

# ୧୫ ଫ୍ଲାଇଂ ସ୍କ୍ୱାଡ୍ ସଦସ୍ୟଙ୍କ ନାହିଁ ସି-ଭିଜିଲ ଆପ୍

ଅନୁଗୋଳ ଅଫିସ, ୩୦।୩

ଅନୁଗୋଳ ଜିଲା ପାଇଁ ନିୟୋଜିତ ନିର୍ବାଚନୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶନିବାର ଏକ ବୈଠକରେ ଜିଲା ପଦାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପର୍ଯ୍ୟବେକ୍ଷକ ଏସ୍ ବିରାମୁଥୁ, ସନ୍ଦୀପ କୁମାର ମେହେଟା, ଭି.ଏନ୍.ତ୍ରିବେଦୀ ଓ ରାମେଶ୍ୱର ପି ମୀନା ପ୍ରମୁଖ ବୈଠକରେ ନିର୍ବାଚନୀ ଖର୍ଚ୍ଚର ସମୀକ୍ଷା ସହ ପରିଚାଳନା ତଦାରଖ କରିଥିଲେ। ଏଥିରେ ଜିଲାର ନିର୍ବାଚନ ମଣ୍ଡଳୀଗୁଡିକରେ ବୁଲୁଥିବା ୧୫ଟି ଫ୍ଲାଇଂ ସ୍କ୍ୱାଡର ସମସ୍ତ ସଦସ୍ୟଙ୍କ ନିକଟରେ ସି-ଭିଜିଲ ଆପ୍ ନ ଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ଉକ୍ତ ଆପ୍ ଡାଉନଲୋଡ କରିବାକୁ ସେମାନଙ୍କୁ ପର୍ଯ୍ୟବେକ୍ଷକମାନେ କହିଥିଲେ। ଏଥିସହ ଜିଲାର ଉପାନ୍ତ ଅଞ୍ଚଳରେ ମୋବାଇଲ କାର୍ଯ୍ୟକାରୀ ହେଉ ନ ଥିବାରୁ ସାଟେଲାଇଟ ଫୋନ୍ ବ୍ୟବହାର କରିବାକୁ ଜିଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ନିର୍ବାଚନ ସମୟରେ ମଦ କାରବାର ନିୟନ୍ତ୍ରଣ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ପର୍ଯ୍ୟବେକ୍ଷକମାନେ ଅବକାରୀ ଏସ୍‌ପିଙ୍କଠାରୁ ପଚାରି ବୁଝିଥିଲେ।

### ମାଓବାଦୀ, ଘରୋଇ ବିମାନବନ୍ଦର ଉପରେ ଦୃଷ୍ଟି ଦେବାକୁ ପରାମର୍ଶ



ଜିଲାରେ ଏକ ଘରୋଇ କମ୍ପାନୀର ବିମାନ ବନ୍ଦର ଥିବାରୁ ତାହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ମଧ ଅନୁଗୋଳ ପୋଲିସ ଓ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଘରୋଇ ବିମାନ ବନ୍ଦରକୁ ଆସିବାକୁ ଥିବା ବିମାନ କେଉଁ ବିମାନବନ୍ଦରରୁ ଆସୁଛି ଓ କେଉଁଠିକୁ ଯାଉଛି ତାର ଚିଠା ରଖିବାକୁ ପ୍ରଶାସନକୁ କୁହାଯାଇଥିଲା। ଏଥିସହ ବିଧାୟକ ଓ ସାଂସଦଙ୍କ ନିର୍ବାଚନୀ ଖର୍ଚ୍ଚ ଉପରେ ମଧ ନଜର ରଖିବାକୁ ଗୁରୁତ୍ୱ ଦିଆଯାଇଥିଲା। ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବାକୁ ଆସୁଥିବା ଗାଡ଼ିର ଭିଡ଼ିଓଗ୍ରାଫି କରାଯିବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି କହିଥିଲେ। ଅଧିକ ଗାଡ଼ିଗୁଡ଼ିକ ନିର୍ବାଚନରେ ପ୍ରାର୍ଥୀମାନେ ନିୟୋଜିତ କଲେ ତାହା ନିର୍ବାଚନ ଖର୍ଚ୍ଚରେ ଯୋଡ଼ି ହେବ। ସେହିପରି ଅନୁଗୋଳ ମାଓବାଦୀ ପ୍ରଭାବିତ ଜିଲା ହୋଇଥିବାରୁ ଅନୁଗୋଳ ଏସ୍‌ପି ଜିଲା ସୀମାନ୍ତରେ କୋମ୍ବିଂ ଅପରେସନ୍ ଜାରି ରହିଛି ଏବଂ ଏଥି ମଧରେ କୌଣସି ନକ୍ସଲ ଗତିବିଧି ପରିଲକ୍ଷିତ ହୋଇ ନ ଥିବା କହିଥିଲେ। ମଦ କାରବାର ବନ୍ଦ ପାଇଁ ଜିଲାରେ ଚଢ଼ାଉ କରାଯାଉଥିବା ଅବକାରୀ ଏସ୍‌ପି ନାୟକ କହିଥିଲେ।

### ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା

ଅନୁଗୋଳ ଅଫିସ, ୩୦।୩- ଛେଣ୍ଡିପଦା ଓ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ଏସ୍ ବିରାମୁଥୁ, ତାଳଚେର, ପାଲଲହଡ଼ା ଓ ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସନ୍ଦୀପ କୁମାର ମେହେଟା ଶନିବାର ଅନୁଗୋଳ ଗସ୍ତରେ ଆସି ସର୍କିଟ ହାଉସଠାରେ ବିଭିନ୍ନ ଦଳର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ପ୍ରତ୍ୟେକ ଦଳର କାର୍ଯ୍ୟକାରିତା ଓ ଖର୍ଚ୍ଚର ହିସାବ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଲିଆସିଁ ଅଫିସର ଗୁଲସନ୍ ରୋହିଲାଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଅନିୟମିତତା ଦୃଷ୍ଟିକୁ ଆସିଲେ ଲୋକେ ଭି.ଏନ୍. ତ୍ରିବେଦୀଙ୍କ ୮୭୬୩୯୯୫୩୩୯ ଓ ରାମେଶ୍ୱର ପି ମୀନାଙ୍କ ୮୭୬୩୯୯୫୩୬୪ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### କ୍ରେଡ଼ିଟ୍ କାର୍ଡ଼ରୁ ଲକ୍ଷାଧିକ ଟଙ୍କା ଗାଏବ

ଅନୁଗୋଳ ଅଫିସ, ୩୦।୩

ଅନୁଗୋଳ ବଜାର ଛକ ଅଞ୍ଚଳର ପ୍ରଦୀପ କୁମାର ଜେନାଙ୍କ ଷ୍ଟେଟ ବ୍ୟାଙ୍କ କ୍ରେଡ଼ିଟ କାର୍ଡ଼ରୁ ୧ ଲକ୍ଷ ୩୧ ହଜାର ୮୬୫ ଟଙ୍କା ଉଭାନ ହୋଇଯାଇଛି। ଏ ନେଇ ପ୍ରଦୀପ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି। ବଜାର ଛକଠାରେ ରହୁଥିବା ପ୍ରଦୀପ ଶୁକ୍ରବାର ରାତିରେ ମୋବାଇଲ ବନ୍ଦ କରି ଶୋଇଥିଲେ। ଶନିବାର ସକାଳୁ ଉଠି ମୋବାଇଲ ସୁଇଚ୍ ଅନ୍ କରିବାରୁ ତାଙ୍କ ନିକଟକୁ ଏକ ଓଟିପି ମେସେଜ୍ ଆସିଥିଲା। ଏହାପରେ ତାଙ୍କ କାର୍ଡ଼ରୁ ଟଙ୍କା ଉଭାନ ହୋଇଯାଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି।

### ନାମାଙ୍କନ ଦାଖଲ କଲେ ଏସ୍‌ୟୁସିଆଇ ପ୍ରାର୍ଥୀ

ପାଲଲହଡ଼ା, ୩୦।୩(ଡି.ଏନ.ଏ.)

ପାଲଲହଡ଼ା ନିର୍ବାଚନମଣ୍ଡଳୀରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟିର ବିଧାନସଭା ପ୍ରାର୍ଥୀ ଭାବେ ନିର୍ମଳା ପ୍ରଧାନ ଶନିବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପାଲଲହଡ଼ା ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ସମୟରେ ଏସ୍‌ୟୁସିଆଇ ଦଳର ବହୁ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ।

### ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ବଇଣ୍ଡା, ୩୦।୩(ଡି.ଏନ.ଏ)

ଆଠମଲ୍ଲିକ ବ୍ଲକସ୍ଥିତ ଏକ ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କୁ ସେହି ସ୍କୁଲର ପ୍ରଧାନ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ଶିକ୍ଷକ ଜଣଙ୍କ ସ୍ଥାନୀୟ ଗ୍ରାମବାସୀଙ୍କ ସମ୍ମୁଖରେ ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କୁ ଭୁଲ ମାଗିବା ଆଠମଲ୍ଲିକ ଉପଖଣ୍ଡରେ ଚର୍ଚ୍ଚାର ବିଷୟ ପାଲଟିଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରଧାନଶିକ୍ଷକ ଜଣକ ଅନେକ ସମୟରେ ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କରୁଥିଲେ। ଶୁକ୍ରବାର ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ଅଫିସକୁ ଡାକି ଅସଦାଚରଣ କରିଥିବା ସମ୍ପର୍କରେ ଶିକ୍ଷୟିତ୍ରୀ ଜଣଙ୍କ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ପରେ ଗ୍ରାମବାସୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଘଟଣା ବାବଦରେ ବୁଝିବା ପରେ ପ୍ରଧାନ ଶିକ୍ଷକ ତାଙ୍କ ଦୋଷ ମାନିଥିଲେ। ପରେ ଗ୍ରାମବାସୀ ତାଙ୍କୁ କୋଠ ଘରକୁ ଆଣିଥିଲେ। ସେଠାରେ ପ୍ରଧାନଶିକ୍ଷକ ଗ୍ରାମବାସୀଙ୍କ ଆଗରେ ଭୁଲ ମାଗିଥିଲେ। ତେବେ ଖବରଲେଖା ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଏ ନେଇ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ କହିଛନ୍ତି ଯେ, ସେ ଘଟଣାରେ ସମ୍ପୃକ୍ତ ନାହାନ୍ତି। ତାଙ୍କୁ ଫସାଇ ଦିଆଯାଇଛି।

## ଅବସର ନେଲେ ସିପିପି ପ୍ଲାଣ୍ଟର ୧୯ କର୍ମଚାରୀ

# ନାଲ୍‌କୋ ଇଡିଙ୍କୁ ବିଦାୟ ସମ୍ବର୍ଦ୍ଧନା




ନାଲକୋରେ ଇଡିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବଅଁରପାଳ, ୩୦।୩ (ଡି.ଏନ୍.ଏ)

ନାଲକୋ ସିପିପି ପ୍ଲାଣ୍ଟର ୧୯ ଜଣ କର୍ମଚାରୀ ଶନିବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ସେମାନଙ୍କ ମଧରେ ଅଛନ୍ତି ନାଲକୋ ଇଡି ରାଜକିଶୋର ମିଶ୍ର। ନାଲକୋ ଟ୍ରେନିଂ ପକ୍ଷରୁ ସମସ୍ତ ବିଦାୟୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନା କରାଯାଇଛି। କାର୍ଯ୍ୟକ୍ରମରେ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ୧୯୯୦ ରେ ସେ ନାଲକୋରେ ଚାକିରି ଆରମ୍ଭ କରିଥିବା କହିଥିଲେ। ମିଶ୍ର ୧ ବର୍ଷ ୧୦ ମାସ ପର୍ଯ୍ୟନ୍ତ ନାଲକୋ ଏସ୍‌ଆଣ୍ଡ୍‌ପିର ନିର୍ବାହୀ ନିର୍ଦ୍ଦେଶକ ଦାୟିତ୍ୱ ସମ୍ପାଦନ କରିଥିଲେ। ତାଙ୍କ ସମୟରେ ଟାଉନଶିପର ଉନ୍ନତୀକରଣ, ଜଗନ୍ନାଥ ମନ୍ଦିର ଉନ୍ନତି ତଥା ପ୍ରତକ୍ସନରେ ସଫଳତା ମିଳିଥିବା ଅତିଥିମାନେ ଆଲୋଚନା କରିଥିଲେ। ନାଲକୋ ମାନବ ସମ୍ବଳର ମହାପ୍ରବନ୍ଧକ ଏସ୍‌ଏନ୍ ସାହୁ, ସ୍ମେଲଟର ମହାପ୍ରବନ୍ଧକ ମନସା ମିଶ୍ର, ସିପିପି ମହାପ୍ରବନ୍ଧକ ଦେବବ୍ରତ ମହାପାତ୍ର, ଓଆଣ୍ଡଏମ୍‌ର ମହାପ୍ରବନ୍ଧକ ଅମ୍ବିକା ପଣ୍ଡା, ମହାପ୍ରବନ୍ଧକ ମୃତ୍ୟୁଞ୍ଜୟ ଦାସଙ୍କ ସମେତ ନାଲକୋର ବହୁ ଅଧିକାରୀ ଓ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରବନ୍ଧକ ସୁବାଶିଷ ପଣ୍ଡା ସହଯୋଗ କରିଥିଲେ।

# ଯୁବକଙ୍କୁ ଆକ୍ରମଣ ଅଭିଯୋଗ




ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଅଭିଯୋଗକାରୀ।

ବନ୍ତଲା,୩୦।୩(ଡି.ଏନ.ଏ)

ବନ୍ତଲା ଥାନା ପୁରୁଣାଗଡ଼ ବଣିଆ ସାହିର ରଣଜିତ ସାହୁ(୩୦)ଙ୍କୁ ଉକ୍ତ ଗ୍ରାମର ଜଣେ ପୋଲିସ ଅଧିକାରୀ ଶନିବାର ଆକ୍ରମଣ କରିଥିବା ରଣଜିତଙ୍କ ସ୍ତ୍ରୀ ଲିପି ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲିପି ଦର୍ଶାଇଛନ୍ତି, ତାଙ୍କ ସ୍ୱାମୀ ମାଟିଆ ସାହିରୁ ଘରକୁ ଫେରୁଥିବାବେଳେ ଏକ କାର (ନଂ. ଓଡି୦୭ ଏଏ ୦୦୮୮) ଯୋଗେ ସେହି ଗ୍ରାମର ଗଞ୍ଜାମ ଜିଲାରେ କାର୍ଯ୍ୟରତ ଥିବା ପୋଲିସ ପଦାଧିକାରୀ କନ୍ଦର୍ପ ବେହେରା ଆସି ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ସେହି ସମୟରେ ଲିପି ଓ ଅନ୍ୟ ଜଣେ ସମ୍ପର୍କୀୟ ମହିଳା ପ୍ରତିବାଦ କରିଥିଲେ ହେଁ କନ୍ଦର୍ପ ତାଙ୍କୁ ଗାଳି ଗୁଲଜ କରିଥିଲେ। ସେହିସମୟରେ ବିଜୟ କୁମାର ବେହେରା, ରଞ୍ଜନ ସାହୁ, ଗଙ୍ଗାଧର ସାହୁ, ଟିଙ୍କୁ ବେହେରା, ରଞ୍ଜନା ବେହେରା, ବାସନ୍ତୀ ନାଏକ, ଆସିଲି ବେହେରା, ଶାନ୍ତି ବେହେରା, ଅନନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିବା ବୋଲି ଲିପି ଦର୍ଶାଇଛନ୍ତି। ଏ ନେଇ ନଂ. ୬୩/୧୯ରେ ମାମଲା ରୁଜୁ ହୋଇଛି।


IN THE STATE CONSUMER DISPUTE REDRESSAL COMMISSION ODISHA, CUTTACK

**FIRST APPEAL NO-154/2018**

**Karnataka Bank Ltd.......................Appellant**

**Vs**

**Saik Anisuddin..............................Respondent**

**ADDRESSEE**

**Respondent:** Saik Anisuddin, Age- 52 years, S/o- Saik Allauddin, At-Plot No-2/3, Allauddin Palace, Dev Lane, Dumduma, PO/PS- Khandagiri, Bhubaneswar-751019, Dist.- Khordha.

To know the addressee that the above mentioned Appellant has filed the Appeal against you before the hon'ble State consumer dispute redressal Commission, Cuttack and in spite of service of notice as per the direction of hon'ble commission, you have failed to appear in person or through your representative to contest the case. Hence notice is being published as per the direction of hon'ble commission, inter-alia informing you to cause your appearance on or before 17.04.19 in the Appeal pending before the Hon'ble commission, failing which appropriate order shall be passed ex-parte by the hon'ble commission.

By the order of the SCRDC, Odisha, Cuttack

**Date:** 17.04.19
**Place:** Cuttack

**Sd./- Secretary SCDRC, Odisha, Cuttack**


# ଶ୍ରୀ ଜଗନ୍ନାଥ ମହୋତ୍ସବ ଉଦ୍‌ଯାପିତ



୩ ଠାକୁରଙ୍କ ଗଜାନନ ବେଶ।




ଉଦ୍‌ଯାପନୀ ଉତ୍ସବରେ ଜଗନ୍ନାଥଙ୍କ ବାଲୁକା କଳା।

ବଅଁରପାଳ, ୩୦।୩ (ଡି.ଏନ୍.ଏ)

ମହାପ୍ରଭୁଙ୍କର ମହିମା ପ୍ରଚାର ନିମନ୍ତେ ନାଲକୋ ନଗର ସ୍ଥିତ ମୀନାବଜାର ପଡ଼ିଆ ଠାରେ ଗତ ୨୫ ତାରିଖ ଠାରୁ ଚାଲିଥିବା ଶ୍ରୀ ଜଗନ୍ନାଥ ମହୋତ୍ସବ ଓ ପାଞ୍ଚରାତ୍ର କାର୍ଯ୍ୟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଦିବ୍ୟ ଜୀବନ ସଂଘର ସନ୍ଥ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ମହାରାଜ ପ୍ରବଚନ ପ୍ରଦାନ କରିଥିଲେ। ହୋମଯଜ୍ଞର ପୂର୍ଣ୍ଣାହୁତିର କାର୍ଯ୍ୟକ୍ରମ ହୋଇଥିଲା। ଶ୍ରୀ ଜଗନ୍ନାଥ ସଂସ୍କୃତିକ ପରିଷଦ ଓ ନାଲକୋ ମନ୍ଦିର ପରିଚାଳନା ସମିତି ଦ୍ୱାରା ଆୟୋଜିତ ଗତ ୨୫ରେ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।

# ପରିଷ୍କାର ରହିଲେ ରୋଗ ଦୂରେଇ ଯାଏ

ବଇଣ୍ଡା,୩୦।୩(ଡି.ଏନ.ଏ)

ଅନେକ ଗ୍ରାମରେ ଲୋକେ ପାଇଖାନା ବ୍ୟବହାର ନ କରି ଖୋଲାରେ ଶୌଚ କରୁଛନ୍ତି। ସେହିପରି ଅନେକେ ଶୌଚ ପରେ ସାବୁନରେ ହାତ ଧୋଉ ନାହାନ୍ତି। ଫଳରେ ବହୁ ସମୟରେ ସେମାନେ ରୋଗଗ୍ରସ୍ତ ହେଉଛନ୍ତି। ତେଣୁ ଏ ଦିଗରେ ସଭିଏଁ ଦୃଷ୍ଟି ଦେଇ ସର୍ବଦା ପରିସ୍କାର ପରିଚ୍ଛନ୍ନ ରହିଲେ ରୋଗ ଦୂରେଇ ଯିବ ବୋଲି ଶନିବାର ସ୍ୱଚ୍ଛ ଜଳ କାର୍ଯ୍ୟକାରୀ ମହାସଂଘ ଫାନ୍‌ସା ଓ ବିଶ୍ୱ ଯୁବ କେନ୍ଦ୍ର ଆନୁକୁଲ୍ୟରେ କିଶୋରନଗର ବ୍ଲକ ବଣିନାଳୀ ସ୍ଥିତ ବିଶ୍ୱ ଯୁବକେନ୍ଦ୍ର ପରିସରରେ ଅନୁଷ୍ଠିତ ଜଳ ଓ ପରିମଳ ପରିଚ୍ଛନତା ସମ୍ବନ୍ଧୀୟ ଜିଲାସ୍ତରୀୟ କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ, ଅନ୍ୟତମ ଅତିଥି ଭାବେ ଅଧାପକ ସୁଧାକର ସାହୁ, ଗୋବିନ୍ଦ ଶଙ୍ଖାରୀ, ସଞ୍ଜୟ ସାହୁ, ପ୍ରଦୀପ ଘିଓ୍ୱାଲା ଯୋଗଦେଇଥିଲେ। କୁମୁଦିନୀ ବେହେରା, ପ୍ରମୋଦ ନାୟକ ଉପସ୍ଥିତ ଥିଲେ।




## ଅନୁଗୋଳରେ ଓକିଲ ସଂଘ ନିର୍ବାଚନ

# ଜିତେନ୍ଦ୍ର ସଭାପତି, ହିମାଂଶୁ ସମ୍ପାଦକ

ଅନୁଗୋଳ ଅଫିସ, ୩୦।୩



ଜିତେନ୍ଦ୍ର କୁମାର ସାହୁ।



ହିମାଂଶୁ ଭୂଷଣ ସାମଲ।



ଦିଲୀପ କୁମାର ସାହୁ।

ଅନୁଗୋଳ ନୂତନ କୋର୍ଟ ଗୃହର ବାର୍ ଆସୋସିଏଶନ୍ ହଲରେ ଶନିବାର ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଭାବେ ଜିତେନ୍ଦ୍ର କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ ହିମାଂଶୁ ଭୂଷଣ ସାମଲ, ଉପସଭାପତି ଦିଲୀପ କୁମାର ସାହୁ ଓ ସହସମ୍ପାଦକ ଭାବେ ସୁଶାନ୍ତ କୁମାର ବାରିକ ବିଜୟୀ ହୋଇଛନ୍ତି। ସାଂସ୍କୃତିକ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ଭାବେ ଗୋପାଳ ପ୍ରସାଦ ଅଗ୍ରୱାଲା ନିର୍ଦ୍ୱନ୍ଦ୍ୱ ରହିଥିଲେ। ମୋଟ ୪୨୦ ସଭ୍ୟଙ୍କ ମଧ୍ୟରୁ ୪୦୧ ଜଣ ମତଦାନ କରିଥିଲେ। ସଭାପତି ଜିତେନ୍ଦ୍ର ୧୭୮ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମମତା ପଟ୍ଟନାୟକ ୧୬୫ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଉପସଭାପତି ଦିଲୀପ ୧୭୫ ଖଣ୍ଡ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନିରୋଦ କୁମାର ମିଶ୍ର ୧୨୬ ଭୋଟ ହାତେଇଥିଲେ। ସାଧାରଣ ସମ୍ପାଦକ ହିମାଂଶୁ ୧୯୪ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁମନ୍ତ ରାଉତଙ୍କୁ ୧୭୨ ଭୋଟ ମିଳିଥିଲା। ସହସମ୍ପାଦକ ସୁଶାନ୍ତ ୨୮୪ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କଠାରୁ ପରାଜିତ ହୋଇଥିବା ବୈଷ୍ଣବ ଚରଣ ପାତ୍ର ୧୦୮ ଭୋଟ ପାଇଥିଲେ। ଭୂପେଶ ଚନ୍ଦ୍ର ପ୍ରଧାନ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ସନ୍ତୋଷ କୁମାର ନାୟକ, ଅଶୋକ କୁମାର ପଟ୍ଟନାୟକ, ଅଶୋକ କୁମାର ରଥ, ପ୍ରଶାନ୍ତ କୁମାର ରଥ, ସୁମନ୍ତ କୁମାର ବିଶ୍ୱାଳ, ବିରଞ୍ଚି କୁମାର ସାହୁ, ପବିତ୍ର କୁମାର ମୁଦୁଲି, ଗୋପାଳ ଚନ୍ଦ୍ର ବେହେରା, ସତ୍ୟଜିତ ଗଡ଼ନାୟକ, ଦିବ୍ୟଦର୍ଶୀ ବଳିୟାରସିଂହ ଓ ସତ୍ୟବ୍ରତ ବିଶ୍ୱାଳ ପ୍ରମୁଖ ସହକାରୀ ନିର୍ବାଚନ ଅଧିକାରୀ ଭାବେ ସହଯୋଗ କରିଥିଲେ। ସେହିପରି ଅନୁଗୋଳ ଜିଲା ଟାକ୍ସ ବାର୍ ଆସୋସିଏଶନ୍‌ର ସଭାପତି ଭାବେ ଶଙ୍କରଲାଲ ଝୁନ୍‌ଝୁନ୍‌ୱାଲା, ଉପସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ, ସାଧାରଣ ସମ୍ପାଦକ ଭାବେ ଅକ୍ଷୟ କୁମାର ଦେହୁରୀ, ସହ ସମ୍ପାଦକ ଶଶିଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ଭାବେ ଦଳଗୋବିନ୍ଦ ବେହେରା ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଅଜୟ କୁମାର ବିଶୋଇ କାର୍ଯ୍ୟ ତୁଲାଇଥିଲେ।

# ରଞ୍ଜିତ, ଦିନେଶ ସଭାପତି ନିର୍ବାଚିତ

ତାଳଚେର/ ଆଠମଲ୍ଲିକ,୩୦।୩ (ନି.ପ୍ର./ ଡି.ଏନ.ଏ.)

ତାଳଚେର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସଭାପତି ଭାବେ ରଞ୍ଜିତ ଘୋଷ ନିର୍ବାଚିତ ହୋଇଥିବାବେଳେ ଉପସଭାପତି ସର୍ବେଶ୍ୱର ନାଏକ, ସାଧାରଣ ସମ୍ପାଦକ ଭାବେ ତନୁଜ କୁମାର ପ୍ରଧାନ ବିଜୟୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଦୁଃଶାସନ ସାମଲ, କୋଷାଧ୍ୟକ୍ଷ ପ୍ରତାପ କୁମାର ସାହୁ, ସେମିନାର ସମ୍ପାଦକ ଜ୍ଞାନେଶ୍ୱର ସାହୁ ସାଂସ୍କୃତିକ ସମ୍ପାଦକ କରୁଣାକର ନାୟକ ଓ ଅଡିଟର ଭାବେ ରାଜେନ୍ଦ୍ର ସିଂହ ଡିଙ୍ଗ୍ରା ନିର୍ବାଚିତ ହୋଇଛନ୍ତି।

ସେହିପରି ଆଠମଲ୍ଲିକ ଓକିଲ ସଂଘ ନିର୍ବାଚନରେ ଦିନେଶ କୁମାର ସିଂହ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଜିତେନ୍ଦ୍ର କୁମାର ମୁଖୀ ଉପସଭାପତି, ଅଜିତ କୁମାର ମହାନ୍ତି ସହସମ୍ପାଦକ, କୋଷାଧ୍ୟକ୍ଷ ଭାବେ ଆର୍ଯ୍ୟଭଟ୍ଟ ମହାନନ୍ଦିଆ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସାଧାରଣ ସମ୍ପାଦକ ପଦବୀ ପାଇଁ ପ୍ରଭଞ୍ଜନ ମିଶ୍ର ଓ ସୁନିଲ ଶାସନୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ପ୍ରଭଞ୍ଜନ ୧୮ ଖଣ୍ଡ ଭୋଟ ପାଇଥିବା ବେଳେ ସୁନିଲ ଶାସନୀ ୧୬ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ନିର୍ବାଚନ ଅଫିସର ଜିତେନ କୁମାର ମିଶ୍ର, ପୀତବାସ ସାହୁ ଓ ବିଜୟ କୁମାର ମହାକୁଡ ନିର୍ବାଚନ ପରିଚାଳନା କରିଥିଲେ।



ତାଳଚେର ଓକିଲ ସଂଘର ନବ ନିର୍ବାଚିତ ସଦସ୍ୟମାନେ।


## ଗୁରୁତ୍ୱପୂର୍ଣ୍ଣ ସୂଚନା

ବିଭିନ୍ନ ସଂରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ଟ୍ରେନ୍ ଚଳାଚଳ ବାତିଲ୍

| ଟ୍ରେନ୍ ନଂ. | ଠାରୁ | ପର୍ଯ୍ୟନ୍ତ | ପ୍ରାରମ୍ଭିକ ଷ୍ଟେସନରୁ ଯାତ୍ରା ଆରମ୍ଭ |
|---|---|---|---|
| 22874 | ବିଶାଖାପାଟଣା | ଦୀଘା | 04.04.2019 ଏବଂ 11.04.2019 |
| 22873 | ଦୀଘା | ବିଶାଖାପାଟଣା | 05.04.2019 ଏବଂ 12.04.2019 |
| 22810 | ବିଶାଖାପାଟଣା | ପାରାଦୀପ | 31.03.2019, 07.04.2019 ଏବଂ 14.04.2019 |
| 22809 | ପାରାଦୀପ | ବିଶାଖାପାଟଣା | 03.04.2019, 10.04.2019 ଏବଂ 17.04.2019 |
| 22814 | ପାରାଦୀପ | ସାନ୍ତ୍ରାଗାଛି | 01.04.2019, 08.04.2019 ଏବଂ 15.04.2019 |
| 22813 | ସାନ୍ତ୍ରାଗାଛି | ପାରାଦୀପ | 02.04.2019, 09.04.2019 ଏବଂ 16.04.2019 |
| 22890 | ପୁରୀ | ଦୀଘା | 06.04.2019 ଏବଂ 13.04.2019 |
| 22889 | ଦୀଘା | ପୁରୀ | 07.04.2019 ଏବଂ 14.04.2019 |
| 22804 | ସମ୍ବଲପୁର | ହାଓଡ଼ା | 05.04.2019 ଏବଂ 12.04.2019 |
| 22803 | ହାଓଡ଼ା | ସମ୍ବଲପୁର | 06.04.2019 ଏବଂ 13.04.2019 |
| 18512 | ବିଶାଖାପାଟଣା | କୋରାପୁଟ | 01.04.2019, 05.04.2019, 08.04.2019, 12.04.2019 ଏବଂ 15.04.2019 |
| 18511 | କୋରାପୁଟ | ବିଶାଖାପାଟଣା | 02.04.2019, 06.04.2019, 09.04.2019, 13.04.2019 ଏବଂ 16.04.2019 |
| 68028 | ସମ୍ବଲପୁର | ରାଉରକେଲା | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 68031 | ଝାରସୁଗୁଡ଼ା | ସମ୍ବଲପୁର | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58301 | ସମ୍ବଲପୁର | କୋରାପୁଟ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58302 | କୋରାପୁଟ | ସମ୍ବଲପୁର | 02.04.2019 ଠାରୁ 16.04.2019 ପର୍ଯ୍ୟନ୍ତ |
| 58303 | ସମ୍ବଲପୁର | ଜୁନାଗଡ଼ ରୋଡ଼ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58304 | ଜୁନାଗଡ଼ ରୋଡ଼ | ସମ୍ବଲପୁର | 02.04.2019 ଠାରୁ 16.04.2019 ପର୍ଯ୍ୟନ୍ତ |
| 58529 | ଦୁର୍ଗ | ବିଶାଖାପାଟଣା | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58530 | ବିଶାଖାପାଟଣା | ଦୁର୍ଗ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58217 | ଟିଟିଲାଗଡ଼ | ରାୟପୁର | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58218 | ରାୟପୁର | ଟିଟିଲାଗଡ଼ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58406 | ପାରାଦୀପ | କଟକ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58405 | କଟକ | ପାରାଦୀପ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58436 | କଟକ | ଭଦ୍ରକ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |
| 58435 | ଭଦ୍ରକ | କଟକ | 01.04.2019 ଠାରୁ 15.04.2019 ପର୍ଯ୍ୟନ୍ତ |



ପୂର୍ବ ତଟ ରେଳପଥ

PR-577/J/18-19

# ଏପ୍ରିଲ ଫୁଲ୍




ଥଟ୍ଟାମଜା ସମସ୍ତଙ୍କୁ ଆନନ୍ଦ ଦେଇଥାଏ। ନିଜେ ହସିବା ସହ ଅନ୍ୟକୁ ହସାଇବାର ମଜା ଟିକେ ନିଆରା। ହେଲେ ତାହାର ଉପାୟ ଯଦି ଠିକ୍ ରହିଲା, ତେବେ ତାହା ସ୍ମରଣୀୟ ହୋଇ ରହିଥାଏ। କେତେକ ନିର୍ଦ୍ଦିଷ୍ଟ ଦିନକୁ ମନେରଖିବା ପାଇଁ ଲୋକେ ନିଜ ନିଜ ଭିତରେ ଥଟ୍ଟା ତାମସା କରନ୍ତି। ପ୍ରାଚୀନ କାଳରେ ଏଭଳି ଅନେକ ଘଟଣା ନଜିର ରହିଛି। ପୁଣି ସେହି ଦିନକୁ ଏ ପର୍ଯ୍ୟନ୍ତ ଏକ ସ୍ମରଣୀୟ ଦିନ ଭାବରେ ମନେ ରଖାଯାଇଛି। ସେହି ମଜାରେ ଯେଉଁ କାହାଣୀ ଥାଏ, ତା' ପଛରେ ଆଦୌ ସତ୍ୟତା ନ ଥାଏ। ହେଲେ ତାହାକୁ ଶୁଣିବା ପରେ ଜଣେ ଭାବିନିଏ ଯେ, ଘଟଣାଟି ସମ୍ପୂର୍ଣ୍ଣ ସତ ଆଉ ତା' ପରେ କ'ଣ ହେଲା ବୋଲି ସେ ବେଶ୍ ଉତ୍ସୁକତାର ସହ ପ୍ରଶ୍ନ ପଚାରେ। ହେଲେ ସେ ଜାଣି ପାରି ନ ଥାଏ ଯେ, ଆଦୌ ସତ ନ ଥିବା କଥାକୁ ନେଇ ତାକୁ ବୋକା ବନାଉଛନ୍ତି। ଅସଲ କଥା ଜାଣିବା ପରେ ସେହି ମାହୋଲ ଆହୁରି ଖୁସିରେ ଉଚ୍ଛୁଳିପଡେ। ହଁ, ତାହା ହେଲା 'ଏପ୍ରିଲ ଫୁଲ୍'। ପ୍ରତିବର୍ଷ ଏପ୍ରିଲ ମାସ ପହିଲା ତାରିଖରେ ଏପରି କାହାଣୀ, ଜୋକ୍ସ ଶୁଣିବାକୁ ମିଳେ, ଯେଉଁଥିରୁ ଅନେକେ ମଜା ଉଠାନ୍ତି। ୧୮୫୭ରେ ଇଂଲଣ୍ଡରେ ଶୁଣିବାକୁ ମିଳିଲା ଯେ ଟାୱାର ଅଫ ଲଣ୍ଡନରେ ଥିବା ସିଂହଟିକୁ ଧୁଆ ଯାଇଛି। କିନ୍ତୁ ସେପରି କିଛି ଘଟଣା ବାସ୍ତବରେ ଘଟି ନ ଥିଲା। ତାହା କେବଳ ଏକ ଗୁଜବ ଥିଲା, ଯାହା ସେତେବେଳେ ଲୋକମାନଙ୍କୁ ବେଶ୍ ମଜା ଦେଇଥିଲା। କେବଳ ପାଶ୍ଚାତ୍ୟ ଦେଶରେ ନୁହେଁ, ଆମ ଦେଶରେ ଏପ୍ରିଲ ଫୁଲ୍‌ରେ ଅନେକଙ୍କୁ ଆନନ୍ଦ ମିଳିଥାଏ। ସେହି ଦିନରେ ଜଣକୁ ବୋକା ବନାଇବାର ଏହା ଏକ ମଜାଦାର ପ୍ରୟାସ। ସତ କଥା ଜଣାପଡିବା ପରେ ଶୁଣୁଥିବା ଏବଂ ଘଟଣାର ସତ୍ୟତା ବିଷୟରେ ଅବଗତ ନ ଥିବା ବ୍ୟକ୍ତିଙ୍କୁ 'ଏପ୍ରିଲ ଫୁଲ୍' କହି ଚିଡାଇଥାଆନ୍ତି, ଯାହା ପଛରେ କେବଳ ମଜା ନେବା ହିଁ ଲୁଚି ରହିଥାଏ। ଏବେ ବିଶେଷଭାବରେ ଯୁବପିଢ଼ି ଏପ୍ରିଲ ଫୁଲ୍‌ରେ ବିଭିନ୍ନ ଉପାୟରେ ବେଶ୍ ଥଟ୍ଟା ତାମସା କରି ନିଜର ଫ୍ରେଣ୍ଡଶିପ୍ ପରିସରକୁ ଆହୁରି ବଢ଼ାଇ ଥାଆନ୍ତି।







**ଜାଣନ୍ତୁ ହସିବାର ଫାଇଦା :** ଏପ୍ରିଲ ମାସର ପ୍ରଥମ ଦିନକୁ ଏପ୍ରିଲ ଫୁଲ୍ ବୋଲି କୁହାଯାଏ। ବିଶ୍ୱରେ ଏହାକୁ ନେଇ ଏକ ଗବେଷଣା ହୋଇସାରିଛି। ଏଥିରେ ଉଦାସ ରହୁଥିବା ବ୍ୟକ୍ତିଙ୍କ ତୁଳନାରେ ଯେଉଁମାନେ ହସମଜା କରୁଥିଲେ, ସେମାନେ ସୁସ୍ଥ ରହୁଥିବାର ଦେଖିବାକୁ ମିଳିଥିଲା। ଖାଲି ଏତିକି ନୁହେଁ, ଖୁସି ମିଜାଜର ବ୍ୟକ୍ତି ଦୀର୍ଘାୟୁ ହେବା ସହ ନିଜର ପର୍ସନାଲ, ପ୍ରଫେସନାଲ ଲାଇଫ୍‌ରେ ସଫଳ ହୋଇଥାଆନ୍ତି।

**ଲାଫ୍ଟର ଥେରାପି :** ସବୁଠୁ ଅଧିକ ବିକ୍ରି ହୋଇଥିବା ବହି 'ଲାଫ୍ଟର ଥେରାପି- ହାଓ ଟୁ ଲାଫ୍ ଏଭ୍ରିଥିଙ୍ଗ ଇନ୍ ୟୋର ଦ୍ୟାଟ୍ ଇଜ୍ ନଟ୍ ରିୟଲି ଫନି'ର ଲେଖିକା ଏନେଟଗୁଡହର୍ଟଙ୍କ ମତରେ- ହସ ଏପରି ଏକ ପ୍ୟୁରିଫିକେଶନ୍ ପ୍ରକ୍ରିୟା, ଯାହା ନିଜର ଭାବପ୍ରବଣତାକୁ ବାଲାନ୍ସ କରିଥାଏ। ଏହା ହିଲିଂ କରିବାରେ ବହୁତ ସାହାଯ୍ୟ କରିଥାଏ। ତାଙ୍କର ଏହି ଥିଓରିରେ ହସିବାରେ କେତୋଟି ଫାଇଦା ରହିଛି, ତାହା ଗବେଷଣା ମାଧ୍ୟମରେ ପୁଷ୍ଟ ହୋଇସାରିଛି।

**ହାର୍ଟ ରହିଥାଏ ସୁସ୍ଥ**
ହାର୍ଟ ସ୍ପେଶାଲିଷ୍ଟଙ୍କ ମତରେ ପ୍ରତିଦିନ ୧୦-୧୫ ମିନିଟ୍ ଖୋଲା ହସିବା ଦ୍ୱାରା ହାର୍ଟ ସୁସ୍ଥ ରହିଥାଏ। ଧମନୀରେ ବ୍ଲକେଜ୍ ହେବାର ଆଶଙ୍କା କମ୍ ଥାଏ।

**ବଢ଼ିଥାଏ ରୋଗ ପ୍ରତିରୋଧକ ଶକ୍ତି**
ହସିବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ି ଥାଏ। ଦିନରେ ହସିବା ଦ୍ୱାରା ରାତିରେ ଭଲ ନିଦ ମଧ୍ୟ ଆସିଥାଏ। ହସ ରୋଗ ପ୍ରତିରୋଧକ କୋଷଗୁଡ଼ିକର ସଂଖ୍ୟା ବଢ଼ାଇବା ସହ ଇନ୍‌ଫେକ୍ସନ୍ ସହ ଲଢ଼ିବାର ଶକ୍ତି ମିଳିଥାଏ। ଏହାଦ୍ୱାରା ଶରୀର ସୁସ୍ଥ ରୁହେ। ହସିବା ଦ୍ୱାରା ଶରୀରରେ ମେଲାଟୋ ନିନ୍ ନାମକ ରାସାୟନିକ ତତ୍ତ୍ୱ ସୃଷ୍ଟି ହୁଏ, ଯାହା ନିଦ ହେବାରେ ସାହାଯ୍ୟ କରିଥାଏ।

**ସୁଗାର ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ**
ଜାପାନରେ ଥିବା ସୁକୁବା ୟୁନିଭର୍ସିଟି ଦ୍ୱାରା ହୋଇଥିବା ଗବେଷଣା ଅନୁଯାୟୀ ପ୍ରତିଦିନ ହସୁଥିବା ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କ ଖାଇବା ପରେ ସୁଗାର ସ୍ତର କମ୍ ଦେଖିବାକୁ ମିଳିଲା। ବୈଜ୍ଞାନିକଙ୍କ ମତରେ ହସିବା ଦ୍ୱାରା ନ୍ୟୁରୋଏଣ୍ଡୋକ୍ରାଇନ୍ ସିଷ୍ଟମ ଉପରେ ପ୍ରଭାବ ପଡିଥାଏ। ଏହା ଗ୍ଲୁକୋଜ୍ ସ୍ତରକୁ ମଧ୍ୟ ନିୟନ୍ତ୍ରିତ ରଖିଥାଏ।

**ଷ୍ଟ୍ରେସ୍‌ରୁ ମୁକ୍ତି:** ଷ୍ଟ୍ରେସ୍ କମାଇବାରେ ହସ ସହାୟକ ହୋଇଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ହସିବା ଫଳରେ କାର୍ଟିସୋଲ ଓ ଏପିନୋଫ୍ରିନ୍ ଭଳି ଷ୍ଟ୍ରେସ୍ ହର୍ମୋନ ସ୍ତର ସନ୍ତୁଳିତ ରହିଥାଏ। ହସିବା ଦ୍ୱାରା ହାପି ହର୍ମୋନ୍ ଭଳି ସେରୋଟୋନିନ୍ ଓ ଅକ୍ସିଟୋସିନ୍ ବାହାରି ଆସିଥାଏ, ଯଦ୍ୱାରା ଆମର ମୁଡ୍ ଭଲ ରହିଥାଏ।

**ହୋଇଥାଏ ମସଲ୍ସ ଏକ୍ସରସାଇଜ୍:** ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ, ଏକଘଣ୍ଟା ପର୍ଯ୍ୟନ୍ତ ହସିବା ସହ ୩୦ ମିନିଟ୍ ପର୍ଯ୍ୟନ୍ତ ଜିମ୍‌ରେ ୱେଟ୍ ଲିଫ୍ଟିଙ୍ଗ୍ ସହ ସମାନ। ଏହାଦ୍ୱାରା ଖୋଲା ହସିବା ଦ୍ୱାରା ହାର୍ଟବିଟ୍ ଠିକ୍ ରହିଥାଏ ଏବଂ ଶରୀରର ସବୁ ଅଙ୍ଗପ୍ରତ୍ୟଙ୍ଗକୁ ରକ୍ତ ସଞ୍ଚାଳନ ଭଲ ହୁଏ। ଫଳରେ ହସିବା ଦ୍ୱାରା ପେଟର ମାଂସପେଶୀ ହାଲୁକା ଏକ୍ସରସାଇଜ୍ ବି କରିଥାଏ।

**କ୍ୟାଲୋରି ବର୍ଣ୍ଣ ହୋଇଥାଏ:** ହସିବା ଏକ ପ୍ରକାର ଫିଜିକାଲ ଏକ୍ସରସାଇଜ୍। ହସିବା ଦ୍ୱାରା ମେଟାବଲିଜିମ୍ ସ୍ତର ବଢ଼ିଥାଏ। ହେଲ୍‌ଥ ଏକ୍ସପର୍ଟଙ୍କ ମତରେ ଯଦି ଆପଣ ଡାଏଟିଂ ଏବଂ ୱେଟ କଣ୍ଟ୍ରୋଲ କରିବାକୁ ଯୋଜନା କରୁଛନ୍ତି, ତେବେ ପ୍ରୋଗ୍ରାମ୍ ଯଦି କରୁଥାନ୍ତି ତେବେ ଜୋର୍‌ରେ ହସିବାକୁ ଦୈନନ୍ଦିନ ରୁଟିନ୍‌ରେ ସାହାଯ୍ୟ କରୁଛି।

**ସବୁବେଳେ ୟଙ୍ଗ୍ ରହିଥାଆନ୍ତି :** ସବୁବେଳେ ଜୋର୍‌ରେ ହସୁଥିବା ବ୍ୟକ୍ତି ୟଙ୍ଗ୍ ଦେଖାଯିବା ସହ ବୟସ କମ୍ ଦେଖିବାକୁ ମିଳେ। ଏହି କାରଣରୁ ହସିବା ଦ୍ୱାରା ୧୫ଟି ମାଂସପେଶୀ ଏକାସହିତ କାମ କରିଥାଏ। ଫଳରେ ରକ୍ତ ସଂଚାଳନ ଭଲ ହୋଇଥାଏ। ମୁହଁର ଏକ୍ସରସାଇଜ୍ ବି ହୋଇଥାଏ। ହେଲ୍‌ଥ ଏକ୍ସପର୍ଟଙ୍କ ମତରେ ଜୋରଜୋର୍ ହସିବା ଦ୍ୱାରା ଆମ ଶ୍ୱାସକ୍ରିୟା ସକ୍ରିୟ ରହିଥାଏ।

## ସେମାନଙ୍କ ମତରେ...



ସରୋଜକାନ୍ତ

### ଏପ୍ରିଲ ଫୁଲ୍‌ର ଧୁମ୍ ମଜା ନେଇଥାଏ

*(ସରୋଜକାନ୍ତ ବାରିକ୍, ଛାତ୍ର, ପାରାଦୀପ, ଜଗତ୍‌ସିଂହପୁର)*

ପ୍ରତିବର୍ଷ ମୁଁ ଏପ୍ରିଲ୍ ଫୁଲ୍‌ର ଧୁମ ମଜା ନେଇଥାଏ। ଏହି ଦିନରେ ସାଙ୍ଗମାନଙ୍କ ସହ ଜୋକ୍ ଶେୟାର କରିବାର ମଜା ନିଆରା। କାରଣ ଏସବୁ କାହାଣୀ ପଛରେ ଆଦୌ ସତ ନ ଥାଏ। ଥରେ ମୋର ଜଣେ ସାଙ୍ଗ ଏକ ଜୋକ୍‌କୁ ନେଇ ଇମୋଶନାଲ ହୋଇଯାଇଥିଲା। ତାକୁ ବୁଝାଇବାକୁ ଆମକୁ କିଛି ସମୟ ଲାଗି ଯାଇଥିଲା। ଏଥର ମଧ୍ୟ ଏପ୍ରିଲ ଫୁଲ୍‌ର ଧୁମ ମଜା ନେବି।



ବୀଣାବୈଶାଖୀ

### ଏପ୍ରିଲ ଫୁଲ୍ କରିବାକୁ ମୋତେ ଖୁସି ଲାଗେ

*(ବୀଣାବୈଶାଖୀ ପ୍ରଧାନ, ଜଗତପୁର, କଟକ)*

ଏହି ଦିନରେ ସାଙ୍ଗମାନଙ୍କ ସହ ମଜା କରିବାକୁ ମୋତେ ଭଲ ଲାଗେ। ସେହି ଦିନ ସାଙ୍ଗମାନଙ୍କୁ କ'ଣ କହି ବୋକା ବନାଇବି, ସେ ନେଇ ତା' ପରଦିନ ରାତିରେ ପ୍ଲାନିଂ କରେ। ଏହି ଜୋକ୍ସକୁ ଏମିତି ପ୍ରେଜେଣ୍ଟ କରେ, ତାହା ସତ ବୋଲି ଅନେକେ ଭାବନ୍ତି। ତେଣୁ ସେମାନଙ୍କୁ ବୋକା ବନାଇବା ସହଜ ହୋଇଥାଏ। ଏଥର ଏହି ଦିନରେ ସାଙ୍ଗମାନଙ୍କ ସହ ମିଶି ଢେର ଜୋକ୍ସ ଶେୟାର କରିବାକୁ ଯୋଜନା କରିଛି।

## ଏ ସପ୍ତାହର ପ୍ରଶ୍ନ

୧. ବିଶ୍ୱର ଦୀର୍ଘତମ ହାଇୱେ କିଏ ଏବଂ ଏହାର ଲମ୍ବ କେତେ ?
୨. 'କଣ୍ଟି କପର' ଦେଶ ଭାବରେ କେଉଁ ଦେଶ ପରିଚିତ ?
୩. ପାକିସ୍ତାନ ଏବଂ ଆଫଗାନିସ୍ତାନର ସୀମାରେଖାକୁ କ'ଣ କୁହାଯାଏ ?
୪. ମନୁଷ୍ୟ ଶରୀରରେ କେଉଁଠି ସବୁଠାରୁ ଅଧିକ ଯୋଡ଼ାସ୍ଥଳୀ ରହିଛି ?
୫. ଅର୍ଥନୀତିରେ ପ୍ରଥମ ଥର କେବେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା ?

## ଗତ ସପ୍ତାହର ଉତ୍ତର

୧ ଅଶୋକ ସ୍ତମ୍ଭ
୨ ଶଙ୍ଖଧ୍ୱନି
୩ ସଇଁତଳା
୪ ସୁନାବେଡା
୫ ବେଲଗୁଣ୍ଡା

## ଉତ୍ତରଦାତା



ରୂପାଲି ପ୍ରିୟଦର୍ଶିନୀ ନାୟକ, ନିମାପଡା, ପୁରୀ



ଯୋଗମାୟା ମିଶ୍ର, ଜୟବଡ, ଜଗତ୍‌ସିଂହପୁର

# ସମର ଫ୍ୟାଶନ୍

**ଯୁଗ ସହ ତାଳ ଦେଇ ଟ୍ରେଣ୍ଡି ଦେଖାଯିବାକୁ ଚାହୁଁଥିବା ୟୁଥ୍ ଜେନେରେଶନଙ୍କ ପାଇଁ ବଜାରରେ ପ୍ରତି ଦିନ ନୂଆ ନୂଆ କଲେକ୍ସନ ମଧ୍ୟ ଉପଲବ୍ଧ ହେଉଛି। ତେବେ ଏହି ସମର ସିଜନ୍‌ରେ କିଭଳି ଭାବେ ନିଜକୁ ଏକ ଟ୍ରେଣ୍ଡି ଲୁକ୍ ଦେଇ ପାରିବେ ସେ ସମ୍ପର୍କରେ...**



❖ଓଭରସାଇଜ୍ ହ୍ୟାଣ୍ଡବ୍ୟାଗ୍ ଓ ଓଭରସାଇଜ୍ କ୍ଲଚ୍ ଏବେ ନୂଆ ଟ୍ରେଣ୍ଡରେ ସାମିଲ ଅଛି ଯାହା ଯୁବପିଢ଼ୀଙ୍କ ମନକୁ ଛୁଇଁପାରିଛି।
❖କଲରଫୁଲ୍ ଫ୍ଲାଟ ଚପଲକୁ ଆପଣ ନିଜର ଷ୍ଟାଇଲ୍ ଷ୍ଟେଟମେଣ୍ଟ ରୂପେ ନେଇ ପାରିବେ। ଏହା ପାଦକୁ ସୁନ୍ଦର ଲୁକ୍ ଦେଇଥାଏ।
❖ଜ୍ୱେଲେରୀରେ ବୋଲ୍ଡ ଏବଂ ବିଗ୍ ଭଲ ଟ୍ରେଣ୍ଡ ଚାଲିଛି। କକ୍‌ଟେଲ ରିଙ୍ଗ,ନେକଲେସ୍ ବ୍ୟାଙ୍ଗଲ ମଧ୍ୟ ଏଥିରେ ସାମିଲ କରିପାରିବେ । ଷ୍ଟୋନ୍‌ର ଯଦି ଜ୍ୱେଲେରୀ ପିନ୍ଧୁଥାନ୍ତି ଏହା ଯେପରି କଲରଫୁଲ ହେବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
❖ଆଜିକାଲି କଲରଫୁଲ୍ ସ୍କାର୍ଫର ଫ୍ୟାଶନ୍ ଚାଲିଛି, ଏହି ଫ୍ୟାଶନ୍ ଆଗରୁ ଥିଲା ଏବେ ବି ଅଛି । ଆପଣ ଏହାକୁ ଇଣ୍ଡିଆନ୍ ଓ ୱେଷ୍ଟର୍ଣ୍ଣ ଡ୍ରେସରେ ମଧ୍ୟ କ୍ୟାରୀ କରିପାରିବେ। ଏହା ଟ୍ରାଡିସନାଲ୍‌ରେ ମଡର୍ଣ୍ଣ ଲୁକ୍ ଦେଇଥାଏ।

# ଡାଏଟ୍‌ରେ ରଖନ୍ତୁ ଧ୍ୟାନ

**ପନିପରିବା ବଦଳରେ ଫାଷ୍ଟଫୁଡ୍ ଆଜିକାଲି ଯୁବପିଢିଙ୍କର ବହୁତ ପସନ୍ଦ। କିନ୍ତୁ ଶାରୀରିକ ଏବଂ ମାନସିକ ବିକାଶ ପାଇଁ ଉତ୍ତମ ଡାଏଟ୍ ଜରୁରୀ । ଜାଣନ୍ତୁ ଏ ନେଇ କିଛି ଟିପ୍ସ...**



**ଆୟୋଡିନ -** ଶରୀରରେ ଆୟୋଡିନର ଆବଶ୍ୟକତା ରହିଛି। ଟମାଟୋ, ପାଳଙ୍ଗ, ଅଣ୍ଡା, ଆଳୁ, କ୍ଷୀର, ମକା, ବିନ୍ସ, ଷ୍ଟ୍ରବେରୀ ଆଦିରେ ଉପଯୁକ୍ତ ମାତ୍ରାରେ ରହିଛି ଆୟୋଡିନ। ନିୟମିତ ଖାଦ୍ୟ ତାଲିକାରେ ଏସବୁକୁ ଅନ୍ତର୍ଭୁକ୍ତ କରନ୍ତୁ।

**କାର୍ବୋହାଇଡ୍ରେଟ୍‌ସ -** ସକାଳେ ବ୍ରେକ୍‌ଫାଷ୍ଟ ଠିକ୍ ଭାବେ ହୋଇ ନ ଥିଲେ ପାଠପଢ଼ାରେ ଧ୍ୟାନ ରହି ନ ଥାଏ। ତେଣୁ ପ୍ରତିଦିନ ଡାଏଟ୍‌ରେ କାର୍ବୋହାଇଡ୍ରେଟ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

**ଜିଙ୍କ୍ -** ନର୍ଭ ଏବଂ ମସ୍ତିଷ୍କ କୋଷ ମଧ୍ୟରେ ସଂଯୋଗ ରକ୍ଷା କରିଥାଏ ଜିଙ୍କ୍। ଶରୀରରେ ଏହାର ପରିମାଣ କମ୍ ରହିଲେ ବୌଦ୍ଧିକ ବିକାଶରେ ବାଧା ସୃଷ୍ଟି ହୋଇଥାଏ। ବାଦାମ, ରସୁଣ, ଅଣ୍ଡାର ଧଳାଅଂଶ, ଛତୁ, ଅଳସୀ, ଓଟ୍‌ସ, ରାଜ୍‌ମା, ଛୋଲେ, ମଟର, ଦହି ଆଦିରେ ପ୍ରଚୁର ମାତ୍ରାରେ ରହିଛି ଜିଙ୍କ୍। ଖାଦ୍ୟ ତାଲିକାରେ ଏସବୁ ରହିବା ନିହାତି ଜରୁରୀ।

**ଭିଟାମିନ୍ ବି -** ଶରୀରରେ ନର୍ଭ୍ ସେଲ୍‌କୁ ମଜବୁତ୍ ରଖିବାକୁ ହେଲେ ଭିଟାମିନ୍ ବି ୯ ଏବଂ ବି ୧୨ ଜରୁରୀ। ନନ୍ ଭେଜିଟେରିଆନ୍ ଫୁଡ୍‌ରେ ଏହାର ମାତ୍ରା ଅଧିକ ରହିଛି।

**ଆଇରନ୍ -** ଶରୀରରେ ଆଇରନ୍‌ର ମାତ୍ରା କମ୍ ହେଲେ ଥକ୍କା ଅନୁଭବ ହୁଏ ଏବଂ ଚିଡିଚିଡା ଲାଗିଥାଏ। ବିଟ୍, ପାଳଙ୍ଗ, ସେଓ, ସଜନାଛୁଇଁ, କଦଳୀ, ତରଭୁଜ, ଡାଳିମ୍ବ, ପିଜୁଳି, ସୋୟାବିନ୍, ଡାଲି ଓ ସବୁଜ ପନିପରିବା ଆଦିରେ ପ୍ରଚୁର ମାତ୍ରାରେ ରହିଛି ଆଇରନ୍।

## ଦାମ୍ପତ୍ୟ ଜୀବନରେ ଫାଟ



ମାତ୍ର ୩ ମାସର ବୈବାହିକ ଜୀବନରେ ମତଭେଦ। ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ସ୍ୱାମୀ ତଥା ଆମେରିକୀୟ ପପ୍ ଗାୟକ ନିକ୍ ଜୋନାସ୍‌ଙ୍କ ମଧ୍ୟରେ ଛାଡ଼ପତ୍ର ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।

# ବାପାଙ୍କୁ ସମ୍ମାନ ଦେଇନାହିଁ ଭାଜପା: ସୋନାକ୍ଷୀ

ମୁମ୍ବାଇ

ଅଭିନେତାରୁ ରାଜନେତା ପାଲଟିଥିବା ଶତ୍ରୁଘ୍ନ ସିହ୍ନାଙ୍କୁ ଭାରତୀୟ ଜନତା ପାର୍ଟି(ଭାଜପା)ରେ ସମ୍ମାନ ମିଳେନାହିଁ ବୋଲି ତାଙ୍କ କନ୍ୟା ସୋନାକ୍ଷୀ ସିହ୍ନା ଶୁକ୍ରବାର ପ୍ରକାଶ କରିଛନ୍ତି। ସେ ବହୁ ପୂର୍ବରୁ ଭାଜପା ଛାଡ଼ିବା ଉଚିତ ଥିଲା। କଂଗ୍ରେସରେ ଯୋଗଦେବା ତାଙ୍କ ପିତାଙ୍କର ଖୁବ୍ ପସନ୍ଦ। କଂଗ୍ରେସରେ ତାଙ୍କ ଭଳି ବିଶିଷ୍ଟ ଅଭିନେତା ଯୋଗଦେଲେ ଭଲ କାମ କରିବାର ସୁଯୋଗ ପାଇବେ ବୋଲି ସୋନାକ୍ଷୀ କହିଛନ୍ତି। 'ଏଚ୍‌ଟି ମୋଷ୍ଟ ଷ୍ଟାଇଲିଶ୍ ଆୱାର୍ଡସ'ରେ ଉଦ୍‌ବୋଧନ ଦେବା ଅବସରରେ ସୋନାକ୍ଷୀ ଏଠାରେ ଖବରଦାତାଙ୍କୁ କହିଲେ, କୌଣସି ଦଳରେ ରହି ଜଣେ ଯଦି ଖୁସି ହୋଇ ନ ପାରୁଛି ତା'ହେଲେ ଦଳ ଛାଡ଼ିଦେବା ଉଚିତ। କଂଗ୍ରେସରେ ତାଙ୍କର ଯୋଗଦାନ ଦ୍ୱାରା ସେ ଅଧିକ କାମ କରିବାର ସୁଯୋଗ ପାଇବେ ଏବଂ ଆଦୌ ଚାପରେ ରହିବା ଅନୁଭବ କରିବେ ନାହିଁ। ଭାଜପା ଛାଡ଼ିବା ବର୍ତ୍ତମାନ ତାଙ୍କ ପାଇଁ ଉପଯୁକ୍ତ ସମୟ। ପିତାଙ୍କ ଭଳି ବରିଷ୍ଠ ନେତାମାନଙ୍କୁ ମଧ୍ୟ ଦଳରେ ଯଥୋଚିତ ସମ୍ମାନ ମିଳୁନାହିଁ। ଭାଜପା ଛାଡ଼ିବା ତାଙ୍କ ପାଇଁ ଖୁବ୍ ବିଳମ୍ବ ହୋଇଗଲା ବୋଲି ସୋନାକ୍ଷୀ କହିଛନ୍ତି।





“କେବଳ ଏକ ନିର୍ବୋଧ ସରକାର ଦେଶର ସୁରକ୍ଷା ସମ୍ପର୍କିତ ଗୋପନ ତଥ୍ୟ ପ୍ରଘଟ କରେ।
-ପି. ଚିଦାମ୍ବରମ, କଂଗ୍ରେସ ନେତା



## ସଂକ୍ଷେପରେ

### ଆଫଗାନିସ୍ତାନ ସଂଘର୍ଷ: ୮ ମୃତ

**କାବୁଲ,୩୦।୩(ପି.ଟି):** ଆଫଗାନିସ୍ତାନର କାନ୍ଦାହାର ଅଞ୍ଚଳରେ ପୋଲିସ ସହ ସଂଘର୍ଷରେ ୫ ସାଧାରଣ ଜନତାଙ୍କ ସମେତ ୩ ପୋଲିସକର୍ମୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। କାନ୍ଦାହାର ପୋଲିସ ମୁଖ୍ୟଙ୍କ ସୂଚନା ଅନୁଯାୟୀ, ପ୍ରଥମେ ତାଲିବାନର କେତେଜଣ ଜନତା ମୌୱାନ୍ଦ ଜିଲାର ତୈମୋର ଅଞ୍ଚଳରେ ପୋଲିସ ଉପରକୁ ଆକ୍ରମଣ କରିଥିଲେ। ଏହାପରେ ପୋଲିସ ପାଲଟା ଆକ୍ରମଣ କରିବାରୁ ଏଭଳି ଘଟଣା ଘଟିଥିବା ସେ କହିଛନ୍ତି। ଏଥିରେ ଜଣେ ପୋଲିସ ଆହତ ହୋଇଥିବା ସୂଚନା ମିଳିଛି।

### ଏନ୍‌ପିପି କର୍ମୀଙ୍କୁ ହତ୍ୟା

**ଇଟାନଗର,୩୦।୩(ପି.ଟି.):** ଅରୁଣାଚଳପ୍ରଦେଶର ଏକ ଗାଁରେ ନ୍ୟାଶନାଲ୍ ପିପୁଲ୍ସ ପାର୍ଟି(ଏନ୍‌ପିପି)ର ଜଣେ କର୍ମୀଙ୍କୁ ହତ୍ୟା କରାଯାଇଛି। ‘ନ୍ୟାଶନାଲ ସୋସିଆଲିଷ୍ଟ କାଉନସିଲ୍ ଅଫ୍ ନାଗାଲାଣ୍ଡ’ର ଜଣେ ସଦସ୍ୟ ତାଙ୍କୁ ହତ୍ୟା କରିଥିବା ଜନୈକ ଜିଲା ଅଧିକାରୀ ସୂଚନା ଦେଇଛନ୍ତି। ଉକ୍ତ ସନ୍ଦିଗ୍ଧ ବ୍ୟକ୍ତି ଏନ୍‌ପିପି କର୍ମୀ ଜାଲେ ଆନ୍ନା ଏବଂ ତାଙ୍କ ସାଥୀ ଖାମ୍ ନୈ ଅଭିଙ୍କୁ ଶୁକ୍ରବାର ତିରାପ ଜିଲାର ଖେଟି ଗାଁରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଆନ୍ନାଙ୍କ ମୃତ୍ୟୁ ଘଟିଥିବା ବେଳେ ଅଭିଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି।

### ୧୧୭ ଶରଣାର୍ଥୀଙ୍କୁ ଉଦ୍ଧାର କଲା ଲିବ୍ୟା

**ତ୍ରିପୋଲି,୩୦।୩(ପି.ଟି):** ଲିବ୍ୟାର ପଶ୍ଚିମ ଉପକୂଳରେ ଥିବା ଅଲ୍-ଖାମୋଶ୍ ନିକଟରୁ ଲିବ୍ୟା କର୍ତ୍ତୃପକ୍ଷ ୧୭ ଜଣ ଶରଣାର୍ଥୀଙ୍କୁ ଉଦ୍ଧାର କରିଛନ୍ତି। ଆଫ୍ରିକାର ବିଭିନ୍ନ ଅଞ୍ଚଳର ଏହି ଅଧିବାସୀମାନେ ଏକ ରବର ବୋଟ୍‌ରେ ଯାଉଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ୮୪ ପୁରୁଷ, ୧୫ ମହିଳା ଓ ୧୮ ଶିଶୁ ଥିବା ସୂଚନା ମିଳିଛି। ଏମାନେ ଭୂମଧ୍ୟସାଗର ଦେଇ ୟୁରୋପ ଯାଉଥିବା ଜଣାପଡିଛି। ଏମାନଙ୍କୁ ଉଦ୍ଧାର କରାଯାଇ ଖାଦ୍ୟ ପାନୀୟ ସହ ସବୁ ପ୍ରକାର ମେଡିକାଲ ସୁବିଧା ଯୋଗାଇ ଦିଆଯାଇଛି। ସୂଚନାଯୋଗ୍ୟ, ରବର ବୋଟ୍‌ରେ ସମୁଦ୍ର ପାର ହେବା ବେଳେ ଅନେକ ଶରଣାର୍ଥୀ ଜୀବନ ହରାଇଛନ୍ତି। ଖାଦ୍ୟ ସଂକଟ ଏବଂ ଆକ୍ରମଣ ଭୟରେ ଏମାନେ ନିଜ ଦେଶ ଛାଡି ବାହାରକୁ ଯିବାକୁ ବାଧ ହେଉଛନ୍ତି।

### ଜମ୍ମୁ-କଶ୍ମୀରରେ ଏନ୍‌କାଉଣ୍ଟର

**ଅନନ୍ତନାଗ,୩୦।୩:** ଜମ୍ମୁ-କଶ୍ମୀର ଅନନ୍ତନାଗ ଜିଲାର ତାନିଗାୱାଁ ଗାଁ ନିକଟରେ ଶନିବାର ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଉକ୍ତ ଅଞ୍ଚଳରେ ଆତଙ୍କବାଦୀମାନେ ଲୁଚି ରହିଥିବା ସନ୍ଦେହ କରି ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଛି। ପୋଲିସ ଓ ସୁରକ୍ଷାକର୍ମୀଙ୍କ ଦ୍ୱାରା ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି। ସୂଚନାଯୋଗ୍ୟ, ଗୋଟିଏ ଦିନ ପୂର୍ବରୁ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ୪ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିଲା।

### ଭାରତୀୟ ଧର୍ମଗୁରୁ ଦଣ୍ଡିତ

**ନ୍ୟୁୟର୍କ,୩୦।୩(ପି.ଟି.):** ଆମେରିକାରେ ଏକ ଶିଶୁକୁ ଯୌନ ଶୋଷଣ କରିବା ଅଭିଯୋଗରେ ଜଣେ ଭାରତୀୟ କ୍ୟାଥଲିକ୍ ଧର୍ମଗୁରୁଙ୍କୁ ୬ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଜନ୍ ପ୍ରବୀନ୍ (୩୮) ଗତବର୍ଷ ସାଉଥ୍ ଡାକୋଟାର ର୍‍ୟାପିଡ ସିଟି ଚର୍ଚ୍ଚରେ ଜଣେ ୧୩ବର୍ଷର ବାଳିକାର ସମ୍ବେଦନଶୀଳ ଅଙ୍ଗରେ ହସ୍ତ ସଞ୍ଚାଳନ କରିଥିବା ଅଭିଯୋଗ ହୋଇଥିଲା। ଏହି ଅପରାଧରେ ସରକାରୀ ଓକିଲ ଅଭିଯୁକ୍ତଙ୍କୁ ସର୍ବାଧିକ ୧ବର୍ଷ ଜେଲ୍‌ଦଣ୍ଡ ଦେବା ପାଇଁ ନିବେଦନ କରିଥିବା ବେଳେ ବିଚାରପତି ଷ୍ଟିଭେନ୍ ମଣ୍ଡେଲ୍ ଏହି ଦଣ୍ଡ ଯଥେଷ୍ଟ ନୁହେଁ ବୋଲି କହିବା ସହିତ ୬ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ। ପ୍ରବୀନ ୧୭୮ଦିନ ଜେଲ୍‌ରେ ରହିଥିବାରୁ ୬ବର୍ଷ ବିଯୁକ୍ତ ସେତିକି ଦିନ ତାଙ୍କୁ ଜେଲ ଦଣ୍ଡାଦେଶ ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଥିଲେ। ୩ବର୍ଷ ଜେଲ୍ ଅବଧି ପରେ ପାରୋଲରେ ସେ ଯାଇପାରିବେ ବୋଲି ବିଚାରପତି କହିଥିଲେ।

## ପ୍ରାର୍ଥିପତ୍ର ଦାଖଲ କଲେ ଅମିତ୍ ଶାହ

# ଏନ୍‌ଡିଏର ଶକ୍ତି ପ୍ରଦର୍ଶନ

**ଗାନ୍ଧୀନଗର,୩୦।୩(ପି.ଟି.)**



ଏନ୍‌ଡିଏ ସମାବେଶରେ ଅମିତ୍ ଶାହଙ୍କ ସହିତ ରାଜନାଥ ସିଂ, ନୀତିନ ଗଡକରି, ଉଦ୍ଧବ ଠାକ୍‌ରେ, ରାମବିଳାସ ପାଶ୍ୱାନ ପ୍ରମୁଖ।

ଭାରତୀୟ ଜନତା ପାର୍ଟି (ଭାଜପା)ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଶନିବାର ଗୁଜରାଟର ଗାନ୍ଧୀନଗର ନିର୍ବାଚନମଣ୍ଡଳୀ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ସମ୍ମାନଜନକ ଆସନରୁ ସର୍ବବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ ୧୯୯୮ରୁ ପ୍ରତିନିଧିତ୍ୱ କରିଆସୁଥିଲେ। ନାମାଙ୍କନପତ୍ର ଦାଖଲ ବେଳେ ଶାହଙ୍କ ସହ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ, ସହଯୋଗୀ ଦଳ ଶିବସେନାର ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୁପାନି ଉପସ୍ଥିତ ଥିଲେ। ଭାଜପା ଅଧ୍ୟକ୍ଷ ତାଙ୍କ ନାମାଙ୍କନପତ୍ର ଗାନ୍ଧୀନଗର ଜିଲାପାଳ ତଥା ରିଟର୍ନିଂ ଅଫିସର ଏସ.କେ. ଲାଙ୍ଗାଙ୍କ ପାଖରେ ଦାଖଲ କରିଥିଲେ। ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ଅନୁଷ୍ଠିତ ସଭା ଓ ରୋଡ୍ ଶୋରେ ଏନ୍‌ଡିଏ ଏହାର ଶକ୍ତି ପ୍ରଦର୍ଶନ କରିଛି।

୪ କିଲୋମିଟର ବ୍ୟାପୀ ଅନୁଷ୍ଠିତ ରୋଡ୍ ଶୋରେ ଲକ୍ଷ ଲକ୍ଷ ଲୋକ ସାମିଲ ହୋଇଥିଲେ। ଅହମଦାବାଦର ନାରନପୁରା ଅଞ୍ଚଳରେ ଥିବା ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି ନିକଟରୁ ଏହି ରୋଡ୍ ଶୋ ବାହାରିଥିଲା। ୨୦୧୪ ଭଳି ଏଥର ମଧ୍ୟ ଗୁଜରାଟର ସମସ୍ତ ୨୬ଟି ଆସନ ଜିତିବାକୁ ଭାଜପା ଲକ୍ଷ୍ୟ ରଖିଛି।

ରୋଡ୍ ଶୋ ପୂର୍ବରୁ ଅହମଦାବାଦରେ ଏକ ବିଶାଳ ଜନସଭାକୁ ଶାହ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଉଦ୍ଧବ ଠାକ୍‌ରେ, ଏସ୍‌ଏଡି ଅଧ୍ୟକ୍ଷ ପ୍ରକାଶ ସିଂ ବାଦଲ, ଏଲ୍‌ଜେପି ପ୍ରତିଷ୍ଠାତା ରାମବିଳାସ ପାଶ୍ୱାନ ପ୍ରମୁଖ ଉପସ୍ଥିତ ଥିଲେ। ଜନସାଧାରଣ ଦୀର୍ଘ ୭୦ ବର୍ଷ ଧରି ଯେଉଁ ନେତୃତ୍ୱକୁ ଅପେକ୍ଷା କରି ରହିଥିଲେ ସେମାନେ ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରେ ପାଇଛନ୍ତି ବୋଲି ଭାଜପା ଅଧ୍ୟକ୍ଷ କହିଛନ୍ତି। କିଏ ଦେଶକୁ ନେତୃତ୍ୱ ଦେବ ତାହା ନିର୍ବାଚନର ଏକମାତ୍ର ପ୍ରସଙ୍ଗ। କେବଳ ମୋଦି ଏବଂ ଏନ୍‌ଡିଏ ସରକାର ଦେଶକୁ ସୁରକ୍ଷା ଦେଇପାରିବ ବୋଲି ସେ ଦୋହରାଇଥିଲେ। ପାକିସ୍ତାନଠାରୁ ବାଂଲାଦେଶକୁ ସ୍ୱାଧୀନ କରିବା ଶ୍ରେୟ ପୂର୍ବତନ ପ୍ରଧାନମନ୍ତ୍ରୀ

**■ ବାଲାକୋଟ ଶ୍ରେୟ ପ୍ରଧାନମନ୍ତ୍ରୀଙ୍କୁ କ’ଣ ପାଇଁ ଦିଆଯିବନି : ରାଜନାଥ**

**■ ଭାଜପା ସହ ମତାନ୍ତର ଦୂର ହୋଇଛି: ଉଦ୍ଧବ**

ଇନ୍ଦିରା ଗାନ୍ଧୀଙ୍କୁ ଦିଆଯାଉଥିବାବେଳେ ବାଲାକୋଟ ଏୟାରଷ୍ଟ୍ରାଇକ୍‌ର ଶ୍ରେୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କ’ଣ ପାଇଁ ଦିଆଯିବନି ବୋଲି ରାଜନାଥ ପ୍ରଶ୍ନ କରିଥିଲେ। ପୁଲ୍‌ୱାମା ଆକ୍ରମଣରେ ୪୯ ସିଆରପିଏଫ୍ ଯବାନ ଶହୀଦ ହେବା ପରେ ମୋଦି ସେନାବାହିନୀକୁ କାର୍ଯ୍ୟାନୁଷ୍ଠାନର ପୂର୍ଣ୍ଣକ୍ଷମତା ଦେଇଥିଲେ। ଆତଙ୍କବାଦୀଙ୍କ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ଇଚ୍ଛାଶକ୍ତି ନିମନ୍ତେ ତାଙ୍କୁ କାହିଁକି ପ୍ରଶଂସା କରା ନ ଯିବ ବୋଲି ରାଜନାଥ ପ୍ରଶ୍ନ କରିଥିଲେ। ସମାବେଶରେ ଯୋଗଦେଇ ଶିବସେନା ଅଧ୍ୟକ୍ଷ କହିଥିଲେ, ଭାଜପା ସହ ବିଭିନ୍ନ ପ୍ରସଙ୍ଗରେ ତାଙ୍କ ଦଳର ପୂର୍ବରୁ ମତାନ୍ତର ଥିଲା। ଏବେ ସେହି ପ୍ରସଙ୍ଗଗୁଡ଼ିକର ସମାଧାନ ହୋଇଯାଇଛି। ଦୁଇ ଦଳର ଗୋଟିଏ ଲକ୍ଷ୍ୟ, ଗୋଟିଏ ଚିନ୍ତାଧାରା ଏବଂ ଉଭୟଙ୍କର ହୃଦୟ ମିଶିଛି ବୋଲି ଠାକ୍‌ରେ କହିବା ସହ ପ୍ରଧାନମନ୍ତ୍ରୀଙ୍କୁ ଉଚ୍ଚପ୍ରଶଂସା କରିଥିଲେ।

# ଆନ୍ଧ୍ର, ଓଡ଼ିଶା ଏମ୍‌ପିଙ୍କ ହାରାହାରି ଆୟ ସର୍ବାଧିକ

**ନୂଆଦିଲ୍ଲୀ,୩୦।୩(ଆଇଏଏନ୍‌ଏସ୍)**



ଆନ୍ଧ୍ରପ୍ରଦେଶର ୧୯ ସାଂସଦଙ୍କ ହାରାହାରି ବାର୍ଷିକ ବ୍ୟକ୍ତିଗତ ଆୟ ସର୍ବାଧିକ ୧.୦୫ କୋଟି ଟଙ୍କା। ଏହା ପଛକୁ ଓଡିଶାର ୧୫ ସାଂସଦଙ୍କ ହାରାହାରି ବାର୍ଷିକ ଆୟ ୬୮.୮ ଲକ୍ଷ ଟଙ୍କା ବୋଲି ଆସୋସିଏଶନ୍ ଅଫ୍ ଡେମୋକ୍ରାଟିକ୍ ରାଇଟ୍ସ (ଏଡିଆର) ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଲୋକ ସଭାର ବିଦାୟୀ ଏମ୍‌ପିଙ୍କ ଦ୍ୱାରା ୨୦୧୪ରେ ଘୋଷିତ ସତ୍ୟପାଠକୁ ବିଶ୍ଳେଷଣ କରି ଏହି ସୂଚନା ଦିଆଯାଇଛି। ଉଚ୍ଚଶିକ୍ଷିତଙ୍କ ତୁଳନାରେ ସ୍ୱଳ୍ପଶିକ୍ଷିତ ଏମ୍‌ପିଙ୍କ ଆୟ ଅଧିକ। ସମୁଦାୟ ସାଂସଦଙ୍କ ମଧ୍ୟରୁ ୨୨% ବା ୧୦୬ ସାଂସଦଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଡିଗ୍ରୀ ହୋଇଥିବାବେଳେ ସେମାନଙ୍କ ହାରାହାରି ବାର୍ଷିକ ଆୟ ୪୧.୨୮ଲକ୍ଷ। ଅପରପକ୍ଷରେ ୫ମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ୬ ସାଂସଦଙ୍କ ହାରାହାରି ଆୟ ୧.୪୧କୋଟି।

୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ୫୨୧ ଲୋକ ସଭା ଏମ୍‌ପିଙ୍କ ମଧ୍ୟରୁ ୪୭୯ ଜଣ ଯେଉଁ ସତ୍ୟପାଠ ଦାଖଲ କରିଥିଲେ ତାହାକୁ ଏଡିଆର ଏବଂ ନ୍ୟାଶନାଲ ଇଲେକ୍ସନ୍ ୱାଚ୍ (ଏନ୍‌ଇଡବ୍ଲ୍ୟୁ) ଦ୍ୱାରା ବିଶ୍ଳେଷଣ କରାଯାଇଥିଲା। ଅନ୍ୟତମ ଗରିବ ରାଜ୍ୟ ଓଡିଶା ୧୫ ଧନୀଙ୍କୁ ପାର୍ଲାମେଣ୍ଟ ପଠାଇଥିଲା। ଏହି ବର୍ଗରେ ଥିବା ଅନ୍ୟ ରାଜ୍ୟ ମଧ୍ୟରେ ଗୁଜରାଟର ୨୪ ସାଂସଦଙ୍କ ହାରାହାରି ବାର୍ଷିକ ଆୟ ୫୯.୫ଲକ୍ଷ ହୋଇଥିବା ବେଳେ ପଞ୍ଜାବର ୧୩ ସାଂସଙ୍କର ୫୧.୪ଲକ୍ଷ, ହରିୟାଣାର ୧୦ ସାଂସଦ(୪୨.୬ଲକ୍ଷ), ଝାଡଖଣ୍ଡର ୧୪ ସାଂସଦ(୩୯.୦୭ଲକ୍ଷ), ଆସାମର ୧୩ ସାଂସଦ (୩୨.୭ଲକ୍ଷ), ଉତ୍ତରପ୍ରଦେଶର ୭୨ ସାଂସଦ(୩୨.୦୩ଲକ୍ଷ), ରାଜସ୍ଥାନର ୨୦ ସାଂସଦ (୩୦.୭ଲକ୍ଷ) ଏବଂ ତେଲେଙ୍ଗାନାର ୧୪ ସାଂସଦ (୩୦.୬ଲକ୍ଷ)। ତେବେ ବ୍ୟକ୍ତିଗତ ଆୟ ଘୋଷଣା କରି ନ ଥିବା ୪୨ ସାଂସଦଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଗୋଆର ଦୁଇ ସାଂସଦଙ୍କ ହାରାହାରି ବ୍ୟକ୍ତିଗତ ଆୟ ସର୍ବନିମ୍ନ ୫.୨ଲକ୍ଷ ହୋଇଥିବାବେଳେ ବ୍ୟବସାୟ ବୃତ୍ତି ଥିବା ୯୮ ସାଂସଦଙ୍କ ହାରାହାରି ଆୟ ୪୩.୬କୋଟି ଥିବା ଜଣାଯାଇଛି।

## ■ ଗାନ୍ଧୀ ପରିବାରକୁ ପ୍ରଥମ ପରିବାର ଦାବି କଲା କଂଗ୍ରେସ

# ‘ରାହୁଲ ହେବେ ପ୍ରଧାନମନ୍ତ୍ରୀ’

**ନୂଆଦିଲ୍ଲୀ,୩୦।୩(ପି.ଟି.)**



ଗାନ୍ଧୀ ପରିବାର ଦେଶର ପ୍ରଥମ ପରିବାର ଏବଂ ଦେଶ ସେମାନଙ୍କ ନିକଟରେ କୃତଜ୍ଞ ରହିବା ଉଚିତ ବୋଲି କଂଗ୍ରେସ ନେତା ପି.ସି. ଚାକୋ ମନ୍ତବ୍ୟ ଦେଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ଭାରତର ପ୍ରଥମ ପରିବାର ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନକାରାତ୍ମକ ମନୋଭାବ ରହିଛି। ପ୍ରଧାନମନ୍ତ୍ରୀ ମହାକାଶରେ ଭାରତର ସଫଳତା କଥା କହୁଛନ୍ତି। ବାସ୍ତବରେ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଯୋଜନା ଏବଂ ନେତୃତ୍ୱ ଯୋଗୁ ଭାରତ ଆଜି ଏଭଳି ସ୍ଥାନରେ ପହଞ୍ଚିପାରିଛି ବୋଲି ଚାକୋ କହିଥିଲେ। ମୋଦି ଭାରତର ଇତିହାସ ସମ୍ପର୍କରେ ସଚେତନ ନାହାନ୍ତି। ଦେଶ ସ୍ୱାଧୀନ ବେଳର ଅବସ୍ଥା କ’ଣ ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସବୁଜ ବିପ୍ଳବ, ଶ୍ୱେତ ବିପ୍ଳବ ଆଦି ମାଧ୍ୟମରେ ଭାରତ ଆତ୍ମନିର୍ଭରଶୀଳ ହୋଇଛି। ସେଗୁଡିକ ନେହେରୁଙ୍କ ସମୟରେ ହୋଇଥିଲା। ନେହେରୁ ଏବଂ ଗାନ୍ଧୀ ପରିବାରର ଅବଦାନକୁ ଭୁଲି ହେବନି ବୋଲି କଂଗ୍ରେସ ନେତା କହିଛନ୍ତି।

ଗାନ୍ଧୀ-ଭଦ୍ରା ବଂଶବାଦକୁ ନେଇ ପ୍ରଧାନମନ୍ତ୍ରୀ ସମାଲୋଚନା କରୁଥିବାରୁ ଏହାର ଜବାବରେ ଚାକୋ ଉପରୋକ୍ତ ମତ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଶୁକ୍ରବାର ଏକ ସାକ୍ଷାତ୍‌କାରରେ ଗାନ୍ଧୀ ପରିବାରକୁ ସମାଲୋଚନା କରି ସେମାନେ ନିଜକୁ ରାଜା ମହାରାଜା ଭାବୁଛନ୍ତି ବୋଲି କହିଥିଲେ। ଏହି ଦଳକୁ ଅନେକ ନୋଟିସ ହୋଇଛି। ନ୍ୟାଶନାଲ ହେରାଲ୍ଡ ମାମଲାରେ ବାରମ୍ବାର ନୋଟିସ ସତ୍ତ୍ୱେ ସେମାନେ ଉତ୍ତର ନ ଦେବାରୁ କୋର୍ଟକୁ ଯିବାକୁ ପଡିଲା ବୋଲି ମୋଦି କହିଥିଲେ। ଏହାର ଜବାବରେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ତାଙ୍କ ପରିବାର କେବେ ନିଜକୁ ରାଜା ମହାରାଜା ଭାବିନାହିଁ। ଗାନ୍ଧୀ ପରିବାର ରାଜା-ମହାରାଜାଙ୍କ ବିରୋଧରେ କାର୍ଯ୍ୟ କରିଥିଲା ବୋଲି ସେ କହିଛନ୍ତି।

# ସିଆର୍‌ପିଏଫ୍ ଗାଡ଼ି ନିକଟରେ ବିସ୍ଫୋରଣ



ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ କାର୍‌ଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି।

**ବାନିହାଲ/ଜମ୍ମୁ,୩୦।୩(ପି.ଟି.)**

ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଶନିବାର ସକାଳେ ଏକ କାରରେ ବିସ୍ଫୋରଣ ହେବାରୁ ସିଆର୍‌ପିଏଫ୍ ଯବାନଙ୍କୁ ନେଇ ଯାଉଥିବା ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। କାରରେ ଥିବା ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଯିବାରୁ ଏହି ବିସ୍ଫୋରଣ ହୋଇଥିଲା। ରାମ୍‌ବନ ଜିଲାର ଜବାହର ଟନେଲ ନିକଟରେ ହୋଇଥିବା ଏହି ବିସ୍ଫୋରଣରେ କେହି ମୃତାହତ ହୋଇନାହାନ୍ତି। କାରଟି ସମ୍ପୂର୍ଣ୍ଣ ଜଳିଯାଇଛି। କାର ନିକଟରୁ କୌଣସି ବିସ୍ଫୋରକ ସାମଗ୍ରୀ ମିଳିନାହିଁ। ତେବେ ଏହା ଆତଙ୍କବାଦୀଙ୍କ କାର୍ଯ୍ୟ କି ନୁହେଁ ତାହା ସ୍ପଷ୍ଟ ହୋଇନାହିଁ। ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ତାଙ୍କ ପରିଚୟକୁ ନେଇ ପ୍ରଶ୍ନ ଉଠିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏହା ଫେବୃୟାରୀ ୧୪ ପୁଲ୍‌ୱାମା ଆକ୍ରମଣକୁ ମନେପକାଇଦେଇଥିବାରୁ ଆତଙ୍କ ଖେଳିଯାଇଥିଲା। ପୁଲୱାମାରେ ସିଆର୍‌ପିଏଫ୍‌ର ଏକ ବସ୍‌କୁ ବିସ୍ଫୋରକ ଭର୍ତ୍ତି କାର ଧକ୍କା ଦେବା ଫଳରେ ୪୯ ଯବାନ ଶହୀଦ ହୋଇଥିଲେ।

## ବଲିଭିଆକୁ ୧୦ କୋଟି ଡଲାର ଋଣ ଦେବ ଭାରତ

**ସୁସ୍ରେ,୩୦।୩(ପି.ଟି.)**

ବଲିଭିଆକୁ ଭାରତ ୧୦ କୋଟି ଡଲାର ଋଣ ଯୋଗାଇଦେବ। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଗସ୍ତ ଅବସରରେ ଭାରତ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଛି। ବଲିଭିଆ ପ୍ରତିପକ୍ଷ ଇଭୋ ମୋରାଲେସ୍‌ଙ୍କ ସହ ରାଷ୍ଟ୍ରପତି କୋବିନ୍ଦଙ୍କ ଦ୍ୱିପାକ୍ଷିକ ଆଲୋଚନା ଫଳପ୍ରଦ ହୋଇଥିବା ଜଣାପଡିଛି। ଏହି ଅବସରରେ ସଂସ୍କୃତି, କୂଟନୀତିଜ୍ଞଙ୍କ ପାଇଁ ଭିଜା ଉଚ୍ଛେଦ ବ୍ୟବସ୍ଥା, କୂଟନୈତିକ ଏକାଡେମୀ ମଧ୍ୟରେ ତଥ୍ୟ ଆଦାନପ୍ରଦାନ, ଖଣି, ପାରମ୍ପରିକ ଔଷଧ,ଆଇଟିରେ ଉତ୍କର୍ଷ କେନ୍ଦ୍ର ସ୍ଥାପନ ଏବଂ ବାଇ-ଓସେନିକ ରେଲୱେ ପ୍ରକଳ୍ପ ସ୍ଥାପନ ନେଇ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଔଷଧ ଓ ସ୍ୱାସ୍ଥ୍ୟସେବା, ଅଟୋମୋବାଇଲ ଓ ଇଞ୍ଜିନିୟରିଂ ଆଦି ବ୍ୟବସାୟକୁ ସମ୍ପ୍ରସାରିତ କରିବା ଲାଗି ଦୁଇ ଦେଶ ରାଜି ହୋଇଛନ୍ତି। ୩ ଦିନିଆ ଗସ୍ତରେ ରାଷ୍ଟ୍ରପତି ସେଠାକୁ ଯାଇଛନ୍ତି। କୂଟନୈତିକ ସମ୍ପର୍କ ସ୍ଥାପନ ପରେ ଦକ୍ଷିଣ ଆମେରିକୀୟ ରାଷ୍ଟ୍ରକୁ ଭାରତର ଏହା ପ୍ରଥମ ଉଚ୍ଚସ୍ତରୀୟ ଗସ୍ତ। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ଅର୍ଥନୀତି, ମହାକାଶ ଏବଂ ଆଇଟି ଆଦି ଦ୍ୱିପାକ୍ଷିକ ପ୍ରସଙ୍ଗ ଆଲୋଚନା ହୋଇଛି।





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୦ | ୨୨.୫ |
| ଚାନ୍ଦବାଲି | ୩୮.୨ | ୨୫.୦ |
| କଟକ | ୪୦.୧ | ୨୩.୪ |
| ପାରାଦ୍ୱୀପ | ୩୧.୮ | ୨୬.୬ |
| ଭୁବନେଶ୍ୱର | ୩୮.୩ | ୨୪.୮ |
| ଗୋପାଳପୁର | ୩୨.୦ | ୨୪.୮ |
| ପୁରୀ | ୩୩.୬ | ୨୭.୨ |
| ଅନୁଗୋଳ | ୪୦.୭ | ୧୯.୦ |
| ବାରିପଦା | ୩୭.୪ | ୨୪.୦ |
| ଝାରସୁଗୁଡ଼ା | ୪୦.୦ | ୨୧.୦ |
| କେନ୍ଦୁଝର | ୩୬.୮ | ୧୯.୮ |
| ସମ୍ବଲପୁର | ୩୯.୪ | ୨୦.୦ |
| ସୁନ୍ଦରଗଡ଼ | ୩୭.୦ | ୧୯.୫ |
| ହୀରାକୁଦ | ୩୮.୫ | ୨୦.୬ |
| ତାଲଚେର | ୩୮.୫ | ୨୧.୮ |
| ଭବାନୀପାଟଣା | --- | ୨୨.୦ |
| ବଲାଙ୍ଗୀର | ୩୯.୬ | ୨୨.୬ |
| କୋରାପୁଟ | ୩୬.୦ | ୧୯.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୧.୫ | ୨୨.୦ |
| ମାଲକାନଗିରି | ୪୨.୬ | ୨୧.୨ |
| ସୋନପୁର | ୪୦.୬ | ୧୯.୨ |
| ଦାରିଙ୍ଗିବାଡ଼ି | ୩୬.୦ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

## [ଇତିହାସର ଆଇନାରେ]

### ମାର୍ଚ୍ଚର ୩୧ରେ ପ୍ରମୁଖ ଘଟଣା

### ଫେଡେରେଶନ୍ ଟ୍ରିଟି ସ୍ୱାକ୍ଷର

୧୯୯୨ ମାର୍ଚ୍ଚ ୩୧ରେ ମସ୍କୋରେ ଫେଡେରେଶନ୍‌ଟ୍ରିଟି ସ୍ୱାକ୍ଷରିତ ହୋଇଥିଲା। ରୁଷିଆ ସରକାର ଏବଂ ୨୦ଟି ସ୍ୱୟଂଶାସିତ ସାଧାରଣତନ୍ତ୍ର ମଧ୍ୟରୁ ୧୮ଟି ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଜାତିଧର୍ମ ଆଧାରରେ ପୃଥକ୍ ରାଷ୍ଟ୍ର ଗଠନ ଆନ୍ଦୋଳନରୁ ନିବୃତ୍ତ କରିବା ଏହି ଚୁକ୍ତିର ଉଦ୍ଦେଶ୍ୟ ଥିଲା। ସ୍ୱୟଂଶାସିତ ଅଞ୍ଚଳଗୁଡିକ ରୁଷିଆର ଅଂଶ ହୋଇ ରହିବାକୁ ଚାହିଁଥିଲାବେଳେ ଚେଚ୍‌ନିଆ ଏବଂ ତାତାରସ୍ତାନ ଚୁକ୍ତିରେ ସ୍ୱାକ୍ଷର କରିବାକୁ ମନା କରିଦେଇଥିଲେ।

### ମାନାଗୁଆରେ ଭୂକମ୍ପ

୧୯୩୧ ମାର୍ଚ୍ଚ ୩୧ରେ ନିକାରାଗୁଆର ରାଜଧାନୀ ମାନାଗୁଆରେ ଭୂମିକମ୍ପ ଯୋଗୁ ୨,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା ବେଳେ ଧ୍ୱଂସଲୀଳା ସୃଷ୍ଟି ହୋଇଥିଲା। ଭୂମିକମ୍ପର ମାତ୍ରା ଥିଲା ୬.୧। ଏଥିଯୋଗୁ ଅଗ୍ନିକାଣ୍ଡ ସୃଷ୍ଟିହୋଇ ହଜାର ହଜାର ଘର ପୋଡ଼ିଯିବା ସହିତ ୪୫,୦୦୦ ଲୋକ ବାସହରା ହୋଇଥିଲେ।

# ମ୍ୟୁନିକ୍‌ରେ ଭାରତୀୟଙ୍କୁ ଛୁରିଭୁସି ହତ୍ୟା

**ନୂଆଦିଲ୍ଲୀ,୩୦।୩(ପି.ଟି.)**


ଜର୍ମାନୀର ମ୍ୟୁନିକ୍ ନିକଟରେ ଜଣେ ଭାରତୀୟଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ତାଙ୍କ ସ୍ତ୍ରୀ ମଧ୍ୟ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ କହିଛନ୍ତି। ଭାରତୀୟ ଦମ୍ପତି ପ୍ରଶାନ୍ତ ଓ ସ୍ମିତା ବସାରୁରଙ୍କୁ ଜଣେ ପ୍ରବାସୀ ଛୁରିରେ ଆକ୍ରମଣ କରିଥିଲା। ପ୍ରଶାନ୍ତଙ୍କ ଭାଇଙ୍କୁ ଜର୍ମାନୀ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି। ସୁଷମା ଉକ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସେମାନଙ୍କ ଦୁଇ ପିଲାଙ୍କ ଯତ୍ନ ନେବା ପାଇଁ ମ୍ୟୁନିକ୍‌ରେ ଥିବା ଭାରତୀୟ ମିଶନକୁ ସେ ଜଣାଇଛନ୍ତି।

# ଅଣୁଅସ୍ତ୍ର ହସ୍ତାନ୍ତର ଲାଗି କିମ୍‌ଙ୍କୁ କହିଥିଲେ ଟ୍ରମ୍ପ

**ୱାଶିଂଟନ,୩୦।୩**



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଉତ୍ତର କୋରିଆ ନେତା କିମ୍ ଜଙ୍ଗ-ଉନ୍‌ଙ୍କ ମଧ୍ୟରେ ଫେବୃୟାରୀ ୨୮ରେ ହାନୋଇଠାରେ ଅନୁଷ୍ଠିତ ଆଲୋଚନା ବିଫଳ ହୋଇଥିଲା। ତେବେ ଏହି ବୈଠକରେ ଟ୍ରମ୍ପ ଦେଇଥିବା ପ୍ରସ୍ତାବ ପଦାକୁ ଆସିଛି। ଉତ୍ତର କୋରିଆ ଏହାର ଅଣୁଅସ୍ତ୍ର ଏବଂ ବୋମା ପ୍ରସ୍ତୁତି ପାଇଁ ଥିବା ଇନ୍ଧନକୁ ଆମେରିକାକୁ ହସ୍ତାନ୍ତର କରୁ ବୋଲି ଟ୍ରମ୍ପ କିମ୍‌ଙ୍କୁ ଲିଖିତ ଭାବେ ଜଣାଇଥିଲେ। ଟ୍ରମ୍ପ ଦେଇଥିବା ଏହି ଚିଠା ଏବେ ଗଣମାଧ୍ୟମ ହାତରେ ପଡିଛି। ହାନୋଇର ମେଟ୍ରୋପୋଲ ହୋଟେଲରେ ଆଲୋଚନା ବେଳେ ଆମେରିକା ରାଷ୍ଟ୍ରପତି ଉତ୍ତର କୋରିଆ ନେତାଙ୍କୁ ଉଭୟ କୋରୀୟ ଏବଂ ଇଂଲିଶ୍‌ରେ ଲିଖିତ ଏକ ଚିଠା ଧରାଇଥିଲେ। ଆମେରିକା କ’ଣ ଚାହୁଁଛି ତାହା ଉକ୍ତ ଚିଠାରେ ଲେଖାଥିଲା ବୋଲି ଆଲୋଚନା ସହ ସମ୍ପୃକ୍ତ ଜନୈକ ବ୍ୟକ୍ତି ସୂଚନା ଦେଇଛନ୍ତି। ଏହା ପରେ ଆଲୋଚନା ବାତିଲ ହୋଇଯାଇଥିଲା।




## BRIDE WANTED

Wanted a beautiful homely bride for a handsome M.Tech (32 years) of Madhu Vaisya caste, only son of a Chief Engineer, settled in Bhubaneswar. Mob: 9437115731. D-11825

Widower groom JE 43, Manager 38, Business 40 (caste-no-bar). 7873374269. D-66419

Hindu divorcee Teli/ 39 yrs/ 5'6"/ BTech/ Rs.- 20 lakhs PA seeks beautiful educated bride. Caste-no -bar. Mob: 9900176521. D-11892

Wanted beautiful educated Odia Homely Brahmin bride for our son aged 32, 5'9", MCA Software Developer, Bhubaneswar. Mobile. 9658250177, 8847882970. D-11886

Wanted Brahmin homely bride for 1980 born 5'9", Diploma Engineer Brahmin boy. Contact: 8917628852, 6370737397. D-66115

## GROOM WANTED

Beautiful Mali girl 1992/ 5'5", MA, M.Phil, PhD. 9777344118, 9337336614. D-66116

Hindu, Gudia, 28/5'2", (Ph.D) serving as a Research Officer, fair beautiful girl searching for a suitable groom preferably OAS, Doctor, Lecturer, SBI PO/ similar type from same caste. Phone No.: 7749895427. D-65867

Awaiting high profile employed Brahmin groom with parental establishment in Bhubaneswar/ Cuttack for aspirant well qualified fairly beautiful 34+ bride. Contact: 9437391615. D-11898

Now Matrimonial ads. only on Wednesday & Sunday Book 1 Get 1 FREE

## automobile

## SALE

2 Nos. 10 wheelers HYWA model 2018-19 with running condition, bank loan available. Contact: 9938812818. D-56639

Eicher Tractor- 380, 333, Indica Vista, Mahindra Alfa Dala Auto, Bolero. 9437619903. D-66315

Bullet 350 CC, B2 Engine, Customised, one piece in India. 06370180060. D-66209

## real estate

## SALE

Fully developed ready for construction gated community gharabari boundary wall plot sale in Uttara close to blacktop road. 9238902929, 7992736330. D-66312

Bhubaneswar AIIMS front Govt. roadକୁଲାଗି gharabari yellowzone plot ବିକ୍ରିହେବ: 9439206202. D-66308

Morningsun residency simplex near Hanspal 32,00,000/- Handover within 1 month. 8908015464, 9853347909. D-65399

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Book premium 3BHK/ 4BHK duplex at Gudiapokhari, Uttara. Bank loan available pay EMI after take possession. 7537874306. D-66049

Bhubaneswar Patia ଅଞ୍ଚଳରେ litigation free ଘରବାଡ଼ି, boundary, electri ସୁବିଧାଥାଇ plot କିଣି ଘର କରନ୍ତୁ (other site available). 7008524523, 9439489460. D-65400

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66056

3BHK flat at prime location of Ashok Nagar, Bhubaneswar, sound parties. Contact: 9861122710, 7008695474. D-65623

**Bhubaneswar AIIMS Hospitalଠାରେ yellowz-one gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

36000 sqft. IDCO plot for sale near KIIT College, Patia suitable for school, college, medical, guest house, wire house etc. Cost- 1500/- sqft. negotiable. 7008371750. D-11819

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-11578

Bhubaneswar ପିତାପଲ୍ଲି ଛକରେ BDA plot electric, 30'road available. 9090963952. D-65389

Book 4BHK flat with 3 toilet near AIIMS Square 150 mtr. Aiginia Overbridge. 7978584549. D-66057

sLand available for farm house near Mancheswar Rajadhani Engineering College, just 3.5 km. from Hi-Tech Chhak, Bhubaneswar. 9040686695. D-62172

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66304

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର Infosys-2 ପଛପଟେ boundarywall ସହିତ sqft.- 600/-. 8658962508, 8480864171. D-66302

Booking 2BHK simplex Tankapani road Sai Temple 20,50,000/- gharabari plots Jharapada, Badagada, Canal road: 7735738102. D-11820

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5km. ବାସୋପଯୋଗୀ plot 1200 sqft. 4,80,000/- immediate registration/ possession. 9937032327, 9583328312. D-66303

Centering sale. Contact: 9937853999. D-64953

Patia KIIT ଜଗନ୍ନାଥ ମନ୍ଦିରଠାରେ residential plot 30'road, electricity ପାଚେରିସହ 1150/-. 8658935829. D-65392

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact 9937059891, 9348253463, 8908292617.** D-11883

Plot for sale at Puri, near Lokanath Mandir back side, Mouza, Sankarpur, sthitiban, pata plot, 30' wide revenue road, 20' branch road, 1.5 km. from Jagannath Temple, 1 km. from Sea Beach, 1km. from N.H. Contact Pradeep: 9438422888. D-66055

**Residential plot sale at Bhubaneswar Dadhichi College @ 4,50,000/- Nakhara DPS- 15,00,000/-, Satyabhampur (Rangabazar) 12,50,000/-, Jharapada- 31,00,000/-, Balianta- 9,00,000/-, Pahala- 19,50,000/-. Contact Sujata: 06371082405.** D-66314

1200 sqft. yellow zone gharabari plot near Royal Lagoon, Raghunathpur 30' wide black top road. Cost- 3000/- sqft. 7008371750. D-11818

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 9348253463, 8908292617.** D-11882

ଭୁବନେଶ୍ୱର Tamando Kendriya Vihar Colony ନିକଟରେ yellowzone 30' road plot. 9348767829. D-66310

Bhubaneswar prime location gharabari plots re-sale ready to move Puri by-pass Jharapada, Patia, Hanspalରେ available. 7077402141. D-11871

Kalingavihar 1250/-, CV Raman College 600/-, Xavier University 140/-. 9337381796. D-56638

Bhubaneswar ଉପକଣ୍ଠ ହଂସପାଳ locality 16,20,000/- ମୂଲ୍ୟରେ ଘରବାରି plot କିଣନ୍ତୁ। 9439487505. D-11839

**1414 sqft. flat for sale Ratna Castle, 105 1st floor New Forestpark, BBSR. Contact: 9938363698.** D-36460

Bhubaneswar KIIT Jagannath Temple ପାଖରେ ଘରବାରି plot boundary, electricity ସୁବିଧା ଥାଇ sameday registration କରାଯାଉଛି। 9078156134. D-11840

Gharabari plots with boundary for sale at Phulnakhara, Pahal, Hanspal, Atala, Balianta. Finance available. Contact: 9938720763, 7992781448. D-11890

Sthitiban 32'X28' plot for sale at Sasan Padia Old Town Bhubaneswar. 9937950024. D-62173

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-11895

3BHK 1612 sqft. flat 3rd floor, Bijayavihar, Nuagaon Chhak, Bhubaneswar. Contact: 8917296260, 9861102937. D-58067

Ready to move apartment Jaydev Vihar, duplex Rangabazar, plot Pandara, Bhubaneswar. 6371040313, 7978321918. D-59854

## PURCHASE

Required 50 to 200 acres of agriculture low cost land at Ganjam and Nayagarh. Contact: 7990065093, 7978585396. D-66051

## construction

Construct your building @ 1100/- with all branded materials, delivery in time. 1 year service free. 7327043914. D-66050

**Built your resudential & commercial project with best quality material @ 1349/- Onwards with 20 years experienced technical team. We provide architecture, structural & BDA Plan approval. SMPL Infratech: 9040008777.** D-11884

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388

German Shepherd Pups for sale. Contact: 9096245306. D-66311

Xerox machine Samsung SCX- 4100, Rs.- 23000/-, projector Braun Paxilux- 285, Rs.- 20,000/-. 07381773870. D-66208

## to-let

3BHK marbled flat at Unit-8, Soubhagya Nagar, Main road. Contact: 9000001508. D-64952

300 sqft. shop at 1st floor Deendayal Bhawan, Ashok Nagar, Bhubaneswar. Contact: 9861122710, 7008695474. D-65624

Single room (20'X15') at Jharapada for office/ bachelors. Contact: 9668644665. D-11857

Open space available at Pahal near Utkal Signature (Audi Showroom) 15000 sqft. and 25000 sqft. Contact: 9338401309, 9853916309. D-62171

**First floor 3bed, dining, drawing, kitchen, parkings, Rs. 14000/- for lease office, guest house near Cuttack road. 8847882402, 8763862809.** D-11779

2BHK at Aerodrome area Pallaspally, Bhubaneswar for residence. 9437082192, 9437119146. D-65626

2 BHK flat in Gokul Plaza, Bomikhal, Bhubaneswar available for rental (Office) purpose. Contact: 7749841532. D-59291

Three rooms, dining kitchen, veranda near GGP Colony, Rasulgarh. 8270894870. D-11869

First floor 1400 sqft. commercial space at 12th Lane, Bapuji Nagar, Bhubaneswar for rent. Contact: 9861082582. D-66058

**Sahid Nagar, Bhubaneswar, 1200 & 1800 sqft. office space in prime location. 8598923231.** D-66054

House at Nayapalli near DAV/ Stewart School for family. 9438490107. D-65866

**1800 sqft. office space in ICICI Bank commercial complex on Vivekanand Marg Road, Bhubaneswar. 8598923231.** D-66053

2000+2000 sqft. commercial property at Jagatpur Cuttack available on rent for godown/ small industry at reasonable price. Contact: 8249357618, 9658647848. D-11842

Home stay at Puri avail paying guest facility having Aadhaar Card with your family to stay at Puri. Contact: 7008041140. D-11891

2BHK flat for rent in Reeta Valley near Krupajal College, Gudiapokhari, BBSR. Contact: 7978097047. D-52891

Store/ godown/ office space available at Satyavihar, Pandara. 9437355156, 6372476583. D-65902

260 sqft. shop at NH-16, Rasulgarh, Bhubaneswar. Phone: 9861031002, 8480830749. D-11900

Office spaces for rent: 1.625 sqft. (X2 units, 2nd floor) in Basudha trade centre, Master Canteen, 2.1240 sqft. (6th floor) in Esplanade Mall, Rasulgarh, 3.1225 sqft. (2nd floor) in DLF Cybercity, Patia. Contact: 9437020530. Email: auro.akc@gmail.com. D-66062

## healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Herbal full body massage by smart/ expert therapist. Contact: 8338067247. D-66040

Herbal full body massage with refreshment by well trained therapist. 7381239385, 06742540855. D-66038

Experience full body massage with us by experts. Enquiry. 06742597822, 7377048581. D-66039

Newly opening ayurvedic body massage smart therapist, Shree herbal. 7750020754. D-66041

Improving your health, skin care through expert therapist, excellent offer. 9668374480. D-66042

Physiotherapy, full body massage by trained ladies/ gents therapist: 7008773793. D-66418

Ayurvedic full body massage ladies/ gents experts therapist. 8338097451. D-65867

Sampark ayurvedic massage club fully relaxed by smart lady, home service available. 8280102993. D-65868

## education

ଘରେରହି Distance course କରିପାରିବେ। BAMS, BHMS, BUMS, D.Pharma, Nursing, B.Tech, MBA, MCA, B.Ed, D.Ed, M.Ed, BA, B.Com, B.Sc, MA. Call: 9893869473. D-66061

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୩୧୫/– (ଫଟୋ ସହ) ଏବଂ ଟ୨୧୦/– (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

By virtue of an affidavit sworn before the Notary Public, Rourkela, Dtd.- 30.3.19. I Awadh Prasad Sahoo, S/o- Late Badri Sahoo, R/o- H.No.- F/L-210, Basanti Nagar, Rourkela, Dist.- Sundargarh (Khata No.- 75, Plot No.- 66) for the extent of 1200 sft. That the said original ROR has been kept in Odisha State Housing Board. That the full details of property Vill- Basanti Nagar, Rourkela, P.S.- Uditnagar, Dist.- Sundargarh (Khata No.- 75, Plot No.- 66), Area-1200 sft. I swearing this affidavit to produce before S.B.I A.D.B, Branch Code- 07163 (Kalunga) for sanction of Loan. D-11918

By virtue of an affidavit before Notary Public, Kantabanji bearing No.- 376 on 28.03.2019 my name is recorded in my Educational Certificate as "Ritubai Jain", D/o- Bijay Kumar Jain but in my Aadhaar Card bearing No.- 2408 8935 0149 mentioned as Ritu Jain, D/o- Bijaya Jain in Voter Identity Card bearing No.- SID0508531 my name mentioned as Ritu Jain, W/o- Sunil Jain and in PAN Card my name is mentioned as "Ritu Jain, D/o- Bijay Kumar Jain" whereas Ritubai Jain and Ritu Jain is one and same and I known as Ritu Jain, W/o- Sunil Jain for all purposes. Sd/- Ritu Jain. D-11917

ମୁଁ ଶୁକଦେଇ, ସ୍ୱା– ସ୍ୱର୍ଗତ ଭୁବନେଶ୍ୱର ପ୍ରଧାନ, ଗ୍ରା/ପୋ– ଗୋଳାପୋରୀ, ବ୍ରଜରାଜପୁର, ଥାନା– ରଣପୁର, ଜି– ନୟାଗଡ଼, ସତ୍ୟପାଠ କରି ତା ୨୫।୦୩।୨୦୧୯ରିଖ ପୂର୍ବନାମ ସୁକଦେଇକୁ ବଦଳାଇ ଆଜିଠାରୁ ସୁକୁମାରୀ ଦେଇ ନାମରେ ପରିଚିତ ହେଲି। ଧ–୧୧୯୧୬

## ସରକାରି ଚାକିରରୁ ଅବସର



**ଡଃ ପ୍ରଦୀପ କୁମାର ଦାସ**

ଜନ୍ମ: ୧୯୫୯

ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକର ଚଣାହାଟ ଗ୍ରାମରେ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ଦାସ ଓ ସୁନ୍ଦରମଣୀ ଦାସଙ୍କ ସୁପୁତ୍ର। ସେ ଗାଁ ସ୍କୁଲରୁ ଅଧ୍ୟୟନ ଆରମ୍ଭ କରି ଉତ୍କଳ ବିଶ୍ୱବିଦ୍ୟାଳୟରେ ଏମ୍.ଏ., ଏମ୍.ଫିଲ୍. ଡିଗ୍ରୀ ଓ ପିଏଚ୍.ଡି ଉପାଧି ହାସଲ କରିଥିଲେ। ସେ ସରକାରୀ ଅଧ୍ୟାପକ ଭାବରେ କାର୍ଯ୍ୟ ଆରମ୍ଭ କରି ସରକାରଙ୍କ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରରେ ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟକରି ଆଜି ମାର୍ଚ୍ଚ ୩୧ ତାରିଖରେ ଅବସର ଗ୍ରହଣ କରୁଛନ୍ତି। ତାଙ୍କ ଜୀବନରେ ସେ ଜଣେ ପ୍ରବୀଣ ଅଧ୍ୟାପକ, ସୁଲେଖକ, ସୁବକ୍ତା ତଥା ମଞ୍ଚ ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ଭାବରେ ପରିଚିତ ଥିଲେ। ଶ୍ରୀ ଦାସଙ୍କୁ ଶିକ୍ଷା ନିର୍ଦ୍ଦେଶାଳୟର ସାଂସ୍କୃତିକ ସଂସଦ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଧ–୧୧୯୨୦

## ଜନ୍ମଦିନର ଶୁଭେଚ୍ଛା



**ଆଦ୍ୟାଶା ପ୍ରିୟଦର୍ଶିନୀ**

୧ବର୍ଷ, ଜନ୍ମତାରିଖ: ୩୧।୦୩।୨୦୧୮

ଗ୍ରା: ଡିହକଣ୍ଡି, ଜେନାପୁର (ଯାଜପୁର)

ଆଜି ତୋର ପ୍ରଥମ ଜନ୍ମବାର୍ଷିକ ଶୁଭ ଅବସରରେ ସକଳ ସୁଖ, ସମୃଦ୍ଧି ମଙ୍ଗଳ ଯଶସ୍ୱୀ ପାଇଁ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ବାପା, ମା, ଜେଜେବାପା, ଜେଜେମା, ମାମୁ, ମାଇଁ, ଅଜା, ଆଇ, ବବି। ଧ-୧୧୯୧୫

## ୧୬ତମ ଜନ୍ମବାର୍ଷିକ ଶୁଭେଚ୍ଛା



(ଶୋନମ୍)

**ଶୋନମ୍ ଦାସ**

ଚୁଡ଼ଙ୍ଗ ସାହି, ପୁରୀ

ତୁମର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛି। ତୁମେ ଆଗାମୀ ଦିନ ଗୁଡିକରେ ତୁମର ଲକ୍ଷ୍ୟରେ ପହଞ୍ଚିପାର। ବାପା, ମାମା, ଦିଦି, ଗାଗୁଲୁ ଓ ପରିବାରବର୍ଗ। ଧ-୬୩୭୭୦

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା କମଳାମଣୀ ଦେବୀ**

ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ

ଚାହୁଁ ଚାହୁଁ ବର୍ଷପରେ ବର୍ଷ ବିତିଗଲା ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରି ଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ–୫୯୮୫୫

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ପ୍ରଭାବତୀ ନାୟକ**

8-1C-14, Sec-8, CDA, Cuttack

ଆବିର୍ଭାବ: ୦୫।୦୧।୧୯୩୫

ତିରୋଧାନ: ୨୨।୦୩।୨୦୧୯

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ, କନ୍ୟା, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀଜ୍ୱାଇଁ, ନାତୁଣୀବୋହୂ, ଅଣନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ–୬୫୮୬୯

## ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଇନ୍ଦୁମତୀ ଆଚାର୍ଯ୍ୟ**

ଆବିର୍ଭାବ: ୧୫।୦୨।୧୯୩୦

ତିରୋଧାନ: ୨୦।୦୩।୨୦୧୯

ଅଲାରପୁର, ବାଲିଅନ୍ତା, ଖୋର୍ଦ୍ଧା

ତୁମ ସ୍ନେହ, ସଦିଚ୍ଛା ଓ କଲ୍ୟାଣପଦ ମନୋଭାବ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ– ଶ୍ରୀ ବାଇଧର ଆଚାର୍ଯ୍ୟ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନଗଣ। ଧ–୧୧୮୭୮

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ବିଭୂଦତ୍ତ ମହାନ୍ତି (ଶିକୁନି)**

ଆବିର୍ଭାବ: ୦୮।୦୯।୧୯୮୯

ତିରୋଧାନ: ୨୧।୦୩।୨୦୧୯

ସମିଲ ଲେନ, ଗୁଣ୍ଡିଚା ବିହାର, ପୁରୀ

ବନ୍ଧୁ ଓ ପରିବାରବର୍ଗ। ଧ–୬୩୭୬୯

## ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଜୟକୃଷ୍ଣ ତ୍ରିପାଠୀ**

କାବିଲପୁର, ପାଟକୁରା, କେନ୍ଦ୍ରାପଡ଼ା

ଆବିର୍ଭାବ: ୧୩।୦୬।୧୯୫୬

ତିରୋଧାନ: ୨୦।୦୩।୨୦୧୯

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା। ପୁଅ– ପ୍ରଶାନ୍ତ କୁମାର ତ୍ରିପାଠୀ, ପୁତ୍ରବଧୂ– ମନୋରମା ତ୍ରିପାଠୀ, ନାତୁଣୀ– ଡୋନ, ନାତି– ମୁନା ଓ ପରିବାରବର୍ଗ, ଆତ୍ମୀୟସ୍ୱଜନ। ଧ–୧୧୯୧୯

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

## ସଂକ୍ଷେପରେ

### ରବିବାର ଖୋଲା ରହିବ ଆୟକର, ଜିଏସ୍‌ଟି ଅଫିସ

ନୂଆଦିଲ୍ଲୀ,୩୦-୩: ଚଳିତ ଆର୍ଥିକ ବର୍ଷର ଶେଷ ଦିନ ରବିବାର ପଡୁଥିବାରୁ ବ୍ୟାଙ୍କ ସହିତ ଆୟକର ଓ ଜିଏସ୍‌ଟି ଅଫିସ ଖୋଲାରହିବ ବୋଲି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ହାସଲ ପାଇଁ ଚେଷ୍ଟିତ ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ ଆଣ୍ଡ କଷ୍ଟମ୍ସ (ସିବିଆଇସି) ପକ୍ଷରୁ ଏ ସଂକ୍ରାନ୍ତରେ ଆୟକର ଓ ଜିଏସ୍‌ଟି ବିଭାଗକୁ ଜଣାଇ ଦିଆଯାଇଛି। ସିବିଆଇସି ପକ୍ଷରୁ ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକୁ ଏଥି-ନେଇ ଏକ ସର୍କୁଲାର ଜାରି କରାଯାଇଛି। ସେହିପରି ସିବିଡିଟି ପକ୍ଷରୁ ଏକ ସର୍କୁଲାର ଜାରି କରି ଆୟକରଦାତାଙ୍କୁ ରିଟର୍ନ ଦାଖଲରେ ସୁବିଧା ପ୍ରଦାନ ପାଇଁ ବିଭାଗ ପକ୍ଷରୁ ରବିବାର ଅତିରିକ୍ତ କାଉଣ୍ଟର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଜଣାଇ ଦିଆଯାଇଥିବାରୁ ଶନିବାର ଛୁଟିଦିନ ଥିଲେ ମଧ୍ୟ ଆୟକର ଓ ଜିଏସ୍‌ଟି କାର୍ଯ୍ୟାଳୟ ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଖୋଲା ରହିଥିଲା। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ଲାଗି ଜିଏସ୍‌ଟି ଆଦାୟ ୧୧.୪୭ ଲକ୍ଷ କୋଟି ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେହିପରି ୧୨ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ତେବେ ଫେବୃଆରୀ ସୁଦ୍ଧା ସରକାର ୧୦.୭୦ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ କରିପାରିଛନ୍ତି। ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ସରକାର ମାର୍ଚ୍ଚ ୨୩ ସୁଦ୍ଧା ୧୦.୨୧ ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି।

### ଆମ୍‌ୱେର ନୂଆ ପ୍ରଡକ୍ଟ

ନୂଆଦିଲ୍ଲୀ,୩୦-୩: ଆମୱେ ଇଣ୍ଡିଆ ପକ୍ଷରୁ ପର୍ସନାଲ କେୟାର ବର୍ଗରେ ଏହାର ସଦ୍ୟତମ ଉତ୍ପାଦ ପର୍ସୋନା ଜର୍ମ ପ୍ରୋଟେକ୍ସନ ଆଣ୍ଡ ମଇଶ୍ଚରାଇଜିଂ ଲିକ୍ୱିଡ ହ୍ୟାଣ୍ଡୱାସକୁ ଉନ୍ମୋଚନ କରାଯାଇଛି। ଏହା ଦ୍ୱାରା କମ୍ପାନୀ ଏହାର ପର୍ସନାଲ କେୟାର ପୋର୍ଟଫୋଲିଓକୁ ଆହୁରି ସୁଦୃଢ କରିଛି। ନୂଆ ପ୍ରଡକ୍ଟରେ ଗ୍ରାହକମାନେ ଆଲୋଭେରାର ପୋଷଣ ପାଇପାରିବେ। ପରିମଳ କ୍ଷେତ୍ରରେ ହେଉଥିବା ଅଭିବୃଦ୍ଧିକୁ ଧ୍ୟାନରେ ରଖି ନୂଆ ପ୍ରଡକ୍ଟ ବଜାରକୁ ଆଣିଥିବା କମ୍ପାନୀର ମୁଖ୍ୟ ମାର୍କେଟିଂ ଅଧିକାରୀ ସୁଦୀପ ଶାହ ସୂଚନା ଦେଇଛନ୍ତି।

### ବିବେକ ଗୁପ୍ତା ସେଲ୍‌ର ନୂଆ ନିର୍ଦ୍ଦେଶକ

ଭୁବନେଶ୍ୱର,୩୦-୩: ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ(ସେଲ୍)ର ନୂଆ ନିର୍ଦ୍ଦେଶକ ଭାବେ ବିବେକ ଗୁପ୍ତା ଅବସ୍ଥାପିତ ହୋଇଛନ୍ତି। ସେ କମ୍ପାନୀର କଞ୍ଚାମାଲ ତଥା ଲଜିଷ୍ଟିକ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିବେ। ୧୯୮୦ରେ ଏନ୍‌ଆଇଟି ଆଲ୍ଲାହାବାଦରୁ ସିଭିଲ୍ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ସେ ସେଲ୍‌ରେ ଜଣେ ମ୍ୟାନେଜମେଣ୍ଟ ଟ୍ରେନିଂ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ସେଲ୍‌ରେ ତାଙ୍କର ଦୀର୍ଘ ୩୮ ବର୍ଷର କାର୍ଯ୍ୟ ଅଭିଜ୍ଞତା ରହିଛି। ସେଲ୍‌ର ବିଭିନ୍ନ ଫାସିଲିଟିରେ ଗୁପ୍ତା ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଛନ୍ତି।

### ଚିତ୍ରକୋଣ୍ଡାରେ ଏଚ୍‌ଡିଏଫ୍‌ସିର ନୂଆ ଶାଖା

ଭୁବନେଶ୍ୱର,୩୦-୩: ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ଗ୍ରାମ ପଞ୍ଚାୟତ ଅଫିସ ଗ୍ରାଉଣ୍ଡ ଫ୍ଲୋରଠାରେ ନୂଆ ଶାଖା ଶୁଭାରମ୍ଭ ହୋଇଛି। ବିଏସ୍‌ଏଫ୍ କମାଣ୍ଡାଣ୍ଟ ୮ ବିଏନ୍ ଏ.କେ. ଆର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଶାଖା ପ୍ରବନ୍ଧକ ହେମନ୍ତ ସିଲ୍, ବ୍ୟାଙ୍କର ଦକ୍ଷିଣ ଓଡ଼ିଶା ସମୂହର ଡେପୁଟି ଉପସଭାପତି ଦେବେନ୍ଦ୍ର ନାଥ ଜେନା ଏବଂ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ନୂଆ ଶାଖା ଦ୍ୱାରା ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଉପକୃତ ହେବେ ବୋଲି ଶାଖା ପ୍ରବନ୍ଧକ ସିଲ୍ କହିଛନ୍ତି। ପୂର୍ବରୁ ଏହି ଅଞ୍ଚଳର ଲୋକମାନଙ୍କୁ ବ୍ୟାଙ୍କ ସେବା ପାଇଁ ୨୫ କିମି ପର୍ଯ୍ୟନ୍ତ ଯିବାକୁ ପଡୁଥିଲା। ଲୋକଙ୍କ ନିକଟରେ ବ୍ୟାଙ୍କ ସେବା ପହଞ୍ଚାଇବା ନେଇ ବ୍ୟାଙ୍କର ପ୍ରତିଶ୍ରୁତିକୁ ପାଳନ କରି ଏହି ଶାଖା ଖୋଲାଯାଇଥିବା ସିଲ୍ ସୂଚନା ଦେଇଛନ୍ତି। ବ୍ୟାଙ୍କ ଏହାର ୫୩% ଶାଖା ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ଖୋଲିଥିବା ସୂଚନା ରହିଛି।

---

> ସଫଳତା ପାଇବା ମନୋବୃତ୍ତି ରଖି ତୁମେ ଏକ ନିର୍ଦ୍ଦିଷ୍ଟ ପଥରେ ଆଗେଇଲେ ଯେକୌଣସି ବୟସ ଏଥିପାଇଁ ବାଧକ ନୁହେଁ।
> —ସଚିନ ବଂଶଲ, ଉଦ୍ୟୋଗୀ



> ଲୋକଙ୍କୁ ସଶକ୍ତ କରିବାର ଆବଶ୍ୟକତା ରହିଥିବା ବେଳେ ଏ ନେଇ ରହିଥିବା ବ୍ୟବସ୍ଥା ସେଥି ପାଇଁ ସକ୍ଷମ ନୁହେଁ।
> —ରଘୁରାମ ରାଜନ, ପୂର୍ବତନ ଆର୍‌ବିଆଇ ଗଭର୍ଣ୍ଣର



---

### ଟିକସ ଫାଙ୍କି ରୋକିବା ଉଦ୍ୟମ

# ସୋସିଆଲ ମିଡିଆ ଉପରେ ରହିବ ନଜର

ନୂଆଦିଲ୍ଲୀ,୩୦-୩




- ପ୍ରୋଜେକ୍ଟ ଇନ୍‌ସାଇଟର ବ୍ୟବହାର କରିବ ଆୟକର ବିଭାଗ
- ୧୦୦୦ କୋଟିର କାର୍ଯ୍ୟକ୍ରମ
- ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ
- ମାର୍ଚ୍ଚ ୧୫ରୁ ଅଧିକାରୀଙ୍କୁ ସଫ୍ଟୱେର ବ୍ୟବହାର ଅନୁମତି

ଟିକସ ଫାଙ୍କିବା ଏବେ ଅସମ୍ଭବ ନ ହେଲେ ମଧ୍ୟ କଷ୍ଟକର ହେବ। କାରଣ ଆୟକର ବିଭାଗ ଟିକସ ଫାଙ୍କି ଉପରେ ଅଙ୍କୁଶ ଲଗାଇବା ଲାଗି ଏପ୍ରିଲ ପହିଲାରୁ ବିଗ୍ ଡାଟା ଆନାଲିଟିକ୍ସ ବ୍ୟବହାର କରିବାକୁ ଯାଉଛି। 'ପ୍ରୋଜେକ୍ଟ ଇନ୍‌ସାଇଟ' ନାମକ ୧୦୦୦ କୋଟି ଟଙ୍କାର କାର୍ଯ୍ୟକ୍ରମ ଜରିଆରେ ଟିକସଦାତାଙ୍କ ସୋସିଆଲ ନେଟୱର୍କିଂ ପ୍ରୋଫାଇଲ ଉପରେ ନଜର ରଖିବ ଆୟକର ବିଭାଗ। ଏପ୍ରିଲ ପହିଲାରୁ ସୋସିଆଲ ମିଡିଆରେ ଅପ୍‌ଲୋଡ କରାଯାଉଥିବା ଫଟୋ ଓ ଭିଡିଓ ଜରିଆରେ ଟିକସଦାତାଙ୍କ ଖର୍ଚ୍ଚର ପରିମାଣ ଜାଣିବାକୁ ଆୟକର ବିଭାଗ ଚେଷ୍ଟା କରିବ।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କୌଣସି ଟିକସଦାତା ଘୋଷିତ ଆୟ ତୁଳନାରେ ସାମଗ୍ରୀ କ୍ରୟ ଓ ଯାତ୍ରାରେ ଅଧିକ ଖର୍ଚ୍ଚ କରିଥିଲେ ଏବଂ ରିଟର୍ନରେ ଏ ସମ୍ପର୍କରେ ଉଲ୍ଲେଖ କରି ନ ଥିଲେ ଅଡୁଆରେ ପଡିବା ନିଶ୍ଚିତ। ତାଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆୟକର ଅଧିକାରୀମାନଙ୍କୁ ଚଳିତ ମାସ ୧୫ରୁ ଏ ସମ୍ପର୍କିତ ସଫ୍ଟୱେର ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ଏ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ଜଣେ ଅଧିକାରୀ କହିଛନ୍ତି ଯେ, ଜଣେ ଟିକସଦାତା ବିଦେଶ ଯାତ୍ରା କରିବା ପରେ ଅଥବା ମହଙ୍ଗା କାର୍, ଘର ଆଦି କିଣା ସମ୍ପର୍କରେ ସୋସିଆଲ ମିଡିଆରେ ଫଟୋ ଓ ଭିଡିଓ ପୋଷ୍ଟ କରିଥିଲେ ତାଙ୍କର ଆୟକର ରିଟର୍ନକୁ ତୁରନ୍ତ ଯାଞ୍ଚ କରାଯିବ। ତାଙ୍କର ଆୟର ସୂତ୍ର ଜାଣିବା ପରେ ଖର୍ଚ୍ଚ ଅଧିକ କରାଯାଇଥିଲେ ବିଭାଗୀୟ ଅଧିକାରୀମାନେ ଏହାର ବିଶ୍ଳେଷଣ କରିବା ଲାଗି ବିଗ୍ ଡାଟା ବ୍ୟବହାର କରିପାରିବେ ଏବଂ ଟିକସଦାତାଙ୍କ ଆୟ-ବ୍ୟୟରେ ଥିବା ଅସମାନତା ସମ୍ପର୍କରେ ଯାଞ୍ଚ କରିବେ। ସୂଚନାନୁଯାୟୀ, ବିଭାଗୀୟ ଅଧିକାରୀମାନେ ଏକ ମାଷ୍ଟର ଫାଇଲ ମଧ୍ୟ ବ୍ୟବହାର କରିପାରନ୍ତି। ଏଥିରେ ବ୍ୟକ୍ତି ଓ କର୍ପୋରେଟ ଜଗତର ସମ୍ପୂର୍ଣ୍ଣ ମହତ୍ତ୍ୱପୂର୍ଣ୍ଣ ବିବରଣୀ ସଂଗ୍ରହ କରି ରଖାଯାଇଛି। ଟିକସ ଫାଙ୍କୁଥିବା ବ୍ୟକ୍ତିବିଶେଷଙ୍କୁ ଧରିବା, ରିଟର୍ନ ଦାଖଲ କରିବା ଏବଂ ଟିକସ ପୈଠକାରୀଙ୍କ ସଂଖ୍ୟା ବୃଦ୍ଧି କରିବା ପ୍ରୋଜେକ୍ଟର ମୁଖ୍ୟ ଉଦ୍ଦେଶ୍ୟ। ଇନ୍‌ସାଇଟ ପ୍ରୋଜେକ୍ଟ ଏକୀକୃତ ସୂଚନା ପରିଚାଳନା ପ୍ରଣାଳୀ ହେବ, ଯାହାଦ୍ୱାରା ଉଚିତ୍ ସମୟରେ ଠିକ୍ ପଦକ୍ଷେପ ନେବାରେ ମେସିନ ଲର୍ନିଂର ସହାୟତା ନେଇ ହେବ। ଟିକସ ଫାଙ୍କି ରୋକିବା ଲାଗି ବିଗ୍ ଡାଟା ବ୍ୟବହାର କରୁଥିବା ଦେଶ ବେଲଜିୟମ, କାନାଡା ଏବଂ ଅଷ୍ଟ୍ରେଲିଆ ସହ ଭାରତ ଯୋଡି ହୋଇଯିବ। ୨୦୧୦ରେ ବ୍ରିଟେନରେ ଏହି ପ୍ରଯୁକ୍ତି ଆରମ୍ଭ ହେବା ପରଠାରୁ ଏପରି ପ୍ରଣାଳୀରେ ପ୍ରାୟ ୪.୧ ବିଲିୟନ ପାଉଣ୍ଡ ରାଜସ୍ୱ କ୍ଷତିକୁ ରୋକାଯାଇପାରିଛି।

## ହିରୋ ମୋଟୋକର୍ପ ସମ୍ମାନିତ




ଭୁବନେଶ୍ୱର,୩୦-୩: କ୍ରୀଡା କ୍ଷେତ୍ରର ବିକାଶ ଲାଗି ପ୍ରମୁଖ ଦୁଇ ଚକିଆଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ୍ ଇଣ୍ଟରନ୍ୟାଶନାଲ କନ୍‌ଭେନସନ ଅନ୍ ବିଜନେସ ଅଫ ଫୁଟବଲ- 'ଗୋଲ -୨୦୧୯' କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇଛି। ବିଶେଷକରି ଫୁଟବଲ କ୍ରୀଡାର ବିକାଶ ଦିଗରେ କମ୍ପାନୀର ଯୋଗଦାନ ଥିବାରୁ ଶିଳ୍ପ ସଂଘ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି) ପକ୍ଷରୁ ଏହା ସମ୍ମାନିତ ହୋଇଛି। ବନଡେସିଲଗା ଇଣ୍ଟରନ୍ୟାଶନାଲର ସିଇଓ ରବର୍ଟ କ୍ଲେଇନ,ହିରୋ ମୋଟୋକର୍ପର କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ଭରତେନ୍ଦୁ କବିଙ୍କୁ ଏକ ସ୍ମୃତିଫଳକ ପ୍ରଦାନ ସହ ପୁରସ୍କୃତ କରିଛନ୍ତି।

# ଜିଡିପି ଡାଟାକୁ ସୁବ୍ରମଣ୍ୟନଙ୍କ ସମର୍ଥନ

ଚେନ୍ନାଇ,୩୦-୩


କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ।

ଜିଡିପି ଡାଟାକୁ ନେଇ ଏବେ ଦେଶବ୍ୟାପୀ ବିତର୍କ ଚାଲିଥିବା ବେଳେ ମୁଖ୍ୟ ଆର୍ଥିକ ପରାମର୍ଶଦାତା କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ଏବେ ଏଥିରେ କୁଦି ପଡ଼ିଛନ୍ତି। ସରକାରଙ୍କ ଡାଟାକୁ ସମର୍ଥନ କରି ସେ ନିଜର ମତ ରଖିଥିବା ବେଳେ ଆର୍‌ବିଆଇର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନଙ୍କ ଯୁକ୍ତିକୁ ପରୋକ୍ଷରେ ବିରୋଧ କରିଛନ୍ତି। ସେ କହିଛନ୍ତି ଯେ, ପ୍ରକାଶ ପାଇଥିବା ଜିଡିପି ଡାଟା ଠିକ୍ ଅଛି। ଦେଶ ୭.୫% ହାରରେ ଆଗେଉଥିବା ବେଳେ ସତ୍ୟକୁ ଲୁଚାଇବା ଲାଗି ମିଥ୍ୟା ସ୍ଲୋଗାନ ଜାରି କରିବା ଲୋକଙ୍କ ପାଇଁ କଷ୍ଟକର ହୋଇପଡୁଛି।

ସୂଚନାଥାଉ କି, ମିଡିଆ ସହ ଆଲୋଚନା କାଳରେ ରାଜନ ଭାରତରେ ଅଧିକ ନିଯୁକ୍ତି ସୃଷ୍ଟି ନ ହୋଇ କିପରି ୭% ହାରରେ ଜିଡିପି ଅଭିବୃଦ୍ଧି ହେଉଛି ସେ ନେଇ ସନ୍ଦେହ ବ୍ୟକ୍ତ କରିଥିଲେ। ଜିଡିପି ଡାଟାକୁ ନେଇ ସୃଷ୍ଟି ହୋଇଥିବା ସନ୍ଦେହ ଦୂର ପାଇଁ ସ୍ୱାଧୀନ ଅର୍ଥନୀତିଜ୍ଞଙ୍କ ଦ୍ୱାରା ଏହାର ଆକଳନ କରାଯାଉ ବୋଲି ସେ ଦାବି କରିଥିଲେ। ସିଆଇଆଇ ବୈଠକରେ ଯୋଗଦେଇ ଭାରତର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ସୁବ୍ରମଣ୍ୟନ କହିଛନ୍ତି ଯେ, ଦେଶର ଅର୍ଥନୀତି ଦ୍ରୁତଗତିରେ ଅଭିବୃଦ୍ଧି ହାସଲ କରୁଛି। ଖବରକାଗଜରେ ଜିଡିପି ଡାଟା ନେଇ ଆରମ୍ଭ ହୋଇଥିବା ବିବାଦ ଭିତରେ ଗତ ୫ ବର୍ଷ ଭିତରେ ଏହା ଅତି ଉଚ୍ଚ ହାରରେ ଅଭିବୃଦ୍ଧି ହାସଲ କରୁଛି। ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବେ ଗତବର୍ଷ ଡିସେମ୍ବରରେ ଯୋଗଦେବା ପରେ ମାତ୍ର ୩ ମାସ ମଧ୍ୟରେ ସେ ଜିଡିପି ଅଭିବୃଦ୍ଧିର ବିଭିନ୍ନ ଦିଗ ଖୋଜି ପାଇଛନ୍ତି ବୋଲି ସୁବ୍ରମଣ୍ୟନ କହିଛନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟହୋଇଛି ଯେ,ସତକୁ ଲୁଚାଇବା ଲାଗି ମିଥ୍ୟା ସ୍ଲୋଗାନ ତିଆରି କରିବା କଷ୍ଟକର ହୋଇପଡୁଛି। ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ଏବେ ଦେଶର ଜିଡିପି ବିକାଶ ହାର ସବୁଠୁ ଅଧିକ ବୋଲି ସେ କହିଛନ୍ତି। କିଭଳି ଏହାକୁ ଆକଳନ କରାଯାଉଛି ,ତାହାକୁ ନେଇ ଭିନ୍ନ ମତ ଥାଇପାରେ,କିନ୍ତୁ ଦେଶ ଉଚ୍ଚ ବିକାଶ ପଥରେ ଆଗେଇ ଚାଲିଛି। ବିଶ୍ୱରେ ବିରୂପ ଆର୍ଥିକ ଗତିବିଧି ଚାଲିବା ଏବଂ ବ୍ୟାଙ୍କଗୁଡ଼ିକ ନିକଟରେ ଅର୍ଥର ଅଭାବ ରହିବା ସତ୍ତ୍ୱେ ଦେଶର ବିକାଶ ଆଗେଇଛି। ଜିଏସ୍‌ଟି ଓ ଆଇବିସି ସବୁ କିଛି ବଦଳାଇ ଦେଇଛି।

## ଉଦ୍ୟୋଗ ବିକାଶ ସଂକ୍ରାନ୍ତ ଯୁବ ସମ୍ମିଳନୀ ଏପ୍ରିଲ୧ରେ

ଭୁବନେଶ୍ୱର,୩୦-୩: ତୃଣମୂଳ ସ୍ତରରେ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ଲାଗି ଏକ ଯୁବ ସମ୍ମିଳନୀ ସ୍ଥାନୀୟ ରେଳ ଅଡିଟୋରିୟମଠାରେ ଏପ୍ରିଲ୧ରେ ଅନୁଷ୍ଠିତ ହେବ। ଭାରତୀୟ ଯୁବା ଶକ୍ତି ଟ୍ରଷ୍ଟ(ବିୱାଇଏସ୍‌ଟି) ପକ୍ଷରୁ ଆୟୋଜନ ହେଉଥିବା ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ନିଯୁକ୍ତି ସୃଷ୍ଟି ଲାଗି ଗ୍ରାମାଞ୍ଚଳର ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଅଭିବୃଦ୍ଧି ଧାରାକୁ ତ୍ୱରାନ୍ୱିତ କରିବା ସହ ଗ୍ରାମାଞ୍ଚଳର ଯୁବକମାନଙ୍କୁ ଠିକ୍ ମାର୍ଗଦର୍ଶନ ଦ୍ୱାରା ନିଯୁକ୍ତି ସୃଷ୍ଟି ଉପରେ ବର୍ତ୍ତମାନ ଗୁରୁତ୍ୱାରୋପ କରାଯାଉଛି। କାର୍ଯ୍ୟକ୍ରମରେ ୬୦୦୦ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି। ଏଠାରେ ବିଶେଷଜ୍ଞମାନେ ସେମାନଙ୍କ ଅଭିଜ୍ଞତା ବଖାଣିବା ସହ ମତାମତ ରଖିବେ। କାର୍ଯ୍ୟକ୍ରମରେ ବିଭିନ୍ନ କର୍ପୋରେଟ ପ୍ରତିନିଧି ଏଥିରେ ସାମିଲ ହେବେ।

## ରିଲାଏନ୍ସ ସ୍ମାର୍ଟର ନୂଆ ଷ୍ଟୋର




ଭୁବନେଶ୍ୱର,୩୦-୩: ରିଲାଏନ୍ସ ରିଟେଲ୍‌ର ଲାର୍ଜ ଫର୍ମାଟ ସୁପରମାର୍କେଟ 'ରିଲାଏନ୍ସ ସ୍ମାର୍ଟ' ପକ୍ଷରୁ ସ୍ଥାନୀୟ ନୟାପଲ୍ଲୀରେ ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ଏହା ଇସ୍କନ ମନ୍ଦିରର ବିପରୀତ ପାର୍ଶ୍ୱରେ ଅବସ୍ଥିତ। ଗୋଟିଏ ଛାତ ତଳେ ବିସ୍ତୃତ ରେଞ୍ଜର ସାମଗ୍ରୀ ଏହି ଷ୍ଟୋର ଦ୍ୱାରା ଗ୍ରାହକ ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ତେଜରାଜି,ଫଳ, ପନିପରିବା, ଦୁଗ୍ଧ, କିଚେନୱେର, ହୋମୱେର ଏବଂ ପୋଷାକ ପତ୍ର ଭଳି ଅନ୍ୟାନ୍ୟ ବର୍ଗରେ ପ୍ରଡକ୍ଟ ଏଠାରେ ଉପଲବ୍ଧ ରହିଛି। ଷ୍ଟୋରରେ ଗ୍ରାହକଙ୍କୁ ପ୍ରଡକ୍ଟର ଏମ୍‌ଆର୍‌ପି ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ନୂଆ ଷ୍ଟୋରଟି ୨୧ ହଜାର ବର୍ଗଫୁଟ ସ୍ଥାନରେ ଖୋଲିଛି। ଏହା ରାଜ୍ୟର ଉକ୍ତ ବର୍ଗର ୪ର୍ଥ କମ୍ପାନୀ ଷ୍ଟୋର। ଦେଶର ୧୦୦ ସହରରେ କମ୍ପାନୀ ବର୍ତ୍ତମାନ ୧୫୦ ଏଭଳି ଷ୍ଟୋର ସହ ସେବା ଯୋଗାଉଥିବା କମ୍ପାନୀ ସୂଚନା ଦେଇଛି।

# ଜେଟ୍ ପାଇଲଟଙ୍କୁ ମିଳିବ ଡିସେମ୍ବର ଦରମାର ୮୭%

ନୂଆଦିଲ୍ଲୀ,୩୦-୩: ଦରମା ନ ପାଇବା ଏବଂ କମ୍ପାନୀର ପୁନରୁଦ୍ଧାର ଯୋଜନା ସ୍ପଷ୍ଟ ନ ହେବା କାରଣରୁ ଜେଟ୍ ଏୟାରୱେଜର ପ୍ରାୟ ୧୧୦୦ ପାଇଲଟ ଓ ଇଞ୍ଜିନିୟର ଏପ୍ରିଲ ପହିଲାରୁ ବିମାନ ନ ଉଡ଼ାଇବାକୁ ନିଷ୍ପତ୍ତି ନେବା ପରେ ସେମାନଙ୍କୁ ଡିସେମ୍ବର ଦରମାର ୮୭.୫% ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ପାଇଲଟ ସଂଗଠନ ନ୍ୟାଶନାଲ ଏଭିଏଟର୍ସ ଗିଲ୍ଡ ପକ୍ଷରୁ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ନିଜ ନିଷ୍ପତ୍ତିର ପୁନର୍ବିଚାର କରାଯିବା ନେଇ ଆଲୋଚନା କରାଯିବ ବୋଲି ଗିଲ୍ଡ ପକ୍ଷରୁ କୁହାଯାଇଛି। ଜେଟ୍ ଏୟାରୱେଜର ପ୍ରାୟ ୧୧୦୦ ପାଇଲଟଙ୍କୁ ପ୍ରତିନିଧିତ୍ୱ କରୁଥିବା ସଂଗଠନ ନ୍ୟାଶନାଲ ଏଭିଏଟର୍ସ ଗିଲ୍ଡ ବେତନ ନ ମିଳିବା ଏବଂ ୩୧ ମାର୍ଚ୍ଚ ସୁଦ୍ଧା କମ୍ପାନୀର ପୁନରୁଦ୍ଧାର ଯୋଜନା ସ୍ପଷ୍ଟ ନ ହେବା କାରଣରୁ ଏପ୍ରିଲ ପହିଲାରୁ ବିମାନ ଉଡ଼ାଇବେ ନାହିଁ ବୋଲି ଗତ ସପ୍ତାହରେ ଚେତାବନୀ ଶୁଣାଇଥିଲେ। ଜେଟ୍ ଏୟାରୱେଜ ସିଇଓ ବିନୟ ଦୁବେ ଗିଲ୍ଡକୁ ପତ୍ର ଲେଖି କହିଛନ୍ତି ଯେ, ରିଜଲ୍ୟୁଶନ ପ୍ଲାନ୍ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଛି। ଏହା ଏକ ଜଟିଳ ପ୍ରକ୍ରିୟା। ତଥାପି କମ୍ପାନୀ ଏ ଦିଗରେ ପଦକ୍ଷେପ ନେଉଛି। ସୂଚନାଥାଉ କି, ପାଇଲଟ ଓ ଇଞ୍ଜିନିୟରମାନଙ୍କରୁ ପ୍ରାୟ ୪ ମାସର ଦରମା ବକେୟା ରହିଛି। ବକେୟା ବେତନ ପୈଠ କରିବା ଲାଗି ଗିଲ୍ଡ ପକ୍ଷରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଧ୍ୟକ୍ଷ ରଜନୀଶ କୁମାରଙ୍କୁ ପତ୍ର ଲେଖାଯାଇଥିଲା।

## ବେଆଇନ ଅର୍ଥ କାରବାର ମାମଲାରେ ଦିଲ୍ଲୀ ହୋଟେଲ ଜବତ କଲା ଇଡି

ନୂଆଦିଲ୍ଲୀ,୩୦-୩: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀର ଏରୋସିଟି ଅଞ୍ଚଳର ହୋଟେଲ ହଲିଡେ ଇନ୍‌କୁ ଜବତ କରିଛି। ବେସାମରିକ ବିମାନ ଚଳାଚଳ ଯୋଗସୂତ୍ରକାରୀ ଦୀପକ ତଲୱାରଙ୍କ ବିରୋଧରେ ଆସିଥିବା ବେଆଇନ୍ ଅର୍ଥ କାରବାର ଅଭିଯୋଗ ଆଧାରରେ ଇଡି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଜେନ୍ସି ଚଳିତବର୍ଷ ତଲୱାରଙ୍କୁ ଦୁବାଇରୁ ଗିରଫ କରିଥିବା ଜଣାପଡିଛି।

### ଆମେରିକା ସାମଗ୍ରୀ ଉପରେ ସୀମା ଶୁଳ୍କ ବୃଦ୍ଧି ପ୍ରସଙ୍ଗ

# ପୁଣି ସମୟ ସୀମା ବଢ଼ାଇଲା ଭାରତ

ନୂଆଦିଲ୍ଲୀ,୩୦-୩: ଆମେରିକାରୁ ଆମଦାନୀ ହେଉଥିବା ପ୍ରାୟ ୨୯ ଉତ୍ପାଦ ଉପରେ ଉଚ୍ଚ ସୀମା ଶୁଳ୍କ ଲାଗୁ କରିବା ନେଇ ଭାରତ ନିଷ୍ପତ୍ତି ନେଇଥିବା ବେଳେ ଏଥି ଲାଗି ରହିଥିବା ସମୟ ସୀମାକୁ ପୁଣି ବଢାଇଛି। ଅର୍ଥାତ ମେ ୨ ପର୍ଯ୍ୟନ୍ତ ଭାରତ ଆମେରିକାର ନିର୍ଦ୍ଦିଷ୍ଟ ସାମଗ୍ରୀ ଉପରେ ଉଚ୍ଚ ସୀମା ଟିକସ ଲାଗୁ କରିବ ନାହିଁ ବୋଲି ଜଣା ପଡିଛି। ଆଲମଣ୍ଡ, ଡାଲି, ବାଦାମ ସମେତ ଅନ୍ୟାନ୍ୟ ସାମଗ୍ରୀ ଏହି ତାଲିକାରେ ରହିଛି। ଏପ୍ରିଲ ପହିଲାରୁ ଉଚ୍ଚ ଟିକସ ଲାଗୁ କରିବାକୁ ପୂର୍ବରୁ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଏହା ମେ ୨କୁ ଘୁଞ୍ଚାଯାଇଥିବା ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ୨୦୧୮ ଜୁନ ପରଠାରୁ ଭାରତ ଏହି ସମୟ ସୀମାକୁ ପ୍ରାୟ ୬ରୁ ଊର୍ଦ୍ଧ୍ୱଥର ପରିବର୍ତ୍ତନ କରିଛି। ଭାରତର ଆଲୁମିନିୟମ ଏବଂ ଇସ୍ପାତ ଉତ୍ପାଦ ଉପରେ ଆମେରିକା ଉଚ୍ଚ ଟିକସ ଲାଗୁ କରାଇବା ପରେ ଭାରତ ଆମେରିକାର ପ୍ରଡକ୍ଟ ଉପରେ ମଧ୍ୟ ଏଭଳି ଟିକସ ଲାଗୁ ନିଷ୍ପତ୍ତି ନେଇଥିଲା।

ଦୁଇ ପକ୍ଷ ମଧ୍ୟରେ ଆପୋଷ ବୁଝାମଣା ଦ୍ୱାରା ସମସ୍ୟା ସମାଧାନ କରିବାକୁ ଭାରତ ଚାହୁଁଛି। ମାତ୍ର ଭାରତୀୟ ରପ୍ତାନିକାରୀଙ୍କୁ ପ୍ରଦାନ କରାଯାଉଥିବା ରପ୍ତାନି ପ୍ରୋତ୍ସାହନକୁ ପ୍ରତ୍ୟାହାର କରିନେବାକୁ ଆମେରିକା ନିଷ୍ପତ୍ତି ନେଇଛି। ଭାରତୀୟ ରପ୍ତାନିକାରୀମାନେ ଜେନେରାଲାଇଜଡ ସିଷ୍ଟମ ଅଫ୍ ପ୍ରିଫରେନ୍ସ(ଜିପିଏସ୍) କାର୍ଯ୍ୟକ୍ରମରେ ପ୍ରୋତ୍ସାହନ ସୁବିଧା ସୁଯୋଗ ପାଉଥିଲେ। ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କକୁ ଦୃଢ କରିବା ଲାଗି ଭାରତ ପ୍ରୟାସ ଜାରି ରଖିଥିବା ଜଣାପଡିଛି।

### ଅପେକ୍ଷା କରିପାରେ ଆମେରିକା

**ୱାଶିଂଟନ୍,୩୦-୩:** ଭାରତକୁ ପ୍ରିଫରେନ୍ସିଆଲ ଟ୍ରେଡ ଟ୍ରିଟ୍‌ମେଣ୍ଟରୁ ବାଦ୍ ଦେବା ନେଇ ଆମେରିକା ପ୍ରଶାସନ ଏବେ ଅପେକ୍ଷା କରିପାରେ। ଜଣେ ବରିଷ୍ଠ ରିପବ୍ଲିକାନ ଏମ୍‌ପି ଜର୍ଜ ହୋଲ୍ଡିଂ ଭାରତରେ ସାଧାରଣ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବାଣିଜ୍ୟ ସଚିବ ରବର୍ଟ ଲାଇଟହାଇଜରଙ୍କୁ ଅନୁରୋଧ କରିଛନ୍ତି। ନିର୍ବାଚନ ପରେ ଅଧିକ ଆଲୋଚନା ପାଇଁ ବାଟ ଫିଟିବ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ଉଲ୍ଲେଖଥାଉ କି, ହୋଲ୍ଡିଂ ଭାରତ ସମର୍ଥକ ଇଣ୍ଡିଆ କକସ୍‌ର ସହ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ସେ କହିଛନ୍ତି ଯେ, ଭାରତ ଏବେ ଅଳ୍ପ ବିକଶିତ ଦେଶ ହୋଇ ରହିନାହିଁ। ଭାରତକୁ ଉକ୍ତ ମାନ୍ୟତା ଦିଆଯିବା ବେଳଠାରୁ ଆଜି ଭିତରେ ଅନେକ ଫରକ ରହିଛି। ଆମେରିକାକୁ ଏ ବିଷୟରେ ପୁନର୍ବିଚାର କରିବାକୁ ହେବ। ଭାରତରେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଏହାକୁ ନେଇ ଏବେ ଭାବିବା ଆବଶ୍ୟକତା ନାହିଁ।

**PARADIP PORT TRUST**
CORRIGENDUM (I) TO E-TENDER CALL NOTICE
No. EM/MM/PE/04/2018/1902TDR41, Dt. 28/02/2019
FOR SUPPLY OF ELECTRICAL ITEMS
The due date of submission of Tender & opening of EMD Bid is hereby further extended as below : (1) Last Date of submission of tender up to **5.00 PM of 18.04.2019**. (2) Opening of EMD Bid at **3.30 PM of 20.04.2019**. All other terms and conditions in the original tender remained unaltered. For details, log on to our website : **https://eprocure.gov.in/eprocure/app** or contact the office of the undersigned.
Sr. Dy. Materials Manager
PPT/PR/707/18-19 Dt : 30.03.19

**PARADIP PORT TRUST**
E-AUCTION NOTICE
Paradip Port Trust intent to Dispose of old used/damaged Transformer Oil on "as is where is basis" by e-auction through M/s. MSTC. For details, interested bidders may log on to **MSTC website www.mstcindia.co.in/ www.mstcecommerce.com.**
Sr. Dy. Materials Manager
PPT/PR/712/18-19 Dt : 30.03.2019

**PARADIP PORT TRUST**
CORRIGENDUM to e-TENDER CALL NOTICE
Name of the work **"Maintenance & Repair 45 nos. of GHC Quarter at Madhuban, Paradip"**. Last Date & time of submission of Bid: **02.04.2019** upto 17:00 Hrs. and opening of bid **04.04.19.** For details please refer our Website : **eprocure.gov.in/eprocure/app.**
Executive Engineer, Planning Division.
PPT/PR/705/18-19 Dated : 30.3.2019

**OFFICE OF THE CDM & PHO, GANJAM**
**CORRIGENDUM**
In pursuance to the Tender Call Advertisement No.3893/18-19 dtd: 28.02.2019, the last date of receipt of application for management of BMW in the District Tender is here by extended up to 15.04.2019 by 5 PM. and the proposals will be opened on 16.04.2019 at 4 PM. in the office chamber of the under signed in presence of the committee member and applied bidders. The revised terms and conditions are participating in the bidding is as follows.
The criteria for having own CBMW TF of service provider is here by relaxed looking into the non participation of such type of bidders. However it will take into consideration only in the case of non participating such bidders with due approval of competent authority. Other terms and conditions are remaining unchanged.
The undersigned reserves the right to reject any or all the proposals without assigning any reason thereof. The authority will not be responsible for any postal delay.
**Sd./- CDM & PHO, Ganjam**

**ବିଶେଷ ସୂଚନା**
ଆସନ୍ତା ସାଧାରଣ ନିର୍ବାଚନ-୨୦୧୯ ପାଇଁ ନିର୍ବାଚନ କମିଶନରଙ୍କ ଦ୍ୱାରା ନିଯୁକ୍ତି ହୋଇଥିବା ସାଧାରଣ ଏବଂ ବ୍ୟୟ ପର୍ଯ୍ୟବେକ୍ଷକ ଗଜପତି ଜିଲ୍ଲାରେ ପହଞ୍ଚିଛନ୍ତି। ଆବଶ୍ୟକ ସ୍ଥଳେ ଜନସାଧାରଣ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ।
1) Name of the General Observer : Sri Kamleshwar Prasad Singh, IAS
Mobile No. : (1) 9431507191 (2) 6200476921 (3) 7291192444
Landline : 06815-222098
E-Mail : singhkamleshwarprasad@gmail.com
Camp Office : Circuit House, Paralakhemundi
2) Name of the Expenditure Observer : Sri Om Prakash Bishnoi, IRS
Mobile No. : 9950310117
Landline 06815-222098
E-Mail observar136.137@gmail.com
Camp Office : Circuit House, Paralakhemundi
3) Name of the Expenditure Observer for PC : Dr. Sankar Prasad, IRS
Mobile No. : 8762301612
Sd./-
Collector & District Election Officer
Gajapati

## ଆଜିର ମ୍ୟାଚ



ସନ୍‌ରାଇଜର୍ସ ହାଇଦ୍ରାବାଦ
ବନାମ
ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର

ସ୍ଥାନ : ହାଇଦ୍ରାବାଦ
ସମୟ : ଅପରାହ୍ନ ୪ଟା

ଚେନ୍ନାଇ ସୁପର୍ କିଙ୍ଗ୍ସ
ବନାମ
ରାଜସ୍ଥାନ ରୟାଲ୍ସ

ସ୍ଥାନ : ଚେନ୍ନାଇ
ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

> ଆମ ଦଳର ମେଣ୍ଟର ମୁଥୟା ମୁରଲୀଧରନଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟକରିବାରୁ ମୁଁ ବୋଲିଂରେ ସଫଳ ହୋଇପାରୁଛି ।
> –ଶାହାବାଜ ନଦିମ, ସନରାଇଜର୍ସ ହାଇଦ୍ରାବାଦ ବୋଲର



> ଡେଭିଡ୍ ୱାର୍ନରଙ୍କ ଭଳି ବ୍ୟାଟ୍ସମ୍ୟାନ୍ ଯେତେବେଳେ ଭଲ ଫର୍ମରେ ଥାନ୍ତି, ତାଙ୍କୁ ସାମ୍ନା କରିବା ବୋଲରମାନଙ୍କ ପକ୍ଷେ କଷ୍ଟକର ହୋଇଥାଏ ।
> –ଅଜିଙ୍କ୍ୟ ରାହାନେ, ରାଜସ୍ଥାନ ରୟାଲ୍ସ ଅଧିନାୟକ



# କିଙ୍ଗ୍ସ ଇଲେଭେନର ୨ୟ ବିଜୟ

**ମୋହାଲି, ୩୦।୩ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଦ୍ୱାଦଶ ସଂସ୍କରଣରେ ଶନିବାର ଅପରାହ୍ଣରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଘରୋଇ କିଙ୍ଗ୍ସ ଇଲେଭେନ ପଞ୍ଜାବ ୮ ଉଇକେଟରେ ତାରକା ଖଚିତ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି । ରୋହିତ୍ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ପକ୍ଷରୁ ଧାର୍ଯ୍ୟ ୧୭୭ ରନର ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପଞ୍ଜାବ ୮ ବଲ୍ ଓ ୮ ଉଇକେଟ୍ ବଳକା ଥାଇ ହାସଲ କରିନେଇଥିଲା । ଫର୍ମକୁ ଫେରିଥିବା ଲୋକେଶ ରାହୁଲଙ୍କୁ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ପାଇଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା । ସିଜନରେ ପଞ୍ଜାବର ଏହା ୩ୟ ମ୍ୟାଚ୍‌ରୁ ୨ୟ ବିଜୟ । ଅପରପକ୍ଷରେ ମୁମ୍ବାଇ ୩ୟ ମ୍ୟାଚ୍‌ରୁ ୨ୟ ପରାଜୟବରଣ କରି ୨ ପଏଣ୍ଟ ସହ ଟେବୁଲ ତାଲିକାର ୬ଷ୍ଠ ସ୍ଥାନରେ ରହିଛି ।

ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ପାଇଁ ଓପନିଂ ଯୋଡ଼ିରେ ଅଧିନାୟକ ରୋହିତ୍ ଓ ଉଇକେଟ୍‌କିପର କ୍ୱିଣ୍ଟନ ଡି'କକ୍ ଭଲ ଆରମ୍ଭ କରିଥିଲେ । ଦଳୀୟ ସ୍କୋର ୫.୨ ଓଭରରେ ୫୧ ରନ ହୋଇଥିବା ବେଳେ ରୋହିତ୍ ୩୨ ରନ (୧୮ ବଲ୍, ୫ ଚୌକା) କରି ଆଉଟ୍ ହୋଇଥିଲେ । ଏହାପରେ ମୁମ୍ବାଇର ପରବର୍ତ୍ତୀ ବ୍ୟାଟ୍ସମ୍ୟାନ ସୂର୍ଯ୍ୟ କୁମାର ଯାଦବ (୧୧ ରନ) ଓ ଯୁବରାଜ ସିଂ (୧୮ ରନ) ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ସ୍କୋରରେ ପରିଣତ କରିବାରେ ବିଫଳ ହୋଇଥିଲେ । ଡି କକ୍ ମଧ୍ୟ ୩୯ ବଲରୁ ୬୦ ରନ (୬ ଚୌକା, ୨ ଛକା) କରି ତ୍ରୟୋଦଶ ଓଭରରେ ମହମ୍ମଦ ସାମିଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇ ବିଦାୟ ନେଇଥିଲେ । ତେବେ ଅନ୍ତିମ ଭାଗରେ ହାର୍ଦ୍ଦିକ ପାଣ୍ଡ୍ୟା ୧୯ ବଲରୁ ୩୧ ରନର ଦ୍ରୁତ ଇନିଂସ ଖେଳିବା ଯୋଗୁ ମୁମ୍ବାଇ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୭୬ ରନର ଏକ ସମ୍ମାନଜନକ ସ୍କୋର ଠିଆ କରାଇପାରିଥିଲା । ଅନ୍ୟମାନଙ୍କ ମଧ୍ୟରେ କିରଣ ପୋଲାର୍ଡ (୭ ରନ), କ୍ରୁନାଲ ପାଣ୍ଡ୍ୟା (୧୦) ନିରାଶ କରିଥିଲେ । ଘରୋଇ ବୋଲର ସାମି, ମୁରଗାନ ଅଶ୍ୱିନ ଓ ହାର୍ଡୁସ ଭିଜନ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ ।



ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଲୋକେଶ ରାହୁଲ ।

### ସଂକ୍ଷିପ୍ତ ସ୍କୋର

ମୁମ୍ବାଇ ଇଣ୍ଡିଆନ୍ସ- ୧୭୬/୭, ୨୦ ଓଭର (ରୋହିତ୍ ୩୨, ଡି କକ୍ ୬୦, ଯୁବରାଜ ୧୮, ପୋଲାର୍ଡ ୭, ହାର୍ଦ୍ଦିକ ୩୧, ମୁରଗାନ ୨/୨୫, ସାମି ୨/୪୨)।
କିଙ୍ଗ୍ସ ଇଲେଭେନ ପଞ୍ଜାବ- ୧୭୭/୨, ୧୮.୪ ଓଭର (ରାହୁଲ ୭୧*, ଗେଲ ୪୦, ମୟଙ୍କ ୪୩, ମିଲର ୧୫*, କ୍ରୁନାଲ ୨/୪୩)।

ଜବାବରେ କିଙ୍ଗ୍ସ ଇଲେଭେନ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ବଳରେ ଏହି ଟାର୍ଗେଟ୍‌କୁ ୧୮.୪ ଓଭରରେ ମାତ୍ର ୨ ଉଇକେଟ୍ ହରାଇ ହାସଲ କରିନେଇଥିଲା । ଓପନର ରାହୁଲ ୫୭ ବଲରୁ ୭୧ ରନର ଅପରାଜିତ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିଲେ । ଏହାମଧ୍ୟରେ ସେ ୬ ଚୌକା ଓ ଗୋଟିଏ ଛକା ମାରିଥିଲେ । ଡେଭିଡ୍ ମିଲର ୧୦ ବଲରୁ ୧୫ ରନ କରି ଅପରାଜିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିସ୍ଫୋରକ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ଗେଲ୍ ୨୪ ବଲରୁ ୪୦ ରନର ଦ୍ରୁତ ଇନିଂସ ଖେଳି ପ୍ରଥମ ଖେଳାଳିଭାବେ ଆଉଟ୍ ହୋଇଥିଲେ । ଓପନିଂ ଯୋଡ଼ିରେ ରାହୁଲଙ୍କ ସହ ମିଶି ଗେଲ ୫୩ ରନର ଭାଗୀଦାରି କରିଥିଲେ । ଯୁବ ଭାରତୀୟ ବ୍ୟାଟ୍ସମ୍ୟାନ ମୟଙ୍କ ଅଗ୍ରୱାଲ ମଧ୍ୟ ୨୧ ବଲର ଇନିଂସ ମଧ୍ୟରେ ୪ ଚୌକା ଓ ୨ ଛକା ସହାୟତାରେ ୪୩ ରନ କରିଥିଲେ । କ୍ରୁନାଲଙ୍କୁ ୨ଟି ଯାକ ଉଇକେଟ୍ ମିଳିଥିଲା ।

### ଗେଲ୍ ପ୍ରଥମ ଖେଳାଳି



ଆଇପିଏଲ୍ ଇତିହାସରେ ପ୍ରଥମ ଖେଳାଳି ଭାବେ କିଙ୍ଗ୍ସ ଇଲେଭେନ ପଞ୍ଜାବ ଓପନର କ୍ରିସ ଗେଲ୍ ୩୦୦ ଛକା ମାରିବାର କୃତିତ୍ୱ ଅର୍ଜନ କରିଛନ୍ତି । ଶନିବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ଅବସରରେ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି । ଏହି ମ୍ୟାଚ୍‌ରେ ସେ ୨୪ ବଲରୁ ୪୦ ରନର ଦ୍ରୁତ ଇନିଂସ ଖେଳିଥିଲେ, ଯାହା ମଧ୍ୟରେ ୩ ଚୌକା ଓ ୪ଟି ଛକା ସାମିଲ ଥିଲା । ମୁମ୍ବାଇର ମିଚେଲ ମ୍ୟାକଲେନଘାନଙ୍କୁ ଲଗାତର ୨ଟି ଛକା ମାରି ଗେଲ୍ ଏହି ବିରଳ କ୍ଲବରେ ସାମିଲ ହୋଇଥିଲେ । ୨୦୦୯ ସଂସ୍କରଣରେ କୋଲକାତା ନାଇଟ୍‌ରାଇଡର୍ସ ପକ୍ଷରୁ ଖେଳିଲା ବେଳେ ଡେକାନ ଚାର୍ଜର୍ସ ବିପକ୍ଷରେ ଗେଲ୍ ପ୍ରଥମ ଆଇପିଏଲ୍ ଛକା ମାରିଥିଲେ । ଗେଲ୍ ୨୦୧୧ରୁ ୨୦୧୭ ପର୍ଯ୍ୟନ୍ତ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ପ୍ରତିନିଧିତ୍ୱ କରି ସର୍ବାଧିକ ୨୩୯ ଛକା ମାରିଥିଲେ ।

### ଆଇପିଏଲ୍‌ରେ ସର୍ବାଧିକ ଛକା

| ଖେଳାଳି | ମ୍ୟାଚ୍ | ଛକା | ବଲ୍ ଖେଳିଛନ୍ତି |
|---|---|---|---|
| କ୍ରିସ ଗେଲ୍ | ୧୧୫ | ୩୦୨ | ୨,୭୩୪ |
| ଏବି ଡି ଭିଲର୍ସ | ୧୪୩ | ୧୯୨ | ୨,୬୭୦ |
| ମହେନ୍ଦ୍ର ସିଂ ଧୋନୀ | ୧୭୭ | ୧୮୭ | ୨,୯୪୧ |
| ସୁରେଶ ରାଇନା | ୧୭୮ | ୧୮୬ | ୩,୬୩୭ |
| ରୋହିତ୍ ଶର୍ମା | ୧୭୬ | ୧୮୫ | ୩,୪୯୩ |

## ଏନ୍‌ଗିଡିଙ୍କ ସ୍ଥାନରେ ସ୍କଟ୍

**ଚେନ୍ନାଇ, ୩୦।୩ (ପି.ଟି.):** ପେସ୍ ବୋଲର ଲୁଙ୍ଗି ଏନ୍‌ଗିଡି ଆଘାତପ୍ରାପ୍ତ ହୋଇଥିବାରୁ ଗତଥରର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଏହାର ଅବଶିଷ୍ଟ ମ୍ୟାଚ ପାଇଁ ଦଳରେ ନ୍ୟୁଜିଲାଣ୍ଡ ଅଲରାଉଣ୍ଡର ସ୍କଟ୍ କଗ୍‌ଲିଜିନ୍‌ଙ୍କୁ ସାମିଲ କରିଛି । ସେ ଆସନ୍ତା ସପ୍ତାହରେ ଦଳ ସହିତ ଯୋଗଦେବେ ବୋଲି ସିଏସ୍‌କେ ମୁଖ୍ୟ କୋଚ୍ ଷ୍ଟିଫେନ ଫ୍ଲେମିଂ ପ୍ରକାଶ କରିଛନ୍ତି । ଏନ୍‌ଗିଡି ଏଥର ଆଇପିଏଲ୍‌ରେ ଖେଳିପାରିବେ ନାହିଁ ବୋଲି ଟୁର୍ନାମେଣ୍ଟ ଆରମ୍ଭରୁ ସୂଚନା ମିଳିଥିଲା । ନିକଟରେ ନ୍ୟୁଲାଣ୍ଡ୍ସଠାରେ ଶ୍ରୀଲଙ୍କା ବିପକ୍ଷ ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଦକ୍ଷିଣ ଆଫ୍ରିକୀୟ ପେସ୍ ବୋଲର ଏନ୍‌ଗିଡି ବୋଲିଂ ବେଳେ କଷ୍ଟ ଅନୁଭବ କରିଥିଲେ । ଅନ୍ୟଜଣେ ବିଦେଶୀ ଖେଳାଳି ଇଂଲଣ୍ଡ ଅଲରାଉଣ୍ଡର ଡେଭିଡ୍ ୱିଲି ପାରିବାରିକ କାରଣ ଦର୍ଶାଇ ଦଳରୁ ଓହରିଯାଇଛନ୍ତି । ହେଲେ ତାଙ୍କ ସ୍ଥାନରେ କୌଣସି ଖେଳାଳିଙ୍କୁ ନିଆଯିବ ନାହିଁ ବୋଲି ଫ୍ଲେମିଂ ସ୍ପଷ୍ଟ କରିଛନ୍ତି । ସୂଚନାଯୋଗ୍ୟ, ଗତବର୍ଷ ଆଇପିଏଲରେ ସିଏସ୍‌କେ ଶେଷ ୩ଟି ମ୍ୟାଚ ପାଇଁ ଆଘାତପ୍ରାପ୍ତ କେଦାର ଯାଦବଙ୍କ ସ୍ଥାନରେ ୱିଲିଙ୍କୁ ଦଳରେ ନେଇଥିଲା । ଗତଥରର ଚାମ୍ପିୟନ ଏଥର ତାଙ୍କୁ ଦଳରେ ରଖିଥିଲା ।

## ଉତ୍ତରପ୍ରଦେଶଠାରୁ ଓଡ଼ିଶା ପରାସ୍ତ

**କଟକ ଅଫିସ, ୩୦।୩:** ସୁରଟ୍‌ର ସି.ବି ପଟେଲ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ୨୩ ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ଉତ୍ତରପ୍ରଦେଶ ଠାରୁ ୯ ଉଇକେଟରେ ପରାସ୍ତ ହୋଇଛି । ଟୁର୍ନାମେଣ୍ଟରେ ୬ଟି ମ୍ୟାଚ୍ ଖେଳି ସାରିଥିବା ଓଡ଼ିଶାର ଏହା ୪ର୍ଥ ପରାଜୟ । ୨ଟି ବିଜୟ ସହ ୮ପଏଣ୍ଟ ପାଇ ଏଲିଟ ଗ୍ରୁପ-ଏ ଓ ବି'ରେ ଓଡ଼ିଶା ୧୩ତମ ସ୍ଥାନରେ ରହିଛି । ଉତ୍ତରପ୍ରଦେଶ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା । ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୭୬ରନରେ ଅଲଆଉଟ ହୋଇଥିଲା । କୁନି ବଦରା ସର୍ବାଧିକ ୧୪ ରନ କରିଥିବା ବେଳେ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୧୧ରନ ଓ ରାମାଲକ୍ଷ୍ମୀ ଏକା ୧୦ରନ କରିଥିଲେ । ଉତ୍ତରପ୍ରଦେଶର କ୍ଷମା ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଛନ୍ତି । ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଛି ଉତ୍ତରପ୍ରଦେଶ । ବୋଲିଂରେ ଚମତ୍କାର କରିଥିବା କ୍ଷମା ୩୨ରନର ମ୍ୟାଚ ବିଜୟୀ ଇନିଂସ ମଧ୍ୟ ଖେଳିଥିଲେ ।

# ଇନିସ କପ୍‌ରେ ପ୍ରମୋଦଙ୍କୁ ସ୍ୱର୍ଣ୍ଣ

**କଟକ ଅଫିସ, ୩୦।୩**

ତୁର୍କୀର ଆଣ୍ଟାଲ୍ୟା ସହରରେ ଚାଲିଥିବା ୫ମ ପାରା ବ୍ୟାଡମିଣ୍ଟନ ଅନ୍ତର୍ଜାତୀୟ ଇନିସ କପ୍‌ରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଖେଳାଳି ପ୍ରମୋଦ ଭଗତ ୨ଟି ପଦକ ଜିତିଛନ୍ତି । ସିଙ୍ଗଲ୍ସ ବିଭାଗରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଫାଇନାଲ ମୁକାବିଲାରେ ସେ ଜାପାନର ପ୍ରତିଦ୍ୱନ୍ଦୀ ଡାଇସୁକି ଫୁଜିହାରାଙ୍କୁ ୨୧–୧୯, ୨୧–୧୭ ସେଟରେ ସିଧାସଳଖ ପରାସ୍ତ କରି ସ୍ୱର୍ଣ୍ଣ ଜିତିଛନ୍ତି । ଡବଲ୍ସ ବିଭାଗରେ ପ୍ରମୋଦ ଓ ମନୋଜ ସରକାରଙ୍କ ଯୋଡ଼ି ସେମିଫାଇନାଲରୁ ବିଦା ହେବା ସହ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ସେମି ମୁକାବିଲାରେ ଇଣ୍ଡୋନେସିଆର ଯୋଡ଼ି ଫେଡ୍ରି ସତ୍ୟବାନ – ଡୁକୋୟୋଙ୍କ ଠାରୁ ପ୍ରମୋଦ–ମନୋଜ ୧୨–୨୧, ୨୧–୧୨, ୧୨–୨୧ ସେଟରେ ହାରିଥିଲେ । ସୂଚନା ଥାଉକି ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ୪ଜଣ ଖେଳାଳି ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରୁଥିଲେ ।



# ସୁପର ଓଭରରେ ଜିତିଲା ଦିଲ୍ଲୀ

**ନୂଆଦିଲ୍ଲୀ,୩୦।୩ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦ୍ୱାଦଶ ସଂସ୍କରଣରେ ଶନିବାର କୋଲକାତା ନାଇଟ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଟାଇ ହୋଇଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ୨୦ ଓଭରରେ ୮ ଉଇକେଟ ହରାଇ ୧୮୫ ରନ ସଂଗ୍ରହ କରିଥିଲା । ଜବାବରେ ଦଲ୍ଲୀ ଯୁବ ଓପନର ପୃଥ୍ୱୀ ଶ'ଙ୍କ ୯୯ ରନର ଦ୍ରୁତ ଇନିଂସ ବଳରେ ୨୦ ଓଭରରେ ୬ ଉଇକେଟ ହରାଇ ସମାନ ୧୮୫ ରନରେ ସୀମିତ ରହିଥିଲା । ଫଳରେ ଚଳିତ ଆଇପିଏଲରେ ପ୍ରଥମ ଥର ପାଇଁ କୌଣସି ମ୍ୟାଚ ଟାଇ ହୋଇଛି । ଏହାପରେ ସୁପର ଓଭରର ସହାୟତା ନିଆଯାଇଥିଲା । ଏଥିରେ ଦିଲ୍ଲୀ ବିଜୟୀ ହୋଇଛି ।

୧୮୬ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଦିଲ୍ଲୀ ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଉଇକେଟ ସଅଳ ହରାଇଥିଲା । ଧାୱନ ୧୬ ରନ କରି ପୀୟୁଷ ଚାୱଲାଙ୍କ ବଲ୍‌ରେ ଆନ୍ଦ୍ରେ ରସେଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ । ଅଧିନାୟକ ଶ୍ରେୟାସ ଆୟର ୩୨ ବଲରୁ ୪ ଚୌକା ୨ ଛକା ସହ ୪୩ ରନକରି ରସେଲଙ୍କ ବଲ୍‌ରେ ଶୁବମନ ଗିଲଙ୍କୁ କ୍ୟାଚ୍ ଦେଇଥିଲେ । ରିଷଭ ପନ୍ତ ୧୧ରନ କରି ପ୍ୟାଭିଲିୟନ ଫେରିଥିଲେ । ଯୁବ ଓପନର ପୃଥ୍ୱୀ ଶ ୯୯ ରନ (୫୫ ବଲ, ୧୨ ଚୌକା, ୩ ଛକା) ରନ ଦ୍ରୁତ ପାଳି ଖେଳି ଆଉଟ ହେବା ସହ ଶତକରୁ ବଞ୍ଚିତ ହୋଇଥିଲେ । ସେ ଲୋକି ଫର୍ଗୁସନଙ୍କ ବଲ୍‌ରେ ଉଇକେଟ ପଛରେ ଦୀନେଶ କାର୍ତ୍ତିକଙ୍କୁ କ୍ୟାଚ୍ ଦେଇଥିଲେ । ବିଜୟ ପାଇଁ ୨ ରନ ଆବଶ୍ୟକ ହେଉଥିବା ବେଳେ ହନୁମା ବିହାରୀ ୨ ରନ କରିଥିବା ବେଳେ କୁଲଦୀପଙ୍କ ବଲ୍‌ରେ ଶୁବମନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ । ଅନ୍ତିମ ବଲରେ ବିଜୟ ପାଇଁ ୨ ରନ ଆବଶ୍ୟକ ହୋଇଥିବା ବେଳେ କଲିନ୍ ଇନ୍‌ଗ୍ରାମ୍ ଦ୍ୱିତୀୟ ରନ ନେବାକୁ ଯାଇ ରନ୍ ଆଉଟ ହୋଇଥିଲେ । ଫଳରେ ଦିଲ୍ଲୀ ୧୮୫/୬ରେ ସୀମିତ ହୋଇଥିଲା ଓ ମ୍ୟାଚ୍ ଟାଇ ହୋଇଥିଲା । ବୋଲିଂରେ କୋଲକାତା ତରଫରୁ କୁଲଦୀପ ୨, ଫର୍ଗୁସନ, ଚାୱଲା, ରସେଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା କୋଲକାତା ପାଇଁ ପୁଣି ଥରେ ଆନ୍ଦ୍ରେ ରସେଲ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି । ଅଧିନାୟକ ଦୀନେଶ କାର୍ତ୍ତିକ ମଧ୍ୟ ଦ୍ରୁତ ଗତିରେ ରନ ସଂଗ୍ରହ କରି ଦଳକୁ ସମ୍ମାଜନକ ସ୍କୋର ପ୍ରଦାନ କରିଥିଲେ । ଦଳର ଟପ୍ ଅର୍ଡର ଫେଲ୍ ମାରିଥିଲା । ଫଳରେ ଦଳ ୪୪ ରନରେ ୪ ଉଇକେଟ ହରାଇଥିଲା । ତେବେ ଷଷ୍ଠ ଉଇକେଟ ଯୋଡିରେ କାର୍ତ୍ତିକ ଓ ରସେଲ ୫୩ ବଲର ଦ୍ରୁତ ୯୫ ରନକରି ସ୍ଥିତି ସମ୍ଭାଳିଥିଲେ । ୩୬ଟି ବଲ୍ ଖେଳି କାର୍ତ୍ତିକ ୫ ଚୌକା ଓ ୨ ଛକା ସହ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ସେହିପରି ରସେଲ ୨୮ଟି ବଲରୁ ୪ ଚୌକା ଓ ୬ ଛକା ସହ ଦ୍ରୁତ ୬୨ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ରିସ ଲିନ୍ ୨୦, ପୀୟୁଷ ଚାୱଲା ୧୨, ରବିନ ଉଥାପ୍ପା ୧୧ ରନ କରି ଆଉଟ ହୋଇଥିବା ବେଳେ କୁଲଦୀପ ଯାଦବ ୧୦ ରନ କରି ଅପରାଜିତ ରହିଥିଲେ । ବୋଲିଂରେ ଦିଲ୍ଲୀ ତରଫରୁ ହର୍ଷଲ ପଟେଲ ୨, କାଗିସୋ ରବାଡ଼ା, ସନ୍ଦୀପ ଲାମିଚେନ, ମୋରିଶ ଓ ମିଶ୍ରା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ ।

# ଆଜି ଚେନ୍ନାଇକୁ ଭେଟିବ ରାଜସ୍ଥାନ

**ଚେନ୍ନାଇ,୩୦।୩(ପି.ଟି.)**

ରବିବାର ଆଇପିଏଲ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ଓ ରାଜସ୍ଥାନ ରୟାଲ୍ସ ପରସ୍ପରକୁ ଭେଟିବେ । ସ୍ଥାନୀୟ ଏମ୍. ଚନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଚେନ୍ନାଇ ଘରୋଇ ପରିବେଶରୁ ଫାଇଦା ଉଠାଇ କ୍ରମାଗତ ତୃତୀୟ ବିଜୟ ହାସଲ ଲକ୍ଷ୍ୟରେ ରହିଛି । ଘରୋଇ ଗ୍ରାଉଣ୍ଡରେ ଚେନ୍ନାଇ ଦ୍ୱିତୀୟ ମ୍ୟାଚ୍ ଖେଳିବ । ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍ ଏଠାରେ ଖେଳାଯାଇଥିଲା । ବାଙ୍ଗାଲୋର ପ୍ରଥମେ ବ୍ୟାଟିଂ କରି ମାତ୍ର ୭୦ ରନରେ ଅଲଆଉଟ ହୋଇଥିଲା ଓ ଚେନ୍ନାଇ ୧୮ ଓଭରରେ ୭୧ରନର ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଏହି ଲୋ– ସ୍କୋରିଂ ମ୍ୟାଚ୍ ପାଇଁ ମନ୍ଥର ପିଚ୍ ବା ଉଇକେଟକୁ ଦାୟୀ କରାଯାଇଥିଲା । ଉଭୟ ଦଳର ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ ବିରାଟ କୋହଲି ଏହି ଉଇକେଟକୁ ସମାଲୋଚନା କରିଥିଲେ । ତେବେ ରବିବାର ମ୍ୟାଚ୍‌ରେ ଏହି ପିଚ୍ କିଭଳି ଆଚରଣ ପ୍ରଦର୍ଶନ କରୁଛି ତାହା ଦେଖିବାକୁ ବାକି ରହିଲା । ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଥିବାରୁ ଚେନ୍ନାଇ ଆତ୍ମବିଶ୍ୱାସ ବେଶ୍ ଉଚ୍ଚରେ ରହିଛି ଓ ବିଜୟଧାରା ବଜାୟ ଲକ୍ଷ୍ୟରେ ରହିଛି । ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇଥିଲା । ଉଭୟ ବୋଲିଂ ଓ ବ୍ୟାଟିଂରେ ଚେନ୍ନାଇ ଆଶାନୁରୂପ ପ୍ରଦର୍ଶନ କରିପାରିଛି । ଅଭିଜ୍ଞ ହରଭଜନ ସିଂ, ଇମ୍ରାନ ତାହିର ଓ ଡ୍ୱେନ ବ୍ରାଭୋ ଦମ୍‌ଦାର ପ୍ରଦର୍ଶନ କରି ଦଳକୁ ଜିତାଇଛନ୍ତି ।

ଅପରପକ୍ଷରେ ରାଜସ୍ଥାନ ଏପର୍ଯ୍ୟନ୍ତ ଦୁଇଟି ମ୍ୟାଚ୍ ଖେଳି ଦୁଇଟିରେ ପରାଜୟ ବରଣ କରିଛି । ପ୍ରଥମ ମ୍ୟାଚରେ ରାଜସ୍ଥାନ ରବିଚନ୍ଦ୍ରନ ଅଶ୍ୱିନଙ୍କ କିଙ୍ଗ୍ସ ଏକାଦଶ ପଞ୍ଜାବଠାରୁ ହାରିଥିଲା । ଏହି ଜୋସ ବଟଲରଙ୍କ ମଙ୍କଡିଙ୍ଗ୍ ରନ ଆଉଟକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଥିଲା । ଶୁକ୍ରବାର ସଞ୍ଜୁ ସାମସନଙ୍କ ୧୦୨ ରନର ଶତକ ଶତକୀୟ ପାଳି ବଳରେ ଚ୍ୟାଲେଞ୍ଜିଂ ସ୍କୋର ହାସଲ କରିଥିଲେ ମଧ୍ୟ ରାଜସ୍ଥାନ ହାଇଦ୍ରାବାଦଠାରୁ ହାରିଥିଲା ।

# କିକ୍ ବକ୍ସିଂ ଫେଡେରେଶନ କପ୍‌ରେ ଓଡ଼ିଶାକୁ ୩୮ ପଦକ

**ଭୁବନେଶ୍ୱର, ୩୦।୩(ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ମାସ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ପୁଣେର ବାଲେବାଡ଼ି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ କିକ୍‌ବକ୍ସିଂ ଫେଡେରେଶନ କପ୍‌ରେ ଓଡ଼ିଶା ମୋଟ୍ ୩୮ ଗୋଟି ପଦକ ଜିତିଛି । ଏଥିରେ ୧୧ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୧୫ ବ୍ରୋଞ୍ଜ ପଦକ ରହିଛି । ପ୍ରତିଯୋଗିତାରେ ଓଡ଼ିଶାରୁ ୩୧ଜଣ ଖେଳାଳି କ୍ୟାଡେଟ୍, ଜୁନିୟର, ସିନିୟର ପଏଣ୍ଟ ଫାଇଟ୍, ଲାଇଟ୍ କଣ୍ଟାକ୍ଟ, କିକ୍ ଲାଇଟ୍ ଓ ମ୍ୟୁଜିକାଲ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ । ସେହିଭଳି ଓଡ଼ିଶାରୁ କାର୍ତ୍ତିକ ଡାକୁଆ, ଗଙ୍ଗାଧର ସାହୁ, ବିଚିତ୍ର ନାରାୟଣ ଜେନା, ସଞ୍ଜୀବ ଖେସ, ବିଚିତ୍ରାନନ୍ଦ ବେହେରା ଓ ବିକାଶ ଦାସ ମହାପାତ୍ର ଏହି ସମ୍ମାନଜନକ ପ୍ରତିଯୋଗିତାରେ ମ୍ୟାଚ ପରିଚାଳନା ପାଇଁ ମନୋନୀତ ହୋଇଥିଲେ । ଏଥିସହ ଫେଡେରେଶନ କପ୍‌ରେ ହୋଇଥିବା ବ୍ଲାକ ବେଲ୍ଟ ପରୀକ୍ଷାରେ ଓଡ଼ିଶାର ସାଇଗୌରବ ମହାପାତ୍ର, ସ୍ୱୟମ ସଙ୍କେତ ପ୍ରଧାନ, ଆୟୁଷ ସରକାର, ନମ୍ରତା ନନ୍ଦ ଓ ବିଶ୍ୱଦେବ ପ୍ରଥମ ଡାନ ବ୍ଲାକ ବେଲ୍ଟ ଏବଂ ଅଂଶୁମାନ ୨ୟ ଡାନ ଓ ଅମନ ନନ୍ଦା ୩ୟ ଡାନ ବ୍ଲାକ ବେଲ୍ଟ ସାର୍ଟିଫିକେଟ ୱାକୋ ଇଣ୍ଡିଆର ସଭାପତି ସନ୍ତୋଷ ଅଗ୍ରୱାଲଙ୍କଠାରୁ ଗ୍ରହଣ କରିଥିଲେ । ଏହି ଫେଡେରେଶନ କପ୍‌ରେ ୨୫ ରାଜ୍ୟରୁ ୧୩ ଶହ ଖେଳାଳି ଅଂଶଗ୍ରହଣ କରିଥିଲେ ।

ଓଡ଼ିଶା ଖେଳାଳିଙ୍କର ଜାତୀୟସ୍ତରରେ କୃତିତ୍ୱ ପାଇଁ ଆମେଚର କିକ୍ ବକ୍ସିଂ ଆସୋସିଏଶନର ମୁଖ୍ୟ ଉପଦେଷ୍ଟା ଭବାନୀ ପ୍ରସାଦ ମିଶ୍ର ଓ ଉପାଧ୍ୟକ୍ଷ ହେମନ୍ତ ଦାସ ଅଭିନନ୍ଦନ ଜଣାଇଛନ୍ତି ।

**ଓଡ଼ିଶାର ପଦକ ବିଜେତା: କ୍ୟାଡେଟ୍–**ଅସ୍ମିତ ଶେଖର (୧ ସ୍ୱର୍ଣ୍ଣ, ୧ ରୌପ୍ୟ), ସାଇଗୌରବ ମହାପାତ୍ର (୧ ସ୍ୱର୍ଣ୍ଣ, ୧ ରୌପ୍ୟ), ସ୍ୱୟମ ସଙ୍କେତ ପ୍ରଧାନ (୨ ସ୍ୱର୍ଣ୍ଣ), ସତ୍ୟଜିତ୍ ଦାସ (୧ ରୌପ୍ୟ), **ଜୁନିୟର ବର୍ଗ–** ଅଂଶୁମାନ ଡାକୁଆ (୧ ସ୍ୱର୍ଣ୍ଣ), ଆୟୁଷ ସରକାର (୨ ରୌପ୍ୟ), ସନ୍ଦୀପ ଘୋଷ (୧ ବ୍ରୋଞ୍ଜ), ପ୍ରତୀକ କୁମାର ଖାଲକୋ (୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ), କେ. ମୁକେଶ (୧ ବ୍ରୋଞ୍ଜ), ରୋହନ ଖାଁ (୧ ବ୍ରୋଞ୍ଜ), **ସିନିୟର ବର୍ଗ–** ଅମନ ନନ୍ଦା (୧ ବ୍ରୋଞ୍ଜ), ମିହିର କୁମାର ସାହୁ (୧ ସ୍ୱର୍ଣ୍ଣ ଓ ରୌପ୍ୟ), ପ୍ରେମାନନ୍ଦ ପରିଡ଼ା (୨ ବ୍ରୋଞ୍ଜ), ଶ୍ରୀଧର ଗୋଚ୍ଛାୟତ (୧ ରୌପ୍ୟ ଓ ବ୍ରୋଞ୍ଜ), ସଂଗ୍ରାମ ବେହେରା (୧ ବ୍ରୋଞ୍ଜ), ଗଣେଶ ବେହେରା (୧ ବ୍ରୋଞ୍ଜ), ଧର୍ମେନ୍ଦ୍ର ବେହେରା (୨ ବ୍ରୋଞ୍ଜ), ସୋନୁ ଓରାମ (୧ ରୌପ୍ୟ), ଅଶୋକ କୁନବର (୧ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ), ନମ୍ରତା ନନ୍ଦା (୧ ସ୍ୱର୍ଣ୍ଣ), ପୂଜା ଖାଲକୋ (୨ ରୌପ୍ୟ ଓ ୧ ବ୍ରୋଞ୍ଜ), ସେଲିନା ଟିଗା (୨ ରୌପ୍ୟ), ଅଶମିନ ମିଞ୍ଜ (୧ ସ୍ୱର୍ଣ୍ଣ), ନଜମା ଖାଁ (୧ ସ୍ୱର୍ଣ୍ଣ)।



ପଦକ ସହ କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା କିକ୍ ବକ୍ସିଂ ଦଳର ଖେଳାଳିମାନେ ।

“ ଲାଇସେନ୍ସପ୍ରାପ୍ତ ଫୁଟବଲ କ୍ଲବଗୁଡ଼ିକ ନିଜ ଅଞ୍ଚଳର ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ବିକଶିତ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଉଚିତ୍ ।

–ସୁନନ୍ଦୋ ଧର, ଆଇ-ଲିଗ୍ ସିଇଓ



“ ବର୍ତ୍ତମାନ ସମୟରେ ବ୍ୟାଡ୍‌ମିଣ୍ଟନ ଖେଳରେ ଲକ୍ଷ୍ୟ ହାସଲ କରିବାକୁ ହେଲେ ଶାରୀରିକ ଫିଟ୍‌ନେସ୍‌ରେ ଯଥେଷ୍ଟ ଉନ୍ନତି ଆଣିବାକୁ ପଡ଼ିବ ।

–କିଡାମ୍ବି ଶ୍ରୀକାନ୍ତ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



# ଫାଇନାଲରେ ଭାରତ ହାରିଲା


**ଆଜଲାନ ଶାହ କପ୍ ହକି**

ଇପୋ,୩୦।୩(ପି.ଟି.)

ଏଠାରେ ଖେଳାଯାଇଥିବା ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟରେ ଭାରତ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଶନିବାର ଖେଳାଯାଇଥିବା ଟାଇଟଲ ମୁକାବିଲାରେ ଭାରତ ଶୁଟ୍ ଆଉଟ୍‌ରେ ଦକ୍ଷିଣ କୋରିଆଠାରୁ ୪-୨ ଗୋଲରେ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଛି। ୫ଥର ଟାଇଟଲ ହାସଲ କରିଥିବା ଭାରତର ପୁରୁଣା ଶୁଟ୍ ଆଉଟ୍ ସମସ୍ୟା ଜାରି ରହିଛି ଓ ଦଳ ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଛି।

ବିଶ୍ୱ ର୍‍ୟାଙ୍କିଙ୍ଗର ୫ ନମ୍ବର ସ୍ଥାନରେ ଥିବା ଭାରତ ଟାଇଟଲ ମୁକାବିଲାରେ ଫେଭରାଇଟ ବିବେଚିତ ହେଉଥିଲା। ଅନ୍ୟପରେ ୧୭ ନମ୍ବର ସ୍ଥାନରେ ଥିବା କୋରିଆ ଶେଷରେ ବାଜି ମାରିଛି।

ମ୍ୟାଚ୍‌ର ନବମ ମିନିଟରେ ସିମରନଜିତ୍ ସିଂ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ତେବେ ଭାରତ ଏହାକୁ ବେଶି ସମୟ ବଜାୟ ରଖିପାରି ନ ଥିଲା। ୪୭ତମ ମିନିଟରେ କୋରିଆ ପେନାଲ୍ଟି ଷ୍ଟ୍ରୋକ ଜରିଆରେ ଗୋଲ ଦେଇ ମ୍ୟାଚ୍‌କୁ ସମାନସ୍ତରକୁ ଆଣିଥିଲା। ଏହି ପେନାଲ୍ଟି ଷ୍ଟ୍ରୋକ ନେଇ ଭାରତ ଭିଡିଓ ରେଫରାଲ ସହାୟତା ନେଇଥିଲା। ତେବେ କୌଣସି ଫଳ ମିଳି ନ ଥିଲା। ଫଳରେ କୋରିଆର ଜାଙ୍ଗ୍ ଜୋଙ୍ଗ ହ୍ୟୁନ କୌଣସି ତ୍ରୁଟି ନ କରି ଗୋଲ ଦେଇଥିଲେ। ନିର୍ଦ୍ଧାରିତ ସମସୟ ସୁଦ୍ଧା ମ୍ୟାଚ ୧-୧ ଗୋଲ ସମାନସ୍ତରରେ ରହିଥିଲା। ଫଳରେ ଶୁଟ୍ ଆଉଟର ସହାୟତା ନିଆଯାଇଥିଲ। ଶେଷରେ ଭାରତ ଏଥିରେ ୪-୨ରେ ପରାସ୍ତ ହୋଇଥିଲା।



କୋରିଆ ବିପକ୍ଷ ମ୍ୟାଚ୍‌ରେ ଭାରତର ମନପ୍ରୀତ୍ ସିଂ (ଡାହାଣ)।

ଶୁଟ୍ ଆଉଟ୍‌ରେ ଭାରତ ପ୍ରଥମ, ଚତୁର୍ଥ ଓ ପଞ୍ଚମ ପ୍ରୟାସରେ ବିଫଳ ହୋଇଥିଲା ଓ ଦୁଇଟି ପ୍ରୟାସରେ ଗୋଲ ସ୍କୋର କରିଥିଲା। ଅପରପକ୍ଷରେ କୋରିଆ ତୃତୀୟ ପ୍ରୟାସରେ ବିଫଳ ହୋଇଥିଲା। ଏଥି ସହିତ କୋରିଆ ତୃତୀୟଥର ପାଇଁ ଆଜଲାନ ଶାହା କପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଭାରତ ପାଇଁ ମନଦୀପ ସିଂ, ସୁମିତ କୁମାର ଜୁନିୟର ଓ ସୁମିତ ୱାନ- ଅନ - ୱାନ ପେନାଲ୍ଟି ଶୁଟ୍ ଆଉଟ୍‌ରେ ସୁଯୋଗ ହାତଛଡା କରିଥିଲେ। ତେବେ ଅଭିଜ୍ଞ ବୀରେନ୍ଦ୍ର ଲାକ୍ରା ଓ ବରୁଣ କୁମାର ସୁଯୋଗର ସଦ୍‌ବ୍ୟବହାର କରିଥିଲେ। ଅଭିଜ୍ଞ ପି.ଆର. ଶ୍ରୀଜେସଙ୍କ ବଦଳରେ ଯୁବ ଗୋଲ କିପର କିଷନ ବି ପାଠକ ଶୁଟ୍ ଆଉଟରେ ଦାୟିତ୍ୱ ତୁଲାଇଥିଲେ। ଅନ୍ୟପଟେ ଆୟୋଜକ ମାଲେସିଆ ତୃତୟ-ଚତୁର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ କାନାଡ଼ାକୁ ୪-୨ ଗୋଲରେ ହରାଇଛି ଓ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଶେଷଥର ପାଇଁ ଭାରତ ୨୦୧୦ରେ ଚାମ୍ପିୟନ ହୋଇଥିଲା। ବର୍ଷା କାରଣରୁ ଫାଇନାଲ ମ୍ୟାଚ୍ ବାତିଲ ହେବା ଫଳରେ ଭାରତ ଓ କୋରିଆ ଯୁଗ୍ମ ବିଜେତା ଘୋଷିତ ହୋଇଥିଲେ। ଟୁର୍ନାମେଣ୍ଟରେ ଭାରତୀୟ ଉପ-ଅଧିନାୟକ ସୁରେନ୍ଦ୍ର କୁମାର ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଛନ୍ତି।

## ଏସିଆନ ଏୟାରଗନ୍: ଭାରତକୁ ଆଉ ୩ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ,୩୦।୩(ପିଟି):** ଚାଇନିଜ ତାଇପେଠାରେ ଚାଲିଥିବା ୧୨ତମ ଏସିଆନ ଏୟାର ଗନ ପ୍ରତିଯୋଗିତାରେ ଶନିବାର ଭାରତକୁ ଆଉ ୩ ସ୍ୱର୍ଣ୍ଣ ପଦକ ମିଳିଛି। ସରବଜୋତ ସିଂ ଓ ଇଶା ସିଂ ୧୦ମିଟର ଏୟାର ପିସ୍ତଲ ପୁରୁଷ ଓ ମହିଳା ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଜୁନିୟର ଦଳଗତ ଇଭେଣ୍ଟରେ ସରବଜୋତ, ଅର୍ଜୁନ ଚିମା ଓ ବିଜୟବୀର ସିନ୍ଧୁଙ୍କୁ ନେଇ ଗଠିତ ଭାରତ ଦଳ ମଧ୍ୟ ଶୀର୍ଷ ସଫଳତା ପାଇଛି। ଏହାକୁ ମିଶାଇ ଟୁର୍ନାମେଣ୍ଟରେ ଭାରତୀୟ ଦଳର ପଦକ ସଂଖ୍ୟା ୧୪ରେ ପହଞ୍ଚିଛି। ଏଥିରେ ୮ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ରହିଛି। ଯୋଗ୍ୟତା ପର୍ଯ୍ୟାୟରେ ୫୭୯ ପଏଣ୍ଟ ସହ ଶୀର୍ଷ ସ୍ଥାନ ଅଧିକାର କରିଥିବା ସରବଜୋତ ଫାଇନାଲରେ ୨୩୭.୮ ସ୍କୋର କରିଥିଲେ। ତାଙ୍କ ପଛକୁ କୋରିଆର କିମ ଉଜଙ୍ଗ (୨୩୬.୬) ରହିଥିଲେ। ସମାନ ଇଭେଣ୍ଟରେ ବିଜୟବୀର (୨୧୭.୫) ବ୍ରୋଞ୍ଜ ପଦକ ଜିତିଥିଲେ। ସରବଜୋତ ଓ ବିଜୟବୀର ଓ ଅର୍ଜୁନ ଚିମାଙ୍କୁ ନେଇ ଗଠିତ ଭାରତୀୟ ଦଳ ସର୍ବାଧିକ ୧୭୧୮ ପଏଣ୍ଟ ହାସଲ କରି ଶୀର୍ଷ ସଫଳତା ପାଇଛନ୍ତି। ଇଶା ଯୋଗ୍ୟତା ପର୍ଯ୍ୟାୟରେ ଟପ୍ କରିବା ସହ ଫାଇନାଲରେ ସର୍ବାଧିକ ୨୩୫ ସ୍କୋର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନ୍ୟ ମହିଳା ଶୁଟର ହର୍ଷଦା ନିଥଭେ ଓ ଦେବାଂଶୀ ଧମା ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପଦକ ହାସଲ କରିବାରେ ସଫଳ ହୋଇନାହାନ୍ତି। ଏହି ତିନି ମହିଳା ଶୁଟର ମିଳିତ ଭାବେ ଦଳଗତ ଇଭେଣ୍ଟରେ ରୌପ୍ୟ ପଦକ ହାତେଇଥିଲେ।

## ଗାଙ୍ଗୁଲିଙ୍କ ବିରୋଧରେ ସ୍ୱାର୍ଥଗତ ଦ୍ୱନ୍ଦ୍ୱ ଅଭିଯୋଗ

ନୂଆଦିଲ୍ଲୀ, ୩୦।୩ (ପି.ଟି.)



ସୌରଭ ଗାଙ୍ଗୁଲିଙ୍କ ବିରୋଧରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓମ୍ବୁଡ୍ସମ୍ୟାନ ତଥା ଅବସରପ୍ରାପ୍ତ ବିଚାରପତି ଡି.କେ. ଜୈନଙ୍କ ନିକଟକୁ ଦୁଇଟି ଅଭିଯୋଗ ଆସିଛି। ପଶ୍ଚିମ ବଙ୍ଗର ଦୁଇଜଣ କ୍ରିକେଟପ୍ରେମୀ ରଣଜିତ୍ ସିଲ୍ ଏବଂ ଭସ୍ୱତି ଶାନ୍ତୁଆ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକଙ୍କ ବିରୋଧରେ ପୃଥକ୍ ପୃଥକ୍ ଭାବେ ଅଭିଯୋଗ ଆଣିଛନ୍ତି। ଗାଙ୍ଗୁଲି ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି)ର ସଭାପତି ରହିଥିବା ବେଳେ ଚଳିତ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସର ପରାମର୍ଶଦାତା ଭାବେ କାର୍ଯ୍ୟକରୁଛନ୍ତି। ଏପ୍ରିଲ ୧୨ରେ କୋଲକାତାରେ ଦିଲ୍ଲୀ କ୍ୟାପିଟାଲ୍ସ ଓ କୋଲକାତା ନାଇଟ ରାଇଡର୍ସ (କେକେଆର) ମଧ୍ୟରେ ମ୍ୟାଚ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ସେ ସମୟରେ ଗାଙ୍ଗୁଲିଙ୍କ ଭୂମିକା ନେଇ ସ୍ୱାର୍ଥଗତ ଦ୍ୱନ୍ଦ୍ୱ (କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ସୃଷ୍ଟି ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ହେଲେ ଗାଙ୍ଗୁଲି ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ, ଦିଲ୍ଲୀ କ୍ୟାଟିଟାଲ୍ସ ଦଳର ପରାମର୍ଶଦାତା ହେବା ଲାଗି ତାଙ୍କୁ ପୂର୍ବରୁ ଯେତେବେଳେ ଅଫର ମିଳିଲା ସେତେବେଳେ ସେ ବିସିସିଆଇ ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି (ସିଓଏ)ର ଅନୁମତି ନେଇଥିଲେ। ଏପ୍ରିଲ ୧୨ରେ ଇଡେନ ଗାର୍ଡେନଠାରେ ଦିଲ୍ଲୀ କ୍ୟାପିଟାଲ୍ସ ଓ କେକେଆର ମଧ୍ୟରେ ମ୍ୟାଚ ବେଳେ ସିଏବି ସଭାପତି ଭାବେ ଗାଙ୍ଗୁଲି ସ୍ଥାନୀୟ କ୍ୟୁରେଟରଙ୍କୁ ପ୍ରଭାବିତ କରିପାରନ୍ତି ବୋଲି କେତେ ଜଣ ଖେଳପ୍ରେମୀଙ୍କ ମନରେ ଧାରଣା ସୃଷ୍ଟି ହୋଇଛି।

## ଅଷ୍ଟ୍ରେଲିଆର କ୍ରମାଗତ ଚତୁର୍ଥ ବିଜୟ

**ଦୁବାଇ, ୩୦।୩ (ଏଏଫ୍‌ପି):** ଆବିଦ ଅଲି ଓ ମହମ୍ମଦ ରିଜ୍‌ୱାନଙ୍କ ଶତକ ସତ୍ତ୍ୱେ ଅଷ୍ଟ୍ରେଲିଆ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ପାକିସ୍ତାନକୁ ୬ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୫୦ ଓଭରରେ ୭ ଉଇକେଟରେ ୨୭୭ ରନ କରିଥିଲା। ଗ୍ଲେନ ମାକ୍ସୱେଲ ୯୮, ଉସ୍‌ମାନ ଖ୍ୱାଜା ୬୨ ଏବଂ ଆଲେକ୍ସ କାରେ ୫୫ ରନ କରିଥିଲେ। ପାକିସ୍ତାନ ୮ ଉଇକେଟ ହରାଇ ୨୭୧ ରନ କରିପାରିଥିଲା। ଦଳ ପକ୍ଷରୁ ଅନ୍ତର୍ଜାତୀୟ ଦିନିକିଆ ପଦାର୍ପଣ କରିଥିବା ଅଲି ୧୧୨ ରନ କରିଥିବା ବେଳେ ରିଜ୍‌ୱାନ ୧୦୪ ରନ କରିଥିଲେ। ଏହି ବିଜୟ ଦ୍ୱାରା ଅଷ୍ଟ୍ରେଲିଆ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୪-୦ରେ ଅଗ୍ରଣୀ ଲାଭ କରିପାରିଛି।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ:** ୫୦ ଓଭରରେ ୨୭୭/୭ ( ମାକ୍ସୱେଲ-୯୮, ଖ୍ୱାଜା-୬୨, କାରେ-୫୫, ମହମ୍ମଦ ହାସନେନ୍-୨/୫୨।

**ପାକିସ୍ତାନ:** ୫୦ ଓଭରରେ ୨୭୧/୮ ( ଆବିଦ ଅଲି-୧୧୨, ମହମ୍ମଦ ରିଜ୍‌ୱାନ-୧୦୪, କୁଲଟର ନାଇଲ-୩/୫୩,)।

## ଶ୍ରୀକାନ୍ତ ଫାଇନାଲରେ, ସିନ୍ଧୁ ପରାସ୍ତ

ନୂଆଦିଲ୍ଲୀ, ୩୦।୩ (ପି.ଟି.)



ଏଠାରେ ଚାଲିଥିବା ୩୫୦,୦୦୦ ଡଲାର ପୁରସ୍କାର ବିଶିଷ୍ଟ ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ପୂର୍ବତନ ଚାମ୍ପିୟନ କିଡାମ୍ବି ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ପି. ଭି ସିନ୍ଧୁ ମହିଳା ସେମିଫାଇନାଲରେ ପରାସ୍ତ ହୋଇଛନ୍ତି। ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ତଥା ଏଠାରେ ୨୦୧୭ ସଂସ୍କରଣ ଚାମ୍ପିୟନ ସିନ୍ଧୁ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଚାଇନାର ହି’ ବିଙ୍ଗଜିଆଓଙ୍କଠାରୁ ୨୧-୨୩, ୧୮-୨୧ରେ ପରାଜିତ ହୋଇଛନ୍ତି। ତୃତୀୟ ସିଡ୍ ବିଙ୍ଗ୍‌ଜିଆଓ ରବିବାର ଫାଇନାଲରେ ଥାଇଲାଣ୍ଡର ରାଚାନୋକ୍ ଇନ୍ଥାନନ୍‌ଙ୍କୁ ଭେଟିବେ। ସିନ୍ଧୁ କହିଛନ୍ତି, ପ୍ରଥମ ସେଟ୍‌ରେ ମୋତେ ଧୈର୍ଯ୍ୟ ଆବଶ୍ୟକତା ଥିଲା। ଏହା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ପ୍ରଥମ ସେଟ୍ ହାରିଯିବା ପରେ ମୁଁ ନର୍ଭସ ହୋଇଯାଇଥିଲି। ଫଳରେ ଦ୍ୱିତୀୟ ଗେମ୍‌ରେ ମୁଁ ତ୍ରୁଟି କରିଥିଲି। ଅନ୍ୟପକ୍ଷରେ ୨୦୧୭ରେ ଫ୍ରେଞ୍ଚ ଓପନ ଜିତିବାପରଠାରୁ ଶ୍ରୀକାନ୍ତ କୌଣସି ବିଡବ୍ଲ୍ୟୁଏଫ୍ ସୁପର ସିରିଜ ଅବା କୌଣସି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଟୁର୍ନାମେଣ୍ଟର ଫାଇନାଲକୁ ଉନ୍ନୀତ ହୋଇପାରି ନାହାନ୍ତି। ଗୁଣ୍ଟୁରର ଏହି ୨୬ ବର୍ଷୀୟ ଖେଳାଳି ଶନିବାର ସେମିଫାଇନାଲରେ ଚାଇନାର ହୁଆଙ୍ଗ ୟୁଜିଆଙ୍ଗ୍‌ଙ୍କୁ ୧୪-୨୧, ୨୧-୧୬, ୨୧-୧୯ରେ ହରାଇ ଦେଇଛନ୍ତି। ସେ ଫାଇନାଲରେ ଦ୍ୱିତୀୟ ସିଡ୍ ଭିକ୍ଟର ଏକ୍ସେଲସେନଙ୍କୁ ଭେଟିବେ। ଏକ୍ସେଲସେନ ଭାରତର ପାରୁପାଲ୍ଲୀ କାଶ୍ୟପଙ୍କୁ ୨୧-୧୧, ୨୧-୧୭ରେ ହରାଇ ଦେଇଛନ୍ତି।

## ଗୁଜରାଟକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୩୦।୩(ସ୍ପୋର୍ଟ୍ସ ବ୍ୟୁରୋ)

ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ତାମିଲନାଡୁର ମଦୁରାଇଠାରେ ଚାଲିଥିବା ୩ୟ ଫେଡେରେଶନ କପ୍ ଟେନିସ ବଲ୍ କ୍ରିକେଟ ଚାମ୍ପିୟନଶିପ୍‌ରେ ଶନିବାର ଓଡ଼ିଶା ୭ ଉଇକେଟ୍‌ରେ ଗୁଜରାଟକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୫୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଓଡ଼ିଶା ଏମ୍. ରାଉତଙ୍କ ଅପରାଜିତ ୨୪ ରନ ବଳରେ ୪.୩ ଓଭରରେ ୩ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

## ଫାଇନାଲରେ ଫେଡରର

ମାୟାମି,୩୦।୩(ଏଏଫ୍‌ପି)

ସୁଇଜରଲାଣ୍ଡର କିମ୍ବଦନ୍ତୀ ପୁରୁଷ ସିଙ୍ଗଲ୍ସ ଖେଳାଳି ରୋଜର ଫେଡରର ମାୟାମି ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଟାଇଟଲ ମୁକାବିଲାରେ ସେ ଜନ ଇସ୍ନରଙ୍କୁ ଭେଟିବେ। ଶନିବାର ଖେଳାଯିବାକୁ ଥିବା ସେମିଫାଇନାଲରେ ଫେଡରର ୬-୨, ୬-୩ ସେଟ୍‌ରେ ଡେନିସ ଶାପଭାଲୋଭଙ୍କୁ ହରାଇ ଦେଇଛନ୍ତି।

## ଆୟରେ ସାଇନା ଦ୍ୱିତୀୟ

ନୂଆଦିଲ୍ଲୀ,୩୦।୩(ପିଟି):

ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକଧାରୀ ସାଇନା ନେହ୍ୱାଲ ଚଳିତ ବର୍ଷର ପ୍ରଥମ କ୍ୱାର୍ଟରରେ ସର୍ବାଧିକ ଆୟ କରିଥିବା ମହିଳା ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ୨୮ ବର୍ଷୀୟା ସାଇନା ଚଳିତ ସିଜନରେ ଇଣ୍ଡୋନେସିଆ ମାଷ୍ଟର୍ସ ଟାଇଟଲ ଜିତିବା ସହ ମାଲେସିଆ ମାଷ୍ଟର୍ସ ଟୁର୍ନାମେଣ୍ଟର ସେମିଫାଇନାଲ ଓ ଅଲ ଇଂଲଣ୍ଡ ଚାମ୍ପିୟନଶିପର କ୍ୱାର୍ଟର ଫାଇନାଲରେ ସ୍ଥାନ ପାଇଥିଲେ। ଏଥିରୁ ସେ ୩୬,୮୨୫ ଆମେରିକୀୟ ଡଲାର ଆୟ କରିଛନ୍ତି। ଏହା ଭାରତୀୟ ମୁଦ୍ରାରେ ୨୫.୩୭ ଲକ୍ଷ ଟଙ୍କା। ଅଲ୍ ଇଂଲଣ୍ଡ ଚାମ୍ପିୟନ ଚେନ ୟୁଫେଇ ଚଳିତ ସିଜନର ପ୍ରଥମ କ୍ୱାର୍ଟରରେ ସର୍ବାଧିକ ଆୟ କରିଛନ୍ତି। ସେ ଏପର୍ଯ୍ୟନ୍ତ ୮୬,୩୨୫ ଆମେରିକୀୟ ଡଲାର ଆୟ କରିଛନ୍ତି। ଏହି ତାଲିକାରେ ଶୀର୍ଷ ର୍‍ୟାଙ୍କଧାରୀ ଚାଇନିଜ ତାଇପେ ଖେଳାଳି ତାଇ ଜୁ ୟିଙ୍ଗ (୩୬,୧୦୦ ଡଲାର) ୩ୟ ସ୍ଥାନରେ ରହିଛନ୍ତି। ତାଲିକାର ୪ର୍ଥ ସ୍ଥାନ ରହିଛନ୍ତି ପିଭି ସିନ୍ଧୁ। ପୁରୁଷ ବିଭାଗରେ ଜର୍ମାନୀ ଓପନ ଓ ଅଲ ଇଂଲଣ୍ଡ ଚାମ୍ପିୟନ ଜାପାନର କେଣ୍ଟୋ ମୋମୋଟା ସର୍ବାଧିକ ୯୪,୫୫୦ ଡଲାର ଆୟ ସହ ଶୀର୍ଷରେ ରହିଛନ୍ତି।

# ଆରୋଜକୁ ହରାଇ କ୍ୱାର୍ଟରରେ ଗୋଆ

ଭୁବନେଶ୍ୱର, ୩୦।୩(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ଏଫ୍ ସି ଗୋଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ଗୋଆ ୩-୦ ଗୋଲରେ ଫ୍ଲଏଡ ପିଣ୍ଟୋଙ୍କ ଇଣ୍ଡିଆନ ଆରୋଜକୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ଏହି ଏକପାଖିଆ ମ୍ୟାଚ୍‌ରେ ଗୋଆ ତରଫରୁ ପେରାନ କୋରୋମିନାସ ୧୮ତମ ମିନିଟରେ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ୬୦ତମ ମିନିଟ୍‌ରେ ହୁଗୋ ବୋମୋସ ଗୋଲ ଦେଇଥିଲେ। ଗୋଆ ୨-୦ରେ ଅଗ୍ରଣୀ ଥିବା ବେଳେ ଆରୋଜର ଦୀପକ ଟାଙ୍ଗ୍ରୀ ୮୦ ତମ ମିନିଟ ଆତ୍ମଘାତୀ ଗୋଲ ଦେଇଥିଲେ। ଫଳରେ ଶେଷରେ ଗୋଆ ୩-୦ରେ ବିଜୟୀ ହୋଇଥିଲା। ଏଥିସହିତ ଟୁର୍ନାମେଣ୍ଟର ୪ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବେଙ୍ଗାଲୁରୁ ସମେତ ଦିଲ୍ଲୀ ଡାଇନାମୋସ, ଗୋଆ ଓ ଚେନ୍ନାଇନ୍ ମଧ୍ୟ କ୍ୱାର୍ଟରକୁ ଉଠିଛି। ୪ଟି ଯାକ କ୍ୱାର୍ଟର ଫାଇନାଲ ଏପ୍ରିଲ ୪,୫,୬ ଓ ୭ ତାରିଖରେ ଖେଳାଯିବ।



ଇଣ୍ଡିଆନ୍ ଆରୋଜ୍ ଓ ଗୋଆ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଆରମ୍ଭରୁ ଗୋଆ ପ୍ରଭାବ ବିସ୍ତାର କରି ଖେଳିଥିଲା। ନିଜ ପେସ୍ ଓ ଚତୁରତା ସହ ଦାଏଦ କ୍ରୋଚ, ହୁଗୋ ବୋମୋସ ଓ ଜ୍ୟାକିଚାନ୍ଦ ସିଂ ଆରୋର ଡିଫେନ୍ସକୁ ଭେଦ କରିବାରେ ସକ୍ଷମ ହୋଇଥିଲେ। ପ୍ରାରମ୍ଭିକ ୨୦ ମିନିଟ୍‌ରେ ଗୋଆ ତରଫରୁ କ୍ରୋଚ୍ ପେନାଲ୍ଟି ପାଇଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନ ଥିଲେ। ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖାଦେଇଥିଲା। ତେବେ ଆରୋଜ ମଧ୍ୟ କେତୋଟି ସୁଯୋଗ ହାତଛଡ଼ା କରିଥିଲା। ୨-୦ରେ ପଛରେ ପଡି ପ୍ରତ୍ୟାବର୍ତ୍ତନ କରିବା ଆରୋଜ ପାଇଁ କଷ୍ଟକର ଥିଲା। ଆରୋଜ ବଦଳ ଖେଳାଳି ବ୍ରାଣ୍ଡନ ଫର୍ଣ୍ଣାଣ୍ଡିଜ୍ ଏକ ବିପଜ୍ଜନକ ଶଟ୍ ମାରିଥିଲେ ଓ ଏହା ଟାଙ୍ଗ୍ରୀଙ୍କ ଜଙ୍ଘରେ ବାଜି ନିଜ ସାଇଡ୍‌ର ନେଟକୁ ଚାଲିଯାଇଥିଲା। ଫଳରେ ଏହା ଆରୋଜ ପାଇଁ ଆତ୍ମଘାତୀ ଗୋଲ ସାବ୍ୟସ୍ତ ହୋଇଥିଲା। ଏହି ବୃହତ୍ ପରାଜୟ ସହ ଆରୋଜ ଟୁର୍ନାମେଣ୍ଟରୁ ବାଦ୍ ପଡିଛି।

### ମୋହନ ବାଗାନ ଓହରିଲା

**ଭୁବନେଶ୍ୱର,୩୦।୩(ସ୍ପୋର୍ଟ୍ସ ବ୍ୟୁରୋ):** ଏଠାରେ ଚାଲିଥିବା ସୁପରକପ୍ ଫୁଟବଲ ଟୁର୍ନାମେଣ୍ଟରେ ଗତଥରର ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛି। ତେବେ ବିନା ମ୍ୟାଚ୍ ଖେଳିବା ସହିତ ବେଙ୍ଗାଲୁରୁ ସିଧା ବାଇ ପାଇବା ସହ କ୍ୱାର୍ଟରକୁ ଉଠିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଖେଳାଯିବାକୁ ଥିବା ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରୁ ମୋହନ ବାଗାନ ଓହରିଯିବା ଫଳରେ ବେଙ୍ଗାଲୁରୁ ବିନା ବାଧାରେ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛି। ପଞ୍ଜିକରଣ ତାରିଖ ସୁଦ୍ଧା ମୋହନବାଗାନ ତା’ର ଖେଳାଳି ଓ ଷ୍ଟାଫ୍ ଏଣ୍ଟ୍ରି ଦାଖଲ ନ କରି ନ ଥିଲା। ଫଳରେ ଟୁର୍ନାମେଣ୍ଟରୁ ମୋହନ ବାଗାନ ଓହରିଯିବା ସ୍ପଷ୍ଟ ହୋଇଥିଲା।

**ୱାକଓଭର ପାଇ କ୍ୱାର୍ଟରରେ ଦିଲ୍ଲୀ**

ସେହିପରି ଶନିବାର ଖେଳାଯିବାକୁ ଥିବା ରାଉଣ୍ଡ ଅଫ୍ ୧୬ର ଦ୍ୱିତୀୟ ମ୍ୟାଚ୍‌ରୁ ଇଷ୍ଟ ବେଙ୍ଗଲ ଓହରିଯିବା ଫଳରେ ଦିଲ୍ଲୀ ଡାଇନାମୋସ ୱାକ୍ ଓଭର ପାଇଛି। ଏଥି ସହିତ ଦିଲ୍ଲୀ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରକାଶ ଯୋଗ୍ୟ, ଯୋଗ୍ୟତା ପର୍ଯ୍ୟାୟରେ ଗୋକୁଲମ୍ କେରଳ ନ ଖେଳିବାରୁ ଦିଲ୍ଲୀ ଡାଇନାମୋସ ୱାକଓଭର ପାଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ







## ବ୍ୟବସାୟୀଙ୍କ ପରଲୋକ

ବଇଣ୍ଡା,୩୦।୩(ଡି.ଏନ.ଏ)

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର ବ୍ୟବସାୟୀ ମୁରଲୀଧର ଟିବ୍ରୁୱାଲାଙ୍କ ଶୁକ୍ରବାର ରାତିରେ ବଇଣ୍ଡାସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ। ବଇଣ୍ଡା ବ୍ୟବସାୟିକ ସଂଘ, ବିକାଶ ପରିଷଦ ପକ୍ଷରୁ ଶୋକ ପ୍ରକାଶ ପାଇଛି।




## ହାଟରୁ ବେଆଇନ ଚାନ୍ଦା ଆଦାୟ

ବଇଣ୍ଡା,୩୦।୩(ଡି.ଏନ.ଏ)

ଆଠମଲ୍ଲିକ ବ୍ଲକ କୁର୍ଣ୍ଡିବାସପୁର ପଞ୍ଚାୟତ ଜରପଡ଼ା ସାପ୍ତାହିକ ହାଟରୁ ବେଆଇନ ଭାବେ ଚାନ୍ଦା ଆଦାୟ ହେଉଛି। ଏ ନେଇ ଗୋରୁ ବ୍ୟବସାୟୀଙ୍କ ପକ୍ଷରୁ ଶୁକ୍ରବାର ଅନୁଗୋଳ ଏସ୍‌ପିଙ୍କଠାରେ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ଏଠାରେ ଅନେକ ବ୍ୟକ୍ତି ଗୋରୁ ବ୍ୟବସାୟ କରୁଛନ୍ତି। ପ୍ରତ୍ୟେକ ବୁଧବାର ଏହି ସାପ୍ତାହିକ ହାଟରୁ ଗୋରୁ ବ୍ୟବସାୟୀଙ୍କଠାରୁ ସ୍ଥାନୀୟ ଥାନାର ଜଣେ କର୍ମଚାରୀ ଗାଡ଼ି ପିଛା ୧ ହଜାର ଟଙ୍କା ଲେଖାଏଁ ଚାନ୍ଦା ଆଦାୟ କରୁଛନ୍ତି। ୨ ସପ୍ତାହ ହେବ ଏଭଳି ବେଆଇନ ଚାନ୍ଦା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଫଳରେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକ କହିଛନ୍ତି, ଚାନ୍ଦା ଆଦାୟ ଅଭିଯୋଗର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

## ୩ରେ ନାମାଙ୍କନ ଦାଖଲ କରିବେ ବ୍ରଜ

କଣିହାଁ, ୩୦।୩(ଡି.ଏନ.ଏ)

ତାଳଚେର ନିର୍ବାଚନ ମଣ୍ଡଳୀରୁ ବିଜେଡି ଟିକେଟ ପାଇଥିବା ବ୍ରଜ କିଶୋର ପ୍ରଧାନ ଆସନ୍ତା ୩ ତାରିଖରେ ନାମାଙ୍କନ ପତ୍ର ଦାଖଲ କରିବେ। ଏ ନେଇ କଣିହାଁ ବ୍ଲକ ତାଳଚେର ନିର୍ବାଚନ ମଣ୍ଡଳୀରେ ବଡ଼ଗୁଣ୍ଡୁରୀ ଶ୍ରୀ ଜଗନ୍ନାଥ ମନ୍ଦିରଠାରେ ବିଜେଡି ପକ୍ଷରୁ ଶନିବାର ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ୯ ନଂ. ଜିଲାପରିଷଦ ଜୋନ ଅନ୍ତର୍ଗତ ୮ଟି ପଞ୍ଚାୟତର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ସନ୍ତୋଷ ପ୍ରଧାନ, ମୁରଲୀ ସାହୁ, ରଞ୍ଜନ ସାହୁ, ସୁନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

